# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 02 ଭାଗ ୩୩ | ସଂଖ୍ୟା ୦୨ | Tuesday 24 March 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୨୪ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ସଙ୍କଟ ସମୟରେ ଏକାଠି ଲଢ଼ିବାକୁ ମୋଦିଙ୍କ ଆହ୍ୱାନ

ପୃଷ୍ଠା ୪

## ଘରେ ଘରେ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ

### ମନ୍ତ୍ରୀ, ବିଧାୟକ ପହଞ୍ଚାଇଲେ ବାର୍ତ୍ତା



ଭୁବନେଶ୍ୱର,୨୩।୩ (ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷା ନୀତି ଅଧୀନରେ ଆସନ୍ତା ଏପ୍ରିଲ ୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ'। ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ପିଲାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଠାଇଛନ୍ତି ନିମନ୍ତ୍ରଣ। ସରକାରୀ ଅଧିକାରୀ ଓ ଜନପ୍ରତିନିଧିମାନେ ଘରକୁ ଘର ବୁଲି ଏହି ନିମନ୍ତ୍ରଣ ପହଞ୍ଚାଉଛନ୍ତି। ସମସ୍ତେ ମିଶି ପିଲାଙ୍କ ଭବିଷ୍ୟତ ଗଢ଼ିବା ଓ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସାମିଲ ହେବା ବୋଲି ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଉଛନ୍ତି।

ଏହି ନିମନ୍ତ୍ରଣପତ୍ରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ଅଭିଯାନରେ ଗୁଣାତ୍ମକ ଶିକ୍ଷା ହେଉଛି ଆମର ସବୁଠାରୁ ବଡ଼ ସମ୍ବଳ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନୂତନ ଶିକ୍ଷା ନୀତିର ସଫଳ ରୂପାୟନ କରିବାରେ ଓଡ଼ିଶା ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟ ସାଜିଛି। ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆରମ୍ଭ କରିଥିବା 'ଶିଶୁ ବାଟିକା' କେବଳ ଏକ ଶିକ୍ଷା କେନ୍ଦ୍ର ନୁହେଁ, ବରଂ ➪ପୃଷ୍ଠା-୬

## ନଇଁଲେ ଟ୍ରମ୍ପ୍ | ଯୁଦ୍ଧରେ ଲାଗିଲା ସାମୟିକ ବ୍ରେକ୍




- ୫ ଦିନ ପାଇଁ ଅସ୍ତ୍ରବିରତି ଘୋଷଣା
- ଅଦ୍ୟାବଧି ଆଲୋଚନା ଫଳପ୍ରସୂ ରହିଛି
- ପୂର୍ଣ୍ଣ ସହମତି ନ ହେଲେ ପୁଣି ଆକ୍ରମଣ

ୱାଶିଂଟନ୍: ୨୩।୩: ପାଖାପାଖି ୩ ସପ୍ତାହ ହେଲା ପଶ୍ଚିମ ଏସିଆରେ ଇସ୍ରାଏଲ୍-ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଥିଲା। ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିବା ବେଳେ କେହି ପଛକୁ ଫେରିବାକୁ ରାଜି ନଥିଲେ। ତେବେ ଆଜି ଏହି ମାମଲାରେ ଏକ ସ୍ୱତନ୍ତ୍ର ମୋଡ଼ ଆସିଛି। ଅର୍ଥାତ୍ ଦୁଇ ଦେଶ ମଧ୍ୟରେ ଯୁଦ୍ଧରେ ସାମୟିକ ଅସ୍ତ୍ରବିରତି ଘୋଷଣା କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଇରାନ୍‌ର ବିଭିନ୍ନ ପାୱାର ପ୍ଲାଣ୍ଟ୍ ଓ ଶକ୍ତି ଭିତ୍ତିଭୂମି ଉପରେ ପ୍ରସ୍ତାବିତ ଆକ୍ରମଣ ହେବ ନାହିଁ। ଦୁଇ ଦେଶ ମଧ୍ୟରେ ପ୍ରାରମ୍ଭିକ ଶାନ୍ତି ଆଲୋଚନା ଆରମ୍ଭ ହୋଇଥିବା ବେଳେ ଏହାର ସୁଫଳ ଆଶାରେ ଟ୍ରମ୍ପ୍ ଏପରି ଘୋଷଣା କରିଛନ୍ତି। ଟ୍ରମ୍ପ୍ ଆଜି ସୋସିଆଲ୍ ମିଡିଆ ଟ୍ରୁଥ୍ ସୋସିଆଲ୍‌ରେ ଉଲ୍ଲେଖ କରିଛନ୍ତି ଯେ ଅଦ୍ୟାବଧି ହୋଇଥିବା ଆଲୋଚନା ବେଶ୍ ଫଳପ୍ରଦ ରହିଛି। ଏହି ଆଲୋଚନା ସମ୍ପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠା ଓ ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନାରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଉଦ୍ଦିଷ୍ଟ। ଏହି କାରଣରୁ ଆମେରିକା ସେନାକୁ ଆଗାମୀ ୫ ଦିନ ପାଇଁ କୌଣସି ପ୍ରକାର ଆକ୍ରମଣରୁ ବିରତ ରହିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି ବୋଲି ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି।



ପରେ ସେ ଏକ ଇଂରାଜୀ ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଇରାନ୍‌ର ଶୀର୍ଷ ନେତୃତ୍ୱ ସହ ଗତ ଦୁଇ ଦିନ ହେଲା ଆଲୋଚନା ଚାଲିଛି। ଅଦ୍ୟାବଧି ହୋଇଥିବା ଆଲୋଚନା ଫଳପ୍ରସୂ ରହିଛି। ତେବେ ଏହି ଆଲୋଚନା ସଫଳ ହେବା ପରେ ଚୁକ୍ତିନାମା ସ୍ୱାକ୍ଷରିତ ହେବା ସମୟରେ ଇରାନ୍ ତା'ର ସମୃଦ୍ଧ ୟୁରାନିୟମ୍ ଭଣ୍ଡାରକୁ ଛାଡ଼ିବାକୁ ପଡ଼ିବ ବୋଲି ଟ୍ରମ୍ପ୍ ସର୍ତ୍ତ ରଖିଛନ୍ତି। ଏଥିସହ ସେ ଏହା ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ ଯଦି ଆଲୋଚନା ବିଫଳ ହୁଏ, ତା'ହେଲେ ପୁଣି ୫ ଦିନ ପରେ ଇରାନ୍ ଉପରେ ଆକ୍ରମଣ କରାଯିବ।

ତେବେ ଇରାନ୍‌ର ସୁପ୍ରିମ୍ ଲିଡର୍ ଏହି ଆଲୋଚନାଠାରୁ ଦୂରରେ ଥିବା ଏକ ଗଣମାଧ୍ୟମ ତା'ର ରିପୋର୍ଟରେ ଦାବି କରିଛି। ଏପରିକି କେତେକ ଇରାନୀୟ ଗଣମାଧ୍ୟମ ଉଭୟ ଦେଶ ମଧ୍ୟରେ କୌଣସି ପ୍ରକାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆଲୋଚନା ହେଉନଥିବା ମଧ୍ୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ଦୁଇ ଦିନ ତଳେ ଇରାନ୍‌କୁ ୪୮ ଘଣ୍ଟାର ଅଲଟିମେଟମ୍ ଦେଇଥିବା ଟ୍ରମ୍ପ୍‌ଙ୍କ ସ୍ୱର ଅଚାନକ ନରମିଯିବା ସମସ୍ତଙ୍କୁ ଚକିତ କରିଛି। ୪୮ ଘଣ୍ଟା ମଧ୍ୟରେ ଇରାନ୍ ଯଦି ହର୍ମୁଜ ପ୍ରଣାଳୀକୁ ସବୁ ଦେଶ ପାଇଁ ନ ଖୋଲେ, ତା'ହେଲେ ଦେଶର ଶକ୍ତି ଭିତ୍ତିଭୂମି ଓ ପାୱାର୍ ପ୍ଲାଣ୍ଟ୍ ଉପରେ ଆମେରିକା ସେନା ଆକ୍ରମଣ କରିବ ବୋଲି ➪ପୃଷ୍ଠା-୬

## ଗୃହ ଅଚଳ କରିବାକୁ ବିଜେଡିର ନିଷ୍ପତ୍ତି

- ପୁଣି ଧୋଇଗଲା ପ୍ରଶ୍ନକାଳ ଓ ଶୂନ୍ୟକାଳ
- ଫେଲ ମାରିଲା ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ
- ସ୍ୱାସ୍ଥ୍ୟମନ୍ତ୍ରୀ କାହିଁକି ଉତ୍ତରଦାୟିତ୍ୱ ନେଉନାହାଁନ୍ତି: ବିଜେଡି
- ନିଜ କେଲେଙ୍କାରୀ ଲୁଚାଇବାକୁ ବିରୋଧୀଙ୍କ ଉଦ୍ୟମ: ବିଜେପି



ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): କ୍ରମାଗତ ଭାବେ ପଞ୍ଚମ ଦିନ ପାଇଁ ଧୋଇଗଲା ବିଧାନସଭାର ପ୍ରଶ୍ନକାଳ ଓ ଶୂନ୍ୟକାଳ। ଆଞ୍ଚଳିକ ସମସ୍ୟାକୁ ଗୃହରେ ଉଠାଇପାରିଲେନି ବିଧାୟକ। ଏସସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ଗତ ୧୭ ତାରିଖରୁ ଲଗାତାର ଭାବେ ବିଧାନସଭାରେ ହଟ୍ଟଗୋଳ କରୁଛନ୍ତି ବିଜେଡି ଓ କଂଗ୍ରେସ ବିଧାୟକ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିରୋଧୀ ଗୃହକୁ ଅଚଳ କରୁଥିବା ବେଳେ ଶାସକ ଦଳ ମଧ୍ୟ ନିଜ ଜିଦରେ ରହିଛି। ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୂଳତବୀ ପ୍ରସ୍ତାବ ଆଲୋଚନା ହୋଇପାରୁନାହିଁ। ଏପରିକି ଖର୍ଚ୍ଚଦାବି ଆଲୋଚନାରେ ମଧ୍ୟ ଉଭୟ ବିରୋଧୀ ଦଳ ଅଂଶଗ୍ରହଣ କରୁନାହାନ୍ତି।

ସୋମବାର ପ୍ରଶ୍ନକାଳ ହୋଇନପାରିନଥିବା ବେଳେ ଶୂନ୍ୟକାଳରେ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ। ହେଲେ ସେଥିରୁ କିଛି ନିଷ୍କର୍ଷ ବାହାରିଲାନି। ପ୍ରଶ୍ନକାଳରେ ବିରୋଧୀଙ୍କ ନାରାବାଜୀ ମଧ୍ୟରେ ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ବଦଳରେ ରଖିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଅଭିଯୋଗ କରିଛନ୍ତି ଯେ ସପ୍ତାହେ ତଳେ ଏସସିବି ମେଡିକାଲରେ ନିଆଁ ଲାଗି ୧୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଲା। ସେବେଠୁ ବିଧାନସଭା ଚାଲିପାରୁନି। ବିଜେଡି ବାରମ୍ବାର ଦାବି କରିଛି ଯେ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ➪ପୃଷ୍ଠା-୬

### ସହିଦ ଦିବସରେ ଶ୍ରଦ୍ଧାଞ୍ଜଳି ସଭା, ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

## 'ଗୋଲାମି ମାନସିକତା'ରୁ ମୁକ୍ତ ହେବାକୁ ଆହ୍ୱାନ

ନୂଆଦିଲ୍ଲୀ,୨୩।୩: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର 'ସହିଦ ଦିବସ' ଅବସରରେ ଏଠାରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ପକ୍ଷରୁ ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିବା ବେଳେ ଏଥିରେ ଯୋଗଦେଇ ଭାରତ ମାତାର ଅମର ବୀର ସନ୍ତାନ ସହିଦ ଭଗତ ସିଂହ, ଶିବରାମ ରାଜଗୁରୁ ଓ ସୁଖଦେବ ଥାପଡ଼ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଆମେ ୯୫ତମ



ସହିଦ ଭଗତ ସିଂହ, ରାଜଗୁରୁ ଓ ସୁଖଦେବଙ୍କୁ ଶ୍ରଦ୍ଧାଞ୍ଜଳି

ସହିଦ ଦିବସ ପାଳନ କରୁଛୁ। ଆଉ ୫ ବର୍ଷ ପରେ ଏହାର ଶତାବ୍ଦୀ ବର୍ଷ ଓ ପ୍ରାୟ ୨୧ ବର୍ଷ ପରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳିତ ହେବ। ଭାରତର କୋଣଅନୁକୋଣରେ ସ୍ୱାଧୀନତା ସଂଗ୍ରାମର ସ୍ମୃତି ଗାଥା ଭରି ରହିଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କଠାରୁ ଆରମ୍ଭ କରି ଭଗତ ସିଂହ ଓ ସହିଦ ବାଜି ରାଉତଙ୍କ ପର୍ଯ୍ୟନ୍ତ ସମସ୍ତ ବୀରଙ୍କ ତ୍ୟାଗ ଓ ତପସ୍ୟା ଆମ ଜାତୀୟ ➪ପୃଷ୍ଠା-୬

### ସିବିଆଇ ନିର୍ଦ୍ଦେଶକ ପଦକୁ ନେଇ ହଲଚଲ

## ରେସ୍‌ରେ ଶତ୍ରୁଜିତ ସିଂ କାପୁର



ଭୁବନେଶ୍ୱର,୨୩।୩ (ସଂଚାର ବ୍ୟୁରୋ): ସେଣ୍ଟ୍ରାଲ ବ୍ୟୁରୋ ଅଫ ଇନଭେଷ୍ଟିଗେସନ (ସିବିଆଇ)ର ପରବର୍ତ୍ତୀ ନିର୍ଦ୍ଦେଶକ ପଦବୀକୁ ନେଇ ରାଜଧାନୀ ଦିଲ୍ଲୀର ପାୱାର କରିଡରରେ ହଲଚଲ ଆରମ୍ଭ ହୋଇଛି। ପୁଲିସ ପ୍ରଶାସନରେ ଏହି ଅନ୍ୟତମ ସର୍ବୋଚ୍ଚ ଓ କ୍ଷମତାଶାଳୀ ପଦବୀ ପାଇଁ ରେସରେ ବହୁ ବରିଷ୍ଠ ଆଇପିଏସ ଅଫିସର ଥିବା ବେଳେ ଚର୍ଚ୍ଚାରେ ଆଗୁଆ ଅଛନ୍ତି ବରିଷ୍ଠ ଆଇପିଏସ ଅଫିସର ଶତ୍ରୁଜିତ ସିଂ କାପୁର।

୧୯୯୦ ବ୍ୟାଚର ଆଇପିଏସ ଶତ୍ରୁଜିତ ସିଂ କାପୁର ଏବେ ଇଣ୍ଡୋ-ଟିବେଟାନ ବର୍ଡର ପୁଲିସ (ଆଇଟିବିପି) ଫୋର୍ସର ଡିଜି ଭାବେ କାର୍ଯ୍ୟ କରୁଛନ୍ତି। ସେ ଗତ ଜାନୁଆରୀରୁ ଏହି ଦାୟିତ୍ୱରେ ରହିଛନ୍ତି। ଏହା ପୂର୍ବରୁ ୨୦୨୩ ଅଗଷ୍ଟରୁ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ସେ ହରିଆଣାର ଡିଜିପି ଭାବେ କାର୍ଯ୍ୟ କରିଥିଲେ। ତେବେ ଜଣେ ସହଯୋଗୀ ଆଇପିଏସ ଅଫିସରଙ୍କ ଆତ୍ମହତ୍ୟା ବିବାଦ ପରେ ତାଙ୍କୁ ଆଇଟିବିପିକୁ ଡିଜି ଭାବେ ବଦଳି କରାଯାଇଥିଲା। ଏନଆଇଟି କୁରୁକ୍ଷେତ୍ରରୁ ମେକାନିକାଲ ଇଞ୍ଜିନିୟରିଂ ପରେ ଆଇପିଏସ ଭାବେ କ୍ୟାରିୟର କରିଥିବା ଶତ୍ରୁଜିତ ସିଂ କାପୁର ୨୦୦୨ରୁ ୨୦୦୮ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେସନରେ ଯାଇ ସିବିଆଇରେ କାମ କରିଥିଲେ। ୨୦୦୧ରୁ ୨୦୦୨ ପର୍ଯ୍ୟନ୍ତ ସେ କୋଶୋଭରେ ୟୁଏନ ପିସି କିପିଙ୍ଗ ମିଶନରେ ମଧ୍ୟ କାମ କରିଛନ୍ତି।

ସେହିପରି ଏହି ରେସରେ ଆଉ ଜଣେ ବରିଷ୍ଠ ଆଇପିଏସ ଅଫିସରଙ୍କ ନାଁକୁ ନେଇ ଆଲୋଚନା ହେଉଛି। ସେ ହେଉଛନ୍ତି ୧୯୯୦ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡର ଆଇପିଏସ ଅଫିସର ରାଜୀବ ଶର୍ମା। ସେ ଏବେ ରାଜସ୍ଥାନର ଡିଜିପି ଦାୟିତ୍ୱରେ ଅଛନ୍ତି। ଏଥିସହ ପୂର୍ବରୁ ତାଙ୍କର ସିବିଆଇରେ କାର୍ଯ୍ୟ କରିବାର ଦୀର୍ଘ ବର୍ଷର ଅଭିଜ୍ଞତା ମଧ୍ୟ ରହିଛି। ତେବେ ସେ ଚଳିତ ବର୍ଷ ଜୁନରେ ଅବସର ନେଉଛନ୍ତି।

## ଆରେ ଢମଣା ବୁଲି ବୁଲି ସେଇ ଅଗଣା



- ଫେରିବେ ରଘୁ ଓ ଜୀବନ ପ୍ରଦୀପ
- ରବୀନ୍ଦ୍ର ଜେନାଙ୍କୁ କାଉଣ୍ଟର ପ୍ଲାନ

ଭୁବନେଶ୍ୱର,୨୩।୩ (ସଂଚାର ବ୍ୟୁରୋ): ବିଜେଡିକୁ ଖୁବଶୀଘ୍ର ଫେରିବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ଏନେଇ ବିଜେଡି ସଭାପତିଙ୍କ ସହ ପ୍ରାରମ୍ଭିକ ଆଲୋଚନା ସରିଛି, ଖୁବଶୀଘ୍ର ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେବେ। ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିକୁ ଯିବା ପରେ ଦଳୀୟ ସଂଗଠନ ସମ୍ଭାଳିବାକୁ ଏହି ଦୁଇ ନେତାଙ୍କ ଦଳକୁ ଫେରାଇ ଆଣିବାକୁ ➪ପୃଷ୍ଠା-୬

### ବିଧାୟକଙ୍କ ସହ ୨୪ ମିନିଟ୍ | ସଙ୍କଟରେ ବୁଦ୍ଧି ଉଦୟ



ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): ଆଜି ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଏକ ଭିନ୍ନ ମୁଡ୍‌ରେ ଦେଖିବାକୁ ମିଳିଥିଲା। ପ୍ରଶ୍ନକାଳ ପରେ ଶୂନ୍ୟକାଳରେ ବିଜେଡି ଓ କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ମୁଲତବୀ ହେଲା। ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଲେ। ହେଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆସନ ଛାଡ଼ିଲେନି। ନିଜ ଆସନରେ ହିଁ ସେ ବସିରହିଲେ। ଆଉ ଦଳର ଯୁବ ଓ କିଛି ପୁରୁଖା ବିଧାୟକଙ୍କ ସହ ଖୁସି ମିଜାଜରେ ଗପିଲେ। ନବୀନଙ୍କ ଗପର ଏଭଳି ଦୃଶ୍ୟ ଦେଖିବାକୁ ସେପଟେ ପ୍ରେସ ଗ୍ୟାଲେରୀରେ ଦେଖିବାକୁ ମିଳିଥିଲା ବେଶ୍ ଉତ୍କଣ୍ଠା। ପୂର୍ବାହ୍ନ ୧୧ଟା ୩୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନବୀନଙ୍କୁ ଘେରି ରହିଥିଲେ ବିଧାୟକ ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ବିଜେଡିକୁ ପଞ୍ଚାୟତ ଓ ପୌର ନିର୍ବାଚନ ଚିନ୍ତା

### ଡିଆଁ ମାରୁଛନ୍ତି ତଳ ସ୍ତରର କର୍ମୀ

### ସମାନ୍ତରାଳ ସଂଗଠନ ଗଢ଼ିଲେଣି ନିଲମ୍ବିତ ନେତା



ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): ଦଳ ବିରୋଧରେ ଷଡଯନ୍ତ୍ର ଓ କ୍ରସ ଭୋଟିଂ ଅଭିଯୋଗରେ ବିଜେଡି ତା'ର ୮ ଜଣ ବିଧାୟକଙ୍କୁ ନିଲମ୍ବନ କରିସାରିଥିବା ବେଳେ ଏହାର ପ୍ରଭାବ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଭୋଗିବ ବୋଲି ଆଲୋଚନା ହେଲାଣି। କାରଣ ନିଲମ୍ବିତ ବିଧାୟକମାନେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ତାଙ୍କ ସମର୍ଥକମାନେ ଏବେ ବିଜେଡିଠାରୁ ଦୂରେଇବା ଆରମ୍ଭ କରିଦେଇଛନ୍ତି। ନିଲମ୍ବିତ ନେତାମାନେ ମଧ୍ୟ ଦଳୀୟ କର୍ତ୍ତୃପକ୍ଷଙ୍କ ଉପରେ ଭରସା ନ କରି ନିଜ ନିଜର ସମାନ୍ତରାଳ ସଂଗଠନ ଗଢ଼ିବାରେ ଲାଗିପଡ଼ିଲେଣି।

ଦଳ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ ଆଣି ବିଜେଡି ପ୍ରଥମେ ତା'ର ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ନିଲମ୍ବନ କରିଥିଲା। ସନାତନ ନୀରବ ରହିଥିବା ବେଳେ ଅରବିନ୍ଦ କିନ୍ତୁ ପାଟକୁରାରୁ ଭୁବନେଶ୍ୱର ପର୍ଯ୍ୟନ୍ତ କମ୍ପମାନ କରିଥିଲେ। ନିଲମ୍ବନର କାରଣ ନବୀନଙ୍କୁ ପଚାରିବା ସହ ପାଟକୁରାରେ ସମାନ୍ତରାଳ ସଂଗଠନ ଆରମ୍ଭ କରିଦେଇଛନ୍ତି। ଗତ ରାଜ୍ୟସଭାରେ ସେ କ୍ରସ ଭୋଟିଂ ବି କରିଛନ୍ତି।

ତେବେ ରାଜ୍ୟସଭା ନିର୍ବାଚନରେ ବିଜେଡିର ୬ ଜଣ ବିଧାୟକ କ୍ରସ ଭୋଟିଂ କରିବାରୁ ଦଳ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନ କରିଛି। ଏମାନଙ୍କ ଭିତରୁ ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଦଳ ବିରୋଧରେ ବିଦ୍ରୋହ ଆରମ୍ଭ କରିଛନ୍ତି। ନିଜ ନିଜର ଚେଲାଚାମୁଣ୍ଡାଙ୍କୁ ଧରି ସେମାନେ ସଭାସମିତି କରିବାରେ ଲାଗିଛନ୍ତି। ସେହିଭଳି କ୍ରସ ଭୋଟିଂ କରି ନିଲମ୍ବିତ ହୋଇଥିବା ବିଧାୟିକା ସୁବାସିନୀ ଜେନାଙ୍କ ସମର୍ଥକମାନେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଅବଶ୍ୟ ଅନ୍ୟ ତିନି ବିଧାୟକ ଚକ୍ରମଣି କହଁର, ନବ କିଶୋର ମଲ୍ଲିକ ଓ ରମାକାନ୍ତ ଭୋଇଙ୍କ ସମର୍ଥକମାନେ ଏଭଳି କିଛି ବି କରିନାହାନ୍ତି।

ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବା ବେଳେ ୮ଟି ବିଧାନସଭା କ୍ଷେତ୍ରରେ ବିଜେଡି ପାଇଁ ବଡ଼ ଆହ୍ୱାନ ସୃଷ୍ଟି ହେବ ବୋଲି ଆଲୋଚନା ହେଉଛି। କାରଣ ବିଧାୟିକ ନିଲମ୍ବିତ ହୋଇଥିବାରୁ ସେମାନଙ୍କ ସମର୍ଥକମାନେ ହତାଶ ହୋଇ ଦଳ ଛାଡ଼ିବାରେ ଲାଗିଛନ୍ତି। ମଉକାରୁ ଫାଇଦା ଉଠାଇ ଅସନ୍ତୁଷ୍ଟ କର୍ମୀମାନଙ୍କୁ ନିଜ ପଟକୁ ନେବା ପାଇଁ ବିଜେପି ଓ ➪ପୃଷ୍ଠା-୬

## ଶ୍ରୀଜଗନ୍ନାଥଙ୍କ ୩୬ବେଶ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,୨୨।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ଗରାପୁର ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମପୁରସ୍ଥିତ ଶ୍ରୀଜଗନ୍ନାଥ ଦିବ୍ୟାଙ୍ଗ ଅନୁଷ୍ଠାନ ଦ୍ୱାରା ଗତ ୧୯ତାରିଖ ଠାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୬ବେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଜି ଏହି କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ତୁଳସୀ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ସାମଲ, ଧର୍ମଜାଗରଣ ଜିଲ୍ଲା ସହସଂଯୋଜକ ଶଶାଙ୍କ କୁମାର ଜେନା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ଏଭଳି କାର୍ଯ୍ୟକ୍ରମ ସମାଜ ପାଇଁ ପ୍ରେରଣାଦାୟକ ବୋଲି ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ଦିବ୍ୟାଙ୍ଗ ବ୍ୟକ୍ତି ନିଜର ମନବଳକୁ ସୁଦୃଢ କରି ସମାଜ ତଥା ରାଷ୍ଟ୍ରର କଲ୍ୟାଣ ନିମି ବିଭିନ୍ନ ପରିକଳ୍ପନାକୁ ରୂପାୟିତ କରି ଉଦାହରଣ ସୃଷ୍ଟି କରିପାରିଲେ ସମାଜ ତଥା ରାଷ୍ଟ୍ରର ପୁନଃ ଉଥାନ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ ।

## ଗବେଷକ ନିରଞ୍ଜନ ମେକାପ ପାଇବେ କେନ୍ଦ୍ରାପଡ଼ା ଗୌରବ ସମ୍ମାନ



କେନ୍ଦ୍ରାପଡ଼ା, ୨୩।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ମାଟିର ପୁଅ ଶିକ୍ଷାବୀତ ତଥା ଗବେଷକ ନିରଞ୍ଜନ ମେକାପ କେନ୍ଦ୍ରାପଡା ଗୌରବ ସମ୍ମାନ-୨୦୨୬ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୮ତାରିଖ ସନ୍ଧ୍ୟାରେ ବସପୁର ଠାରେ ଆୟୋଜିତ ପ୍ରତିଭା ମହୋତ୍ସବ -୨୦୨୬ ଅବସରରେ ଗବେଷକ ଶ୍ରୀ ମେକାପଙ୍କୁ ଜିଲ୍ଲାର ସର୍ବୋଚ୍ଚ ସମ୍ମାନ 'କେନ୍ଦ୍ରାପଡା ଗୌରବ ସମ୍ମାନ' ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି । ସାହିତ୍ୟ ଓ ସଂସ୍କୃତି ଗବେଷଣା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଶ୍ରୀ ମେକାପଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଏଠାରେ ସୂଚନା ଯୋଗ୍ୟ ଯେ ଗବେଷକ ଶ୍ରୀ ମେକାପ ଶ୍ରୀ ଶ୍ରୀ ସିଦ୍ଧ ବଳଦେବ ଓ ତୁଳସୀ କ୍ଷେତ୍ର, ଜଗତଜନନୀ ଶାରଳା, ଇତିହାସ ପୃଷ୍ଠାରେ ଉତ୍ର ସଭ୍ୟତା, କେନ୍ଦ୍ରାପଡା ନୈବେଦ୍ୟ ରସାବଳୀ, ଆର୍ଯ୍ୟପୁତ୍ର, ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଭଳି ୬ଟି ପୁସ୍ତକ ରଚନା କରିଥିବା ବେଳେ ଅଧୁନା ସ୍ୱର୍ଗେ ଇନ୍ଦ୍ରର୍ମେ ନରେନ୍ଦ୍ର- କେନ୍ଦ୍ରାପଡା ଇତିହାସ ପୁସ୍ତକ ଯନ୍ତ୍ରସ୍ଥ ଅଛି । ଏହା ବ୍ୟତିତ ଓଡିଶାର ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ର ଓ ସମ୍ପାଦକୀୟରେ ମଧ୍ୟ ଶ୍ରୀ ମେକାପଙ୍କ ଲେଖା ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି ।

## ଚିଙ୍ଗୁଡ଼ି ମାଫିଆଙ୍କ ପାଇଁ ବିପଦରେ ଚାଷୀ

### ଜୋରର ପୁନରୁଦ୍ଧାର ପାଇଁ ତହସିଲଦାରଙ୍କୁ ଦାବିପତ୍ର

ମହାକାଳପଡ଼ା, ୨୩।୩ (ସଂଚାର ବ୍ୟୁରୋ): ଜଣେ ଅସାଧୁ ତଥା ବେଆଇନ ଚିଙ୍ଗୁଡ଼ି ଘେରି ମାଲିକଙ୍କ ମନମାନି ପାଇଁ ବିଷାକ୍ତ ଲୁଣି ପାଣି ମାଡି ଚାଷୀମାନଙ୍କ ଏକର ଏକର ଜମି ନଷ୍ଟ ହୋଇଥିବା ଚାଷୀମାନେ ମହାକାଳପଡ଼ା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । କଳତୁଙ୍ଗା ଗ୍ରାମର ଚାଷୀମାନଙ୍କ ଲିଖିତ ଅଭିଯୋଗ ମୁତାବକ ଗୁଲୁଡିଆ ଠାରୁ ଏକ ଜୋର ଗୋବରୀ ନଦୀ ଶାଖା ଠାରୁ ବାହାରି କଳତୁଙ୍ଗା ଗ୍ରାମ ଦେଇ ପାଣିଖିଆ ଗ୍ରାମ ପର୍ଯ୍ୟନ୍ତ ପହଞ୍ଚିଛି । ଏହି ପାଣିକୁ ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟବହାର ସହ ଅବଶିଷ୍ଟ ଜଳକୁ କଳତୁଙ୍ଗା ଗ୍ରାମର ପୂର୍ବ ପାର୍ଶ୍ୱରେ ସାଲାଇନ ରାସ୍ତାରେ ଥିବା ଦୁଇଟି ସୁଇସ୍ ଗେଟ୍ ଦ୍ୱାରା ଜଳ ନିଷ୍କାସିତ କରାଯାଏ। ଏହି ପାଣିକୁ ଗୁଲୁଦିଆ, କଳତୁଙ୍ଗା,ପାଣିଆଖିଆ,ଲାଞ୍ଜୁଡା, ଦୋଳି ଗାଁ, ରତନପୁର,ବଳିଗଣ୍ଡ,ଗୋଗୁଆ ଓ ବନ୍ଦପଡା ଆଦି ଚାଷୀମାନେ ଉପକୃତ ହୁଅନ୍ତି । ହେଲେ କିଛି ବେଆଇନ୍ ଚିଙ୍ଗୁଡ଼ି ଘେରି ମାଲିକ ଜୋର ଜାଗାକୁ ଜବରଦଖଲ କରିବା ସହିତ ଚିଙ୍ଗୁଡ଼ି ଘେରିର ବିଷାକ୍ତ ପାଣି ଓ ପଙ୍କ ଜୋରକୁ ଛାଡୁଛନ୍ତି । କେବଳ ସେତିକି ନୁହେଁ ସୁଇସ୍ ଗେଟ୍ ଦାୟିତ୍ୱରେ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ହାତରେ ରଖି ୧୯ ମାର୍ଚ୍ଚରେ ଚାଷଜମିକୁ ଲୁଣାପାଣି ଛାଡିବା ଦ୍ୱାରା ଚାଷୀମାନଙ୍କ ଶହଶହ ଏକର ଚାଷଜମି ନଷ୍ଟ ହେଉଛି । ତେଣୁ ପ୍ରଶାସନ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

## ୨୪ରେ ଜଗନ୍ନାଥପୁର ମା' ବାସନ୍ତୀ ଦୁର୍ଗା ପୂଜା

କେନ୍ଦ୍ରାପଡ଼ା,୨୩।୩ (ସଂଚାର ବ୍ୟୁରୋ):କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର- ପାରାଚକ ଗ୍ରାମରେ ମା' ବାସନ୍ତୀକ ଦୁର୍ଗାଦେବୀଙ୍କ ୭୪ତମ ବାର୍ଷିକ ପୂଜା ଉତ୍ସବ ଆସନ୍ତା ୨୪ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୨୪ତାରିଖରେ ମା'ବାସନ୍ତୀକ ଦୁର୍ଗାଦେବୀଙ୍କ ଷଷ୍ଠୀକଳ୍ପାରମ୍ଭ, ବିଲ୍ୱାଧିବାସ ଓ ଦେବୀ ଆମନ୍ତ୍ରଣ କରାଯିବ । ୨୫ତାରିଖରେ ମହାସପ୍ତମୀ ପୂଜା, ଅଷ୍ଟୋର ଶତକଳସ ଯାତ୍ରା, ନବପତ୍ରିକା ପ୍ରବେଶ, ଘଟସ୍ଥାପନ, ସପ୍ତମୀ ବିହିତ ମହାସ୍ନାନ, ଦେବୀଙ୍କ ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ସପ୍ତମୀ ବିହିତ ପୂଜା ଓ ଚଣ୍ଡୀପାଠ କରାଯିବ । ୨୬ତାରିଖରେ ମହାଷ୍ଟମୀ ଓ ସନ୍ଧିପୂଜା କରାଯିବା ସହ ୨୭ତାରିଖ ଶ୍ରୀରାମନବମୀରେ ମହାନବମୀ ବିହିତ ପୂଜା, ଚଣ୍ଡୀପାଠ, ନବକୁମାରୀ ପୂଜା, ଗୀତାହୁତି, ଚଣ୍ଡୀ ଆହୁତି, ପୂର୍ଣ୍ଣ ଆହୁତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ । ୨୮ ତାରିଖରେ ବିଜୟା ଦଶମୀ ଅବସରରେ ମା'ବାସନ୍ତୀକ ଦଶମୀ ବିହିତ ପୂଜା, ଅପରାଜିତା ପୂଜା, ସମୂହ ପୁଷ୍ପାଞ୍ଜଳି, ପୂର୍ଣ୍ଣ ଆଳତୀ, ବଳୟଧାରଣ, ଅଳତା ଓ ସିନ୍ଦୁର ଲାଗି, ସପ୍ତଦୀପ ବନ୍ଦାପନା, ଦେବୀଙ୍କ ପୁନଃ ଆଗମନ ପାଇଁ ମେଲାଣୀ, ଘଟକଳସ ଓ ନବପତ୍ରିକା ବିସର୍ଜନ ହେବ । ୩୦ତାରିଖ ଅପରାହ୍ନରେ ମା' ବାସନ୍ତୀଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯିବ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ୨୫ତାରିଖରେ ଫନ୍ ଆଣ୍ଡ ଲର୍ନ ଡ୍ୟାନ୍ସ, ୨୬ରେ କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣଙ୍କ ଆଧ୍ୟାତ୍ମିକ ପ୍ରବଚନ, ୨୭ରେ ମେଲୋଡି ରକଷ୍ଟାର ପକ୍ଷରୁ ମେଲୋଡି, ୨୮ ଓ ୨୯ତାରିଖ ଦୁଇଦିନ ଧରି ମୟୁର ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଥିବା ବାସନ୍ତୀ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ପୋଲକୁ ନାହିଁ ସଂଯୋଗୀକରଣ ରାସ୍ତା, ଲୋକେ ହନ୍ତସନ୍ତ

ନିଶ୍ଚିନ୍ତକୋଇଲି,୨୩।୩ (ସଂଚାର ବ୍ୟୁରୋ): କେନ୍ଦୁପାଟଣା ଜଳସେଚନ ବିଭାଗର ଦାୟିତ୍ୱହୀନତା ପାଇଁ ବିଗତ ୫ ବର୍ଷ ହେବ ଏକ ପୋଲର ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇ ପାରୁନାହିଁ। ଫଳରେ ବହୁ ଲୋକ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏହି ବିଭାଗ ଅଧିନରେ ଥିବା ୮ ନଂ କେନାଲ ଉପରେ ଭୁବନଠାରେ ଏକ ନୂତନ ପୋଲ ନିର୍ମାଣ କରାଯାଇଛି। ଏହି ପୋଲ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ପୋଲ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଏହାର ଦୁଇ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଏହି କାର୍ଯ୍ୟ ଅଦ୍ୟାବଧି ପଡ଼ି ରହିଛି।





**ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି**

ଉକ୍ତ ପୋଲର ଗୋଟିଏ ପାର୍ଶ୍ୱରେ ୮ ନଂ କେନାଲର ବାମପାର୍ଶ୍ୱ ବନ୍ଧ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ବୁହାଳ-ଡିହୀଗୋପ ରାସ୍ତା ଏବଂ ଅନ୍ୟ ଏକ ପାର୍ଶ୍ୱ କେନ୍ଦ୍ରାପଡ଼ା କେନାଲର ବାମ ପାର୍ଶ୍ୱ ବନ୍ଧ ରାସ୍ତାକୁ ସଂଯୋଗୀକରଣ କରିବା। ବର୍ତ୍ତମାନ ପୋଲ ନିର୍ମାଣ ଶେଷ ହୋଇଥିଲା ବେଳେ ଏହି ଦୁଇ ରାସ୍ତା ପାଇଁ କୌଣସି ସଂଯୋଗୀକରଣ ରାସ୍ତା କରାଯାଇନଥିବାରୁ ପୋଲଟି ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିରହିଛି। ଏହି ବାଟ ଦେଇ ପ୍ରତ୍ୟକ ଦିନ ବହୁ ଲୋକ ଯାତାୟାତ କରୁଥିଲେ ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ରହିଥିବା ଏକ କଲଭର୍ଟ ଦ୍ୱାରା ଯାତାୟାତ କରୁଛନ୍ତି। ଏହି ଭଙ୍ଗା ଦଦରା କଲଭର୍ଟରେ ଦୁଇ ପାର୍ଶ୍ୱରେ ସୁରକ୍ଷା ବାଡ ନଥିବା ବେଳେ ଅନେକ ସମୟରେ ଯାତାୟାତ ବେଳେ ଲୋକମାନେ କେନାଲ ଭିତରକୁ ଖସି ଯିବାର ଦେଖାଯାଇଛି। ପୋଲ ନିର୍ମାଣ କାର୍ଯ୍ୟ ବହୁଦିନ ହେବ ଶେଷ ହୋଇଥିଲେ ମଧ୍ୟ କ'ଣ ପାଇଁ ବିଭାଗୀୟ ପକ୍ଷରୁ ଏହାର ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯାଉନାହିଁ ସେ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ନବମ ଶ୍ରେଣୀ ଛାତ୍ରୀ ଅପହରଣ ଘଟଣା**

# ନାବାଳିକା ଉଦ୍ଧାର, ଅଭିଯୁକ୍ତ ଫେରାର

ରାଜନଗର୨୩।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀର ଛାତ୍ରୀକୁ ପଶ୍ଚିମବଙ୍ଗକୁ ଅପହରଣ କରି ନେଇ ଯାଉଥିବା ଅଭିଯୋଗ ହୋଇଛି। ପଶ୍ଚିମବଙ୍ଗ ନମ୍ବର ଥିବା ଗାଡିରେ ସାମୁଦ୍ରିକ ଥାନା ଅନ୍ତର୍ଗତ କେରୁଆଁପାଳ ପଞ୍ଚାୟତ ଅନନ୍ତକେଶରୀ ଗ୍ରାମର କୁନ୍ଦ ବେରାଙ୍କ ପୁଅ ଗୌରାଙ୍ଗ ବେରା(୨୨) ବାଘମାରୀ ପଞ୍ଚାୟତର ଜଣେ ନବମ ଶ୍ରେଣୀ ଛାତ୍ରୀକୁ ନେଇ ପଶ୍ଚିମବଙ୍ଗର କଣ୍ଟାଇକୁ ଯାଉଥିଲା। ଖବର ପାଇ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସଂଧ୍ୟାରାଣୀ ଜେନାଙ୍କ ସହ ପୁଲିସ ଟିମ୍ ଗୋଡାଇବା ସହ ରାଜନଗର ଥାନାକୁ ମଧ୍ୟ ଖବର ଦେଇଥିଲେ। ରାଜନଗର ଆଇଆଇସି ନରେଶ



କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ କର୍ମଚାରୀମାନେ ଦୁଇଟି ଟିମରେ ବିଭକ୍ତ ହୋଇ ଅନୁଧ୍ୟାନ କରିଥିଲେ। ଗୋଟିଏ ଟିମ୍ ହଂସୁଆ ସେତୁ ନିକଟରେ ଜଗି ରହିଥିବା ବେଳେ ଅନ୍ୟ ଟିମ୍‌ଟି ଜରିମୂଳ ବଜାରକୁ ଯାଇଥିଲା। ତାଳଚୁଆ ପୁଲିସ ଓ ରାଜନଗର ପୁଲିସ ମିଳିତ ଭାବେ ଚଢାଉ କରି ଏକ ଲୁଗାଦୋକାନ ନିକଟରେ ଥିବା ଗାଡିକୁ ଜବତ କରିଥିଲେ। ନାବାଳିକା ସହ ଗୌରାଙ୍ଗ ଶାଢି ଶର୍ଙ୍ଗା କିଣୁଥିବା ଡ୍ରାଇଭରଠାରୁ ଖବର ପାଇ ପୁଲିସ ଟିମ୍ ଚଢାଉ କରିବା ସମୟରେ ଗୌରାଙ୍ଗ ନାବାଳିକାକୁ ଛାଡି ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲା। ପୁଲିସ ଗାଡି ସହ ନାବାଳିକାକୁ ଥାନାକୁ ନେଇଥିଲା। ନାବାଳିକାକୁ ତାଙ୍କ ପରିବାର ଲୋକଙ୍କୁ ଜିମା ଦେଇଥିଲା। ସୋମବାର ଦିନ ନାବାଳିକାକୁ କୋର୍ଟରେ ହାଜର କରାଯିବ।

ଅପରପକ୍ଷରେ ଗାଡି ଚଳାଉଥିବା ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲ୍ଲାର ତିଳଙ୍ଗପୁର ଗ୍ରାମର ଅପୂର୍ବ ଡିଙ୍ଗାଲ (ଡ୍ରାଇଭର)ଙ୍କ ନାମରେ କେସ ନମ୍ବର ୫୭/୨୦୨୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ଶ୍ରୀମତୀ ଜେନା ସୂଚନା ଦେଇଛନ୍ତି ।

## କେନାଲ ଲାଇନିଂ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ମାହାଙ୍ଗା,୨୩।୩ (ସଂଚାର ବ୍ୟୁରୋ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ମାଟିର ଋଣ ଶୁଝିବା ପାଇଁ ଏବଂ ମାହାଙ୍ଗା ମାଟିର ବିକାଶକୁ ସତଗୁଣିତ କରିବା ପାଇଁ ଦିନରାତି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଚାଲିଛନ୍ତି । ସେହିପରି ଆଉ ଏକ ସମୀକ୍ଷା କାର୍ଯ୍ୟକ୍ରମ ରେ ବିଧାୟକ ଶ୍ରୀ ପ୍ରଧାନ କାର୍ଯ୍ୟ ସ୍ଥଳରେ ବୁଲି କାର୍ଯ୍ୟ କୁ ଦେଖିବା ସହିତ କାର୍ଯ୍ୟ କୁ ସଠିକ ଭାବେ ଆଉ ଶ୍ରୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଥାଉକି ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ରବିବାର ପୂର୍ବାହ୍ନରେ ମାହାଙ୍ଗାର କାଳିଅଣ୍ଟି, ଉଷୁମା, ପଲ୍ଲୀସାହି, ବଡ଼ଗୋଠ, ପୋଡାମରାଇ, ବରାହିପୁର, ଗୋଳନ, ଓଷଙ୍ଗ ଆଦି ସ୍ଥାନ ପରିଦର୍ଶନ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଅନୁଧ୍ୟାନ କରି ବିଭିନ୍ନ ଶାଖା କେନାଲରେ ପାଣି କିପରି ଶେଷ ମୁଣ୍ଡରେ ପହଞ୍ଚିବ ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ମାହାଙ୍ଗା ବ୍ଲକ ଅଧୀନରେ ଥିବା ବାଲିଚନ୍ଦ୍ରପୁର, ନୂଆଁଙ୍ଗ ଓ ଧର୍ମାଗଡପୁର ଜଳସମ୍ପଦ ସେକ୍ସନ ଅଧୀନରେ ବିଭିନ୍ନ ଶାଖା ନାଳ ଗୁଡିକରେ ହେଉଥିବା ସିମେଣ୍ଟ ଲାଇନିଂ କାର୍ଯ୍ୟର ସମୀକ୍ଷା କରିବା ସହ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ଠିକ ଭାବରେ କାର୍ଯ୍ୟ ସମାହିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ହୋଟେଲ ଏ-ମାର୍ଟରେ ଯୋଗାଣ ବିଭାଗର ଚଢାଉ: ୪ ସିଲିଣ୍ଡର ଜବତ




ରାଜକନିକା,୨୩।୩ (ସଂଚାର ବ୍ୟୁରୋ): ରନ୍ଧନ ଗ୍ୟାସ୍‌ର ଅଭାବ ଥିବା ବେଳେ ହାଣ୍ଡିଶାଳରେ ରୋଷେଇ ପାଇଁ ମହିଳାମାନେ ହୈରାଣ ହରକତ ହେଲେଣି। ଗ୍ୟାସ୍ ବୁକିଂ ସତ୍ତ୍ୱେ ବି ମିଳୁ ନ ଥିବାରୁ ବିକଳ୍ପ ଭାବେ ଘସି, କାଠକୁଟା ଜାଣିଲେଣି। ଏଭଳି ସ୍ଥିତି ରେ କିନ୍ତୁ ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନମାନଙ୍କରେ ଘରୋଇ ଗ୍ୟାସ୍ ବ୍ୟବହାର ହେଉଛି ବୋଲି ଅଭିଯୋଗ ହୋଇଥିଲା। ଆଜି ଜିଲ୍ଲା ଯୋଗାଣ ବିଭାଗର ଏକ ଟିମ୍ କଟକ ଚାନ୍ଦବାଲି ରାସ୍ତାର ଚନ୍ଦନପୋଖରୀ ଛକରେ ଥିବା ଏ ମାର୍ଟ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଉପରେ ଅଚାନକ ଚଢାଉ କରି ବ୍ୟବସାୟ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ୍ ବ୍ୟବହାର ହେଉଥିବା ନେଇ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ପାଇ ଥିଲେ। ଯେହେତୁ ବ୍ୟବସାୟ ପ୍ରତିଷ୍ଠାନରେ ଘରୋଇ ରନ୍ଧନ ଗ୍ୟାସ୍‌ର ବ୍ୟବହାରକୁ ନେଇ ବୀଭାଗୀୟ ପ୍ରତିବନ୍ଧକ ଥିବା ସତ୍ତେ ବି ଦୀର୍ଘଦିନ ଧରି ଏହି ହୋଟେଲ ବ୍ୟବସାୟ କରି ମୁନାଫା କମାଇ ଆସୁଛି।

ଏହି ହୋଟେଲରେ ବିଭିନ୍ନ ସମୟରେ ବହୁ ଅନିୟମିତତା ନେଇ ଅଭିଯୋଗ ହୋଇ ଆସୁଥିଲା। ରନ୍ଧନ ଗ୍ୟାସ୍‌ର ସଙ୍କଟ ସମୟରେ ଗୃହିଣୀମାନେ ଗ୍ୟାସ୍ ବୁକିଂ କରି ବି ଗ୍ୟାସ୍ ମିଳୁ ନାହିଁ । ଏମିତିକି ଘୋର ସଙ୍କଟ ଭିତରେ ଖାଦ୍ୟ ରାନ୍ଧିବା କଷ୍ଟକର ହୋଇ ପଡୁଛି। ହେଲେ ହୋଟେଲରେ ରନ୍ଧନ ଗ୍ୟାସ୍ ଏଭଳି ବେପରୁଆ ବ୍ୟବହାର ନିଶ୍ଚିତ ଭାବେ ବିଭାଗୀୟ ପାରିଲାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଆଜିର ଏହି ଚଢାଉ ବେଳେ ଏହି ଟିମ୍ ହାତରେ ୪ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଲାଗିଥିଲା। ତାମଧ୍ୟରୁ ତିନୋଟି ଖାଲି ଥିବା ବେଳେ ଗୋଟିଏ ସିଲିଣ୍ଡରର ଦଶ କେଜି ଗ୍ୟାସ୍ ମହଜୁତ ଥିବା ନେଇ ସୂଚନା ମିଳିଛି। ତେବେ ୪ଟି ସିଲିଣ୍ଡରକୁ ଜବତ ହୋଇଥିବାର ଜଣାପଡିଛି । ତେବେ କେବଳ ଯେ ଏ ମାର୍ଟ ହୋଟେଲରେ ଘରୋଇ ଗ୍ୟାସ୍ ବ୍ୟବହାର ହେଉଛି ତାହା ନୁହେଁ ବରଂ ରାଜକନିକା ବ୍ଲକର ସମସ୍ତ ହୋଟେଲ ,ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନ,ଫାଷ୍ଟଫୁଡ୍ ଦୋକାନରେ ଏହି ଗ୍ୟାସ୍ ବ୍ୟବହାର ହେଉଛି । ତେଣୁ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ନିକଟରେ ଜଡ଼ାବାରୁଣୀ ବାରୁଣୀ ମେଳା

କେନ୍ଦ୍ରାପଡ଼ା,୨୩।୩ (ସଂଚାର ବ୍ୟୁରୋ): ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ଜଡାବାରୁଣୀ ବାରୁଣୀ ମେଳା ଅନୁଷ୍ଠିତ ହୋଇଯାଇଛି।

ଏହି ବାରୁଣୀ ମେଳାରଏକ ନିଛକ ଆଲେଖ୍ୟ କିମ୍ବଦନ୍ତୀ କହେ ଆଜିକୁ ଅନେକ ବର୍ଷ ପୂର୍ବେ ପୂଣ୍ୟତୋୟା ବିରୂପା ନଦୀର ତଟ ଦେଶରେ ମଙ୍ଗଳପୁର ଏବଂ ଛୋଟୀ ଦୁଇଟି ଗାଁର ସୀମାନ୍ତ ଅଞ୍ଚଳରେ ଜଣେ ସିଦ୍ଧ ଦଶମହାବିଦ୍ୟାର ସାଧକ ଅବସ୍ଥାପନ କରୁଥିଲେ। ଯାହାଙ୍କ ମହିମା ଖଣ୍ଡ ମଣ୍ଡଳରେ ଖ୍ୟାତ ଥିଲା.ସାଧୁଙ୍କ ସାନ୍ନିଧ୍ୟରେ ପ୍ରିତ ହୋଇ ତତ୍‌କାଳୀନ ଆଳି ପ୍ରଗଣାର ରାଜମାତ। ସେହି ସ୍ଥାନଟିକୁ ଆଶ୍ରମ ନାମରେ ସନନ୍ଦ କରାଇଲେ। ପବିତ୍ର ବାରୁଣୀ ଅମାବାସ୍ୟା ଦିନ ସାଧୁଙ୍କର ଯୋଗ ମୁଦ୍ରାରେ ଜୀବନ୍ତ ସମାଧିସ୍ଥ ଅବସ୍ଥାରେ ସ୍ୱର୍ଗପ୍ରାପ୍ତି ହୋଇଥିଲା। ଏହି ମହାପ୍ରୟାଣ ଦିବସଟିକୁ ଅଞ୍ଚଳର ଲୋକମାନେ ବାରୁଣୀ ଯାତ୍ରା ରୂପେ ପାଳନ କରିଆସୁଛନ୍ତି। ଏହି କ୍ଷେତ୍ରଟିକୁ ସିଦ୍ଧମହାପୁରୁଷ କ୍ଷେତ୍ର ରୂପେ ବିବେଚନା କରାଯାଉଅଛି। କେହି କେହି ଏହାକୁ ଖଣ୍ଡିଆ ବାରୁଣୀବୋଲି କହନ୍ତି। ଏହାର ବିଶେଷତଃ ଆୟତନ ଦୃଷ୍ଟିରୁ ଏହା ଖଣ୍ଡିଆ ନୁହେଁ। ଲୋକଙ୍କ ଭାବାବେଗ କହେ.. ଦିନରେ ଖାଁ ଖାଁ। କୁଆ କୋଇଲିର ଶବ୍ଦ ନଥାଏ। ସଂଜ ନଇଁଲେ ସତେ ଯେମିତି ପୁରିଉଠେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ.ଯାନିଯାତ୍ରା ମନୋରଂଜନ ଧର୍ମୀ କାର୍ଯ୍ୟକ୍ରମର ପସରା ମେଲେ।

ଗାଁର ବୟସ୍କଙ୍କ ମତରେ ନଦୀ ଅବବାହୀକା ଉର୍ବର ଚାଷଜମିରେ ପ୍ରଚୁର ଆଖୁ ଏବଂ ଜଡା ଚାଷ କରାଯାଉଥିଲା. ଜଡାତେଲ ଉତ୍ପାଦନରେ ଆମ ଅଞ୍ଚଳର ବେଶ ଖ୍ୟାତି ଥିଲା। ଏପରିକି ସେ କାଳର ବାଣିଜ୍ୟ କେନ୍ଦ୍ରରୂପେ ପରିଗଣିତ ଆଳି,କନିକା,ଜମ୍ମୁ ଅଞ୍ଚଳରୁ ବଣିକମାନେ ଜଡାତେଲ ନେଇ ସୁଦୂର କଲିକତା ରେ ବାଣିଜ୍ୟ କରୁଥିଲେ। କଲିକତା ବଜାରରେ ଏହାର ଢେର ଚାହିଦା ଉପଲବ୍ଧ ହେଉଥିଲା। ଆଖପାଖ ଗାଁର ଲୋକମାନେ ଜଡାବାରୁଣୀ ବୋଲି କହନ୍ତି। ଅତଏବ ସବୁ ସେଇ ମହାପୁରୁଷଙ୍କ ମହିମା। ପୁଣିଥରେ ଶତକୋଟୀ ପ୍ରଣାମ ସିଦ୍ଧମହାପୁରୁଷ ସମସ୍ତଙ୍କୁ ଘଷ୍ଟ ଘୋଡାଇ ରଖିଥାଆନ୍ତୁ ।

# ସହିଦ ଦିବସ ସାମ୍ରାଜ୍ୟବାଦ ବିରୋଧୀ ଦିବସ ରୂପେ ପାଳିତ



କେନ୍ଦ୍ରାପଡ଼ା,୨୩।୩(ସଂଚାର ବ୍ୟୁରୋ): ଦେଶର ସ୍ୱାଧୀନତା ପାଇଁ ସାମ୍ରାଜ୍ୟବାଦ ବିରୋଧି ଲଢେଇରେ ସର୍ବୋତମ ବଳିଦାନ ଦେଇ ଫାଶୀ ଆଦେଶକୁ ଆଦରି ନେଇଥିବା ଦେଶର ସର୍ବଶ୍ରେଷ୍ଠ ବିପ୍ଳବୀ ସହୀଦ -ଇ-ଆଜମ ଭଗତ ସିଂହଙ୍କ ୯୬ତମ ବଳିଦାନ ଦିବସକୁ "ସାମ୍ରାଜ୍ୟବାଦ ବିରୋଧି ଦିବସ" ରୂପେ ପାଳନ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୋପ ସ୍ଥିତ ନିର୍ମାଲ୍ୟ ପ୍ୟାଲେସ ପରିସରରେ ବୁଦ୍ଧିଜୀବୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ପ୍ରଗତିଶୀଳ ସାହିତ୍ୟିକ ଡ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ଡ. ଦିଲ୍ଲୀପ ମିଶ୍ର, ବିଶିଷ୍ଟ ପ୍ରଗତିଶୀଳ କବି ନିରାକାର ଦାସ, ଗାଳ୍ପିକା ଅବନ୍ତୀ ବେହେରା, କର୍ମଚାରୀ ନେତା ବୈଷ୍ଣବ ସ୍ୱାଇଁ, ରଣଧୀର ଜେନା, ଶୈଳବାଳା ସାମଲ, ଧୀରେନ ବେହେରା, ଅମୀୟ ନାୟକ, ନିରୋଦ ରଞ୍ଜନ ଜେନା ପ୍ରମୁଖ ସହୀଦ ଭଗତ ସିଂହ, ରାଜଗୁରୁ ଓ ସୁଖରାମଙ୍କ ବଳିଦାନକୁ ସ୍ମରଣ କରିଥିଲେ ।

ଏଥିସହିତ ଉକ୍ତ ଯୁଦ୍ଧକୁ ଏକ ସାମ୍ରାଜ୍ୟବାଦୀ ଯୁଦ୍ଧ ରୂପେ ଅଭିହିତ କରି ଯୁକ୍ତରାଷ୍ଟ୍ର ଆମେରିକାର ନବ-ସାମ୍ରାଜ୍ୟବାଦୀ ଟ୍ରମ୍ପ ପ୍ରଶାସନର ଅହଂକାରୀ ନେତାନ୍ୟାହୁଙ୍କ ସମର୍ଥନରେ ମଧ୍ୟପ୍ରାଚ୍ୟରେ ଲଦି ଦେଇଥିବା ମହାପ୍ରଳୟଙ୍କାରୀ ଯୁଦ୍ଧକୁ ଶୀଘ୍ର ସମାପ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଦିକନ୍ଦ ରାଉଳ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ ଓ ଅମରେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୀତାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅପରେସନ 'ସାଗର କବଚ' ପାଇଁ ପ୍ରସ୍ତୁତି ବୈଠକ

ରାଜନଗର, ୨୩।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକର ଶେଷ ପ୍ରାନ୍ତରେ ଥିବା ବଙ୍ଗୋପସାଗର ତଟବର୍ତ୍ତି ବ୍ଲକର ଏକ ମାତ୍ର ସାମୁଦ୍ରିକ ଥାନା ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଅପରେସନ ସାଗର କବଚ ପାଇଁ ଏକ ପ୍ରସ୍ତୁତ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଗର କବଚ କାର୍ଯ୍ୟକ୍ରମ ଚଳିତ ମାସ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହେବ ବୋଲି ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି। ଏହି ଦୁଇ ଦିନ ମେରାଇନ ପୁଲିସ, କୋଷ୍ଟଗାର୍ଡ ଓ ସାଗର ମିତ୍ରଙ୍କ ଦ୍ୱାରା ତାଳଚୁଆ ଜେଠି, ଫେରିଘାଟ



ଓ ଗଭୀର ସମୁଦ୍ର ଦେଇ ଆସୁଥିବା ଲୋକଙ୍କୁ ଚେକିଙ୍ଗ କରାଯିବା ସହିତ ସାମୁଦ୍ରିକ ପଥରେ ଆତଙ୍କବାଦୀଙ୍କୁ ଦୃଢ଼ ଭାବରେ ମୁକାବିଲା କରିବା ଓ ସେମାନଙ୍କ ଗତିବିଧି ଉପରେ ନଜର ରଖି କୌଣସି ଆତଙ୍କବାଦୀ ଘଟଣା ଘଟିଲେ ସେମାନଙ୍କ ବିରୁଦ୍ଧରେ କିପରି ଦୃଢ଼ ପଦକ୍ଷେପ ନିଆଯିବ ସେ ନେଇ ତାଳଚୁଆ ସାମୁଦ୍ରିକ ଥାନା ପରିସରରେ ପ୍ରଶିକ୍ଷଣ ଦିଆଯାଇଛି।

## ପୂର୍ତ୍ତ ବିଭାଗ ରାସ୍ତାରେ ଖାଲ, ମରାମତି ଦାବି

ମହାକାଳପଡ଼ା,୨୩।୩(ସଂଚାର ବ୍ୟୁରୋ): ଅଙ୍ଗୁଳାଇରୁ ବାବର ପୂର୍ତ୍ତ ବିଭାଗ ରାସ୍ତାର ଓରତ ସେତୁ ନିକଟରେ ବିରାଟ ବିରାଟ ଗାଡ଼ ଦେଖିବାକୁ ମିଳିଛି। ସେତୁର ନିକଟରେ ଅର୍ଥାତ୍ ଘାଟ ଆଡକୁ ଥିବା ଗଡାଣି ରାସ୍ତାରେ ଏମିତି ସ୍ଥିତି ପୁରା ବିଭାଗୀୟ ଅବହେଳାକୁ ପଦାରେ ପକାଇଛି। ଏହି ଗାଢରେ ଦୈନିକ ହଜାର ହଜାର ଲୋକେ ଯାତାୟାତ କରୁଥିବା ବେଳେ ଏହି ଗାଢରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଗଡାଣି ରାସ୍ତାରେ ଏହି



ଗାଡ଼ ଏବେ ଯାତ୍ରୀମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତୁରନ୍ତ ବିଭାଗ ଏଥିପାଇଁ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଦାବି ହେଉଛି।

# ହୋଟେଲ ଓ ଜଳଖିଆ ଦୋକାନରେ ଘରୋଇ ଗ୍ୟାସର ବହୁଳ ବ୍ୟବହାର

**ଉପଭୋକ୍ତା ହଇରାଣ ହେଉଥିବା ବେଳେ ଏମାନଙ୍କୁ ଦେଉଛି କିଏ ?**



ପାରାଦୀପ,୨୩।୩ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ଏବେ ରନ୍ଧନ ଗ୍ୟାସ ଉପଭୋକ୍ତା ବେଶ ହଇରାଣ ହେଉଛନ୍ତି। ଗତ କିଛିଦିନ ହେବ ଉପଭୋକ୍ତାମାନେ ନିଜର ଗ୍ୟାସ ସିଲିଣ୍ଡର ବୁକିଂ କରିଥିବା ବେଳେ ସେମାନଙ୍କୁ ୧୫ ଦିନ ପରେ ସିଲିଣ୍ଡର ମିଳୁଛି। ଅନେକ ଜାଗାରେ ଉପଭୋକ୍ତାମାନେ ଗ୍ୟାସ ବିତରକ କେନ୍ଦ୍ର ଆଗରେ ଲାଇନ ଦେଇ ଛିଡା ହେଉଥିବା ଦେଖିବାକୁ ମିଳିଛି |

ପ୍ରଶାସନ ରାଜ୍ୟରେ ଗ୍ୟାସ ସିଲିଣ୍ଡର ମହଜୁତ ଥିବା ପ୍ରକାଶ କରୁଥିବା ବେଳେ କେବଳ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପୁନଃଭରଣ ବନ୍ଦ ଥିବା ଅବଗତ କରାଇଛି। କିନ୍ତୁ ଅନେକ ହୋଟେଲ ଓ ଜଳଖିଆ ଦୋକାନରେ ବ୍ୟବସାୟିକ ସିଲିଣ୍ଡର ବ୍ୟବହାର କରିବାର ନିୟମ ଥିବାବେଳେ ସେମାନେ ଘରୋଇ ଗ୍ୟାସ ସିଲିଣ୍ଡର ଖୋଲାଖୋଲି ବ୍ୟବହାର କରୁଛନ୍ତି। ପ୍ରଶ୍ନ ଉଠୁଛି ସେମାନଙ୍କୁ ଏହି ଗ୍ୟାସ ସିଲିଣ୍ଡର ଯୋଗାଇ ଦେଉଛି କିଏ। ସେମାନେ କେଉଁ ଉପଭୋକ୍ତା ନାମରେ ଏହି ଗ୍ୟାସ ସିଲିଣ୍ଡର ବୁକିଂ କରୁଛନ୍ତି।

ଅନେକ ହୋଟେଲ ଓ ମିଠା ଦୋକାନରେ ଦିନକୁ ୨ଟି ଗ୍ୟାସ ଓ ମାସକୁ ହାରାହାରି ୬୦ରୁ ଊର୍ଦ୍ଧ୍ୱ ଗ୍ୟାସ ସିଲିଣ୍ଡର ଲାଗୁଥିବା ବେଳେ ଜିଲ୍ଲାରେ ଦୈନିକ ହଜାର ହଜାର ଘରୋଇ ଗ୍ୟାସ ସିଲିଣ୍ଡର ଏମାନଙ୍କୁ ଦେଉଛି କିଏ ବୋଲି ଏବେ ପ୍ରଶ୍ନ ଉଠିଛି | ପାରାଦୀପ, ଗଡ଼, ନୂଆଗଡ, ବିଶ୍ୱଆଳି ଓ ନିମିଡ଼ି ଅଂଚଳରେ ବାହାର ରାଜ୍ୟରୁ ବିଭିନ୍ନ କମ୍ପାନୀରେ କାମ କରିବାକୁ ଆସୁଥିବା ଶ୍ରମିକମାନେ ଭଡାରେ ରହି ଜୀବିକା ନିର୍ବାହ କରୁଥିବା ବେଳେ ସେମାନେ ବ୍ୟବହାର କରୁଥିବା ଗ୍ୟାସ ସିଲିଣ୍ଡର ସେମାନଙ୍କୁ ଆଣି ଯୋଗାଉଛି କିଏ ବୋଲି ମଧ୍ୟ ପ୍ରଶ୍ନ ଉଠିଛି | କିଛି ଭୂତ ଉପଭୋକ୍ତାଙ୍କ ନାମରେ ପଂଜିକୃତ ଖାତା କରାଯାଇ ଯୋଜନାବଦ୍ଧ ଭାବେ କିଛି ଅସାଧୁ ବ୍ୟବସାୟୀ ଘରୋଇ ଗ୍ୟାସ ସିଲିଣ୍ଡର ଚୋରାରେ ବିକ୍ରି କରି ବେଶ ଭଲ ମୁନାଫା କମାଉଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି | ଜିଲ୍ଲାରେ ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣରେ କିଛି ଦଲାଲ ଜାଣିଶୁଣି ଅଭାବ ସୃଷ୍ଟି କରାଇ ସିଲିଣ୍ଡର ପିଛା ୨୫୦୦ ଟଙ୍କାରେ ବିକ୍ରି କରୁଥିବା ବେଳେ ପ୍ରଶାସନ ଏମାନଙ୍କ ପ୍ରତି ଦୃଷ୍ଟି ଦେବା ସାଧାରଣରେ ଦାବି ହେଉଛି।

## ବିରଜା ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ଯାଜପୁର,୨୩।୩(ସଂଚାର ବ୍ୟୁରୋ): ଆଇନ, ଅବକାରୀ ଓ ନିର୍ମାଣ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯାଜପୁର ଗସ୍ତରେ ଆସି ବିରଜା ପ୍ରକଳ୍ପ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କ ସହ ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଶ୍ରୀ ଅମର ନାୟକ, ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ମଧ୍ୟ ଯୋଗ ଦେଇଥିଲେ। ସର୍କିଟ ହାଉସରେ ପହଞ୍ଚିବା ପରେ ମନ୍ତ୍ରୀ ଏବଂ ବିଧାୟକଗଣ ସର୍କିଟ ହାଉସର ନୂତନ କୋଠାକୁ ଉଦଘାଟନ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିରଜା ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ବିରଜା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ ଆଗେଇ ଚାଲିଛି। ପ୍ରାୟ ୧୧୪ କୋଟି ଟଙ୍କାର ଏହି ପ୍ରକଳ୍ପରେ ମନ୍ଦିର ଭିତର କାମ, ବାହାର ପାର୍ଶ୍ୱରେ ପାର୍କିଂ, ଧର୍ମଶାଳା, ବ୍ରହ୍ମାକୁଣ୍ଡର ଉନ୍ନତିକରଣ, ରଥ ଗୋଦାମ ଇତ୍ୟାଦି କାମ ରହିଛି। ଆସନ୍ତା ଆର୍ଥିକ ବର୍ଷରେ ବ୍ୟାଖ୍ୟାନ କେନ୍ଦ୍ର ଏବଂ ପାରିପାର୍ଶ୍ୱିକ ଉନ୍ନତିକରଣ କାମ ଆରମ୍ଭ ହେବ। ବିରଜା ଧର୍ମଶାଳା ନିର୍ମାଣ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ନେଇ ମଧ୍ୟ କାମ ଆରମ୍ଭ ହୋଇଛି। ବୈଠକରେ ପ୍ରକଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ନେଇ ମନ୍ତ୍ରୀ ଏବଂ ବିଧାୟକଗଣ ଜିଲ୍ଲାପାଳ ଶ୍ରୀ କର, ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ କମଳ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ପ୍ରେସ ବ୍ରିଫିଂ ମଧ୍ୟ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ସମାଜସେବୀ ଶ୍ରୀ ଗୌତମ ରାୟ, ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଗ୍ରୀଷ୍ମ ପ୍ରବାହ ପାଇଁ ଶ୍ରମ ବିଭାଗର ଗାଇଡଲାଇନ ଜାରି

# ପହିଲାଠୁ ୧୧ଟାରୁ ୩ କାମ କରିବେନି ଶ୍ରମିକ



**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଏପ୍ରିଲରେ ରୌଦ୍ରତାପ ବୃଦ୍ଧି ପାଇବାକୁ ଥିବାରୁ ସମ୍ଭାବ୍ୟ ଅଂଶୁଘାତ ଆଶଙ୍କାକୁ ଏଡ଼ାଇବା ସକାଶେ ଆଜି ଶ୍ରମ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି କରାଯାଇଛି। ଆସନ୍ତା ୧ ତାରିଖଠାରୁ କୌଣସି ଶ୍ରମିକ ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ କରିବେ ନାହିଁ ବୋଲି ଉକ୍ତ ଗାଇଡଲାଇନ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମର ସଠିକ୍ ପରିପାଳନ ସହ ଉଲ୍ଲଙ୍ଘନରେ ବିହିତ ପଦକ୍ଷେପ ନେବା ସକାଶେ ରାଜସ୍ୱ କମିଶନର, ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମ ଲାଗୁ ହେବା ପରେ ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ଠିକାଦାରମାନେ ସେମାନଙ୍କର ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଆସନ୍ତା ୧ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ଶ୍ରମିକଙ୍କୁ କାମ ନ କରାଇବାକୁ ନିବେଦନ କରାଯାଇଛି। ତେବେ ଆବଶ୍ୟକ ସ୍ଥଳେ କାର୍ଯ୍ୟନିର୍ଘଣ୍ଟର ସମୟ ପରିବର୍ତ୍ତନ କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଯଦି କୌଣସି କାର୍ଯ୍ୟ ଜରୁରୀ ଥାଏ କିମ୍ବା ଅତ୍ୟାବଶ୍ୟକ ସେବା ସହ ଜଡ଼ିତ ଥାଏ, ସେ କ୍ଷେତ୍ରରେ ଉପରୋକ୍ତ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବେ। ଏଥିରେ ବିଶେଷକରି ଶୀତଳ ପାନୀୟ ଜଳ ଓ ଛାୟା ପ୍ରଦାନ ସକାଶେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା ଓ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆରଏସ ପ୍ୟାକେଟ୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉପରୋକ୍ତ ପରିପ୍ରେକ୍ଷୀରେ ଜିଲ୍ଲାର ଚିକିତ୍ସାଧିକାରୀ (ସିଡିଏମଓ), ଉପମଣ୍ଡଳ ଚିକିତ୍ସାଧିକାରୀ (ଏସଡିଏମଓ), ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି), କମ୍ୟୁନିଟି ହେଲଥ ସେଣ୍ଟର (ସିଏଚସି) ଚିକିତ୍ସାଳୟଗୁଡ଼ିକର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟମାନଙ୍କର ଚିକିତ୍ସାଧିକାରୀମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପଜନିତ ପରିସ୍ଥିତିର ସମ୍ଭାବ୍ୟ ମୁକାବିଲା ସହ ରୋଗୀଙ୍କ ତତ୍ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ସତର୍କ ରହିବାକୁ ମଧ୍ୟ କୁହାଯାଇଛି।

ଓଡ଼ିଶା ଖଦି ମେଳା ୨୦୨୬ ଉଦ୍‌ଘାଟିତ

# ଖଦି ସ୍ୱଦେଶୀ ପ୍ରୀତିର ପ୍ରତୀକ: ବାବୁ ସିଂ




**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ଖଦି ଆର୍ଥିକ ସମୃଦ୍ଧିର ଉତ୍ସ ଓ ଏହା ସ୍ୱଦେଶୀ ପ୍ରୀତିର ପ୍ରତୀକ ବୋଲି କହିଛନ୍ତି ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ। ସ୍ଥାନୀୟ ରାମମନ୍ଦିର ନିକଟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଆୟୋଜିତ ଓଡ଼ିଶା ଖଦି ମେଳା-୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିବା ସହ ଶ୍ରୀ ସିଂ କହିଥିଲେ ଯେ ଦାରିଦ୍ର୍ୟ ଦୂରୀକରଣରେ ଖଦି ଓ ଗ୍ରାମୋଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ପ୍ରାରମ୍ଭିକ ଅଭିଭାଷଣରେ କହିଥିଲେ ଯେ ଗୋଟିଏ ସ୍ଥାନରେ ଖଦି ଉତ୍ପାଦକୁ ପ୍ରଦର୍ଶିତ କରିବା ସହ ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରମାନଙ୍କ ଆର୍ଥିକ ଉନ୍ନତି ପାଇଁ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ମେଳାର ମୂଳ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ଆୟୋଜିତ ଏହି ମେଳା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଷ୍ଟଲ ଖୋଲା ରହିବ। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଲାଇଭ୍ ଡେମନଷ୍ଟ୍ରେସନର ବ୍ୟବସ୍ଥା ବି ହୋଇଛି। ଏହି ମେଳାରେ ଖଦି ବସ୍ତ୍ର, ଶାଢ଼ି, ଶାଲ, ଜ୍ୟାକେଟ, ଗ୍ରାମୋଦ୍ୟୋଗ ସାମଗ୍ରୀ ଆଦି ବିକ୍ରି ହେବ। ଚଳିତ ଥର ମୋଟ୍ ୭୫ଟି ଷ୍ଟଲ୍ ଖୋଲାଯାଇଛି। ଓଡ଼ିଶା ସହ ତେଲଙ୍ଗାନା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ ରାଜ୍ୟର ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରମାନେ ଅଂଶଗ୍ରହଣ କରିଛନ୍ତି। ମେଳାରେ ପାରମ୍ପରିକ ଖାଦ୍ୟ ସହ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ପରିବହନ ବିଭାଗର ସ୍ୱତନ୍ତ୍ର ସଡ଼କ ସୁରକ୍ଷା ଅଭିଯାନ ଜାରି

# ହେଲ୍‌ମେଟ୍ ପିନ୍ଧି ନଥିବାରୁ ୩୧୫୭ ଜଣଙ୍କୁ ଚାଲାଣ



**କଟକ/ଭୁବନେଶ୍ୱର, ୨୩।୩ (ସଂଚାର ବ୍ୟୁରୋ):** ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷାକୁ ନେଇ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ପରିବହନ ବିଭାଗ ପକ୍ଷରୁ ଏନଫୋର୍ସମେଣ୍ଟ ସହ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଏହି କ୍ରମରେ ଗତ ୨୧ ଓ ୨୨ରେ ସାରା ରାଜ୍ୟରେ ବ୍ୟାପକ ଯାଞ୍ଚ କରାଯାଇଥିବା ବେଳେ ମୋଟର ଯାନ ଆଇନ ଉଲ୍ଲଙ୍ଘନ କରୁଥିବା ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ସମୟରେ ବୈଧ ଡ୍ରାଇଭିଂ ଲାଇସେନ୍ସ ନଥାଇ ଗାଡ଼ି ଚଳାଉଥିବା ମୋଟ ୩,୧୫୩ଟି ଗାଡ଼ି ଚିହ୍ନଟ ହୋଇଛି। ୨୧ରେ ବିନା ଡ୍ରାଇଭିଂ ଲାଇସେନ୍ସରେ ୧,୪୪୩ଟି ଗାଡ଼ି ଚିହ୍ନଟ ହୋଇଥିବା ବେଳେ ଭୁବନେଶ୍ୱର-୧ରୁ ୧୦୪, ଝାରସୁଗୁଡ଼ା ୮୮, ବାଲେଶ୍ୱର ୭୮, ରାଉରକେଲା ୭୮, ନୂଆପଡ଼ା ୬୮, କେନ୍ଦ୍ରାପଡ଼ା ୬୭, କେନ୍ଦୁଝର ୬୨, କଟକ ୫୧ ଏବଂ ରାୟଗଡ଼ାରେ ୪୨ଟି ଗାଡ଼ି ଚିହ୍ନଟ ହୋଇଛି। ସେହିପରି ୨୨ ତାରିଖରେ ଏହି ସଂଖ୍ୟା ୧,୭୧୦କୁ ବୃଦ୍ଧି ପାଇଛି, ଯେଉଁଥିରେ ରାଉରକେଲା ୨୧୭, ବାଲେଶ୍ୱର ୯୮, ଭୁବନେଶ୍ୱର-୨ ୯୨, ନୟାଗଡ଼ ୮୬, ଭୁବନେଶ୍ୱର-୧ରୁ ୭୭, କେନ୍ଦୁଝର ୭୩, ନବରଙ୍ଗପୁର ୬୬, ନୂଆପଡ଼ା ୬୨ ଏବଂ କଟକ ଆରଟିଓ ୩୮ଟି ଗାଡ଼ି ଚିହ୍ନଟ କରିଥିଲେ। ଏଭଳି ନିୟମ ଉଲ୍ଲଙ୍ଘନକୁ ଗୁରୁତର ସହ ଗ୍ରହଣ କରି ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ସ୍ୱତନ୍ତ୍ର ଅଭିଯାନ ସମୟରେ ଏହି ତନଖିକୁ ଆହୁରି କଡ଼ାକଡ଼ି କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଇବା ସହ ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଯଥା ବିନା ହେଲମେଟରେ ଗାଡ଼ି ଚାଳନା ପାଇଁ ୩,୧୫୭ ଜଣ ଓ ଦ୍ରୁତଗତି ପାଇଁ ୧,୫୫୮, ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଇବା ପାଇଁ ୧୮୮, ଦୁଇ ଚକିଆରେ ଦୁଇରୁ ଅଧିକ ଯିବା ପରି ଟ୍ରାଫିକ ନିୟମ ଉଲ୍ଲଙ୍ଘନ ପାଇଁ ୨୮୨ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଏଥିସହ ମାଲବାହୀ ଓ ଯାତ୍ରୀବାହୀ ଯାନରେ କ୍ଷମତାଠାରୁ ଅଧିକ ଭାର ବହନ କରିବା ଓ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରିବା ଭଳି ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ବିରୋଧରେ ମଧ୍ୟ ଜରିମାନା ଜାରି ହୋଇଛି।

ଏଥିସହ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି। ରାଇରଙ୍ଗପୁର ଓ ବଡ଼ବିଲରେ ସଚେତନ ଗାଡ଼ି ଚାଳକଙ୍କୁ ଫୁଲ ଓ ଚକୋଲେଟ୍ ଦେଇ ଅଭିନନ୍ଦନ ଜଣାଯାଉଥିବା ବେଳେ ବଣାଇଗଡ଼ ବସ୍‌ଷ୍ଟାଣ୍ଡରେ ଆଞ୍ଚଳିକ ପରିବହନ ଅଧିକାରୀ ରାଉରକେଲାଙ୍କ ଦ୍ୱାରା ବସ୍ ଚାଳକଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାଛଡ଼ା ଭୁବନେଶ୍ୱର ଆରଟି-୨ଙ୍କ ଦ୍ୱାରା ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଏହି ଅବସରରେ ୬ ମହିଳା ଗାଡ଼ି ଚାଳକ ମଧ୍ୟ ଚକ୍ଷୁ ପରୀକ୍ଷା କରାଇଛନ୍ତି। ଯାଜପୁର ମହୋତ୍ସବରେ ପୁଲିସ ପ୍ରଶାସନର ସକ୍ରିୟ ସହଯୋଗରେ ଆରଟିଓ ଯାଜପୁରଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଲିଫଲେଟ୍ ଓ ହେଲମେଟ୍ ବଣ୍ଟନ ସହ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଭିଡିଓ ପ୍ରଦର୍ଶନ କରାଯାଇଛି। ତା'ଛଡ଼ା ଯମରାଜ ଓ ଚିତ୍ରଗୁପ୍ତଙ୍କ ଭୂମିକାରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଯାଇଛି।

ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୧୬୬ରୁ ୪୯ ଅଭିଯୋଗର ତତ୍କାଳ ସମାଧାନ



**କଟକ,୨୩।୩(ସଂଚାର ବ୍ୟୁରୋ):** କଟକ ଜିଲ୍ଲାର ଡମପଡ଼ା ବ୍ଲକ୍ ଜାତମୁଣ୍ଡିଆସ୍ଥିତ ପଞ୍ଚାୟତ ଭବନଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ସମୁଦାୟ ୧୬୬ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେଥିମଧ୍ୟରୁ ୧୫୭ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଅଭିଯୋଗ ଥିଲା। ଶୁଣାଣି ଶିବିରରେ ୪୯ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ନିଆଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ଗୋଟିଏ ଆବେଦନ ଗ୍ରହଣ କରାଯାଇଥିବା ବେଳେ ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ଗୋଟିଏ ଆବେଦନ ଗ୍ରହଣ କରାଯାଇଛି।

# ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ ଓ କର୍ମକର୍ତ୍ତାଙ୍କ ଶପଥପାଠ



**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ବିଜେବି ମହାବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ (୨୦୨୬-୨୦୨୮ ବର୍ଷ ପାଇଁ) ଓ ନବନିର୍ବାଚିତ ସଦସ୍ୟମାନଙ୍କ ଶପଥ ପାଠ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଶ୍ୱପ୍ରକାଶ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ରୁଦ୍ର ନାରାୟଣ ସାମନ୍ତରାୟ ସାଧାରଣ ସମ୍ପାଦକ ଓ ମିହିରକାନ୍ତ ପ୍ରହରାଜ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହ ୧୨ ଜଣ ସଦସ୍ୟ ବିଶ୍ୱରଞ୍ଜନ ସାହୁ, ଅରବିନ୍ଦ ପ୍ରସାଦ ବଳ, ଦିଲ୍ଲୀପ କୁମାର ସେନାପତି, ତିରୁପତି ପ୍ରସାଦ ପଣ୍ଡା, ଅମର ମହାପାତ୍ର, ସୁଚିତ୍ରା ସାହୁ, ବିଶ୍ୱ ବିଜୟ ବକ୍ସି ଆଚାର୍ଯ୍ୟ, କଳ୍ପତରୁ ଓଝା, ପ୍ରଦୀପ କୁମାର ସାମଲ,ସ୍ମରିତା ସାମନ୍ତରାୟ, ମଳୟ କେତନ ଜେନା ଓ ଦୟାନନ୍ଦ ରଥ କାର୍ଯ୍ୟକାରୀ କମିଟିରେ ସ୍ଥାନ ପାଇଛନ୍ତି। ସର୍ବସମ୍ମତି କ୍ରମେ ମହାବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଶପଥ ନେବା ସହ ସଭ୍ୟ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି।



## ବିଧାନସଭା ଖବର

### ତମାଖୁ ନେଲାଣି ୩ ହଜାରରୁ ଅଧିକ ମୁଣ୍ଡ

**ଭୁବନେଶ୍ୱର, ୨୩।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ତମାଖୁ ସେବନ କରି ୩ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ସବୁଠୁ ଉତ୍କଟ ହୋଇଛି ମୁଖ କ୍ୟାନ୍ସର। ମୁଖ ଗହ୍ୱର କ୍ୟାନ୍ସରରେ ଯାଇଛି ୩ ହଜାର ୧୫୭ ଜୀବନ। ଧୂମହୀନ ତମାଖୁକୁ ବନ୍ଦ କରିବା ପାଇଁ ନିକଟରେ ଜାନୁଆରୀ ୨୧ ତାରିଖରେ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜୋରଦାର ଚଢ଼ାଉ ମଧ୍ୟ ଜାରି ରହିଛି। ଆଜି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି।

### ବଢ଼ିବାରେ ଲାଗିଛି ଶିଶୁ ନିଖୋଜ ମାମଲା

ରାଜ୍ୟରେ ଶିଶୁ ନିଖୋଜ ମାମଲା ବଢ଼ିବାରେ ଲାଗିଛି। ୨୦୨୪ରେ ୬୮୩୮ ଶିଶୁ ନିଖୋଜ ହୋଇଥିବା ବେଳେ ୫୯୪୨ ଜଣ ଉଦ୍ଧାର ହୋଇଥିଲେ। ହେଲେ ନିଖୋଜ ସଂଖ୍ୟା ୨୦୨୫ରେ ବଢ଼ି ୮୨୦୬ରେ ପହଞ୍ଚିଛି। ସେଥିରୁ ୬୦୩୬ ଜଣ ଉଦ୍ଧାର ହୋଇଛନ୍ତି। ସେପଟେ କମିସନରେଟ ପୁଲିସର ପାରିବାପଣିଆକୁ ନେଇ ବି ପ୍ରଶ୍ନ ଉଠୁଛି। ଭୁବନେଶ୍ୱର ହତ୍ୟାକାଣ୍ଡ ମାମଲା କମୁଛି, ହେଲେ କଟକରେ ବଢ଼ି ଚାଲିଛି। ୨୦୨୪ରେ କଟକରେ ୨୧ଟି ହତ୍ୟା ମାମଲା ପଞ୍ଜିକୃତ ହୋଇଥିଲା। ଏହି ସଂଖ୍ୟା ୨୦୨୫ରେ ବଢ଼ି ୨୪ରେ ପହଞ୍ଚିଲା। ଭୁବନେଶ୍ୱରରେ ହତ୍ୟାକାଣ୍ଡ ସଂଖ୍ୟା ଅଧିକ ରହିଥିଲେ ବି ୨୦୨୪ ତୁଳନାରେ ୨୦୨୫ରେ କମିଛି। ୨୦୨୪ରେ ଭୁବନେଶ୍ୱରରେ ୪୩ଟି ହତ୍ୟାକାଣ୍ଡ ମାମଲା ପଞ୍ଜିକରଣ ହୋଇଥିଲା। ଯାହା ୨୦୨୫ରେ ୩୩କୁ ଖସିଆସିଛି। ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

### ୨୦୨୫ରେ ପିକ୍‌ରେ ଥିଲା ମହିଳା ଅପହରଣ

ଗତବର୍ଷ ମହିଳା ବିରୋଧୀ ହିଂସାରେ ନିନ୍ଦା ସହିଛି ଓଡ଼ିଶା। ବର୍ଷକରେ ୩୨ ହଜାର ୬୮୭ ମହିଳା ବିରୋଧୀ ହିଂସା ପଞ୍ଜିକୃତ ହୋଇଛି। ୭୩୭୮ ଜଣ ମହିଳାଙ୍କୁ ଅପହରଣ କରାଯାଇଥିଲା। ସେହିପରି ୭୩୮୨ ଜଣ ମହିଳା ଅସଦାଚରଣର ଶିକାର ହୋଇଥିବା ବେଳେ ୧୧୮୩ ଯୌନ ନିର୍ଯାତନା, ୫୪୧୯ ଅଣଯୌତୁକଜନିତ ନିର୍ଯାତନା, ୪୩୬୧ ଯୌତୁକଜନିତ ନିର୍ଯାତନା ମାମଲା ପଞ୍ଜିକୃତ ହୋଇଛି। ୨୯୯୪ ଧର୍ଷଣ ମାମଲା ପଞ୍ଜିକରଣ ହେବା ଫଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି।

### ରାଜ୍ୟରେ ସକ୍ରିୟ ଅଛନ୍ତି ୧୫ ମାଓବାଦୀ

ରାଜ୍ୟର କନ୍ଧମାଳ-କଳାହାଣ୍ଡି -ରାୟଗଡା ଜିଲ୍ଲା ସୀମାବର୍ତ୍ତୀ ଅଳ୍ପ କେତେକ ଅଞ୍ଚଳରେ ଏବେ ବି ୧୫ ମାଓବାଦୀ ସକ୍ରିୟ ଅଛନ୍ତି। ରାଜ୍ୟରେ ଅନ୍ୟ କୌଣସି ସ୍ଥାନରେ ମାଓବାଦୀଙ୍କ ଉପସ୍ଥିତି ଦେଖିବାକୁ ମିଳୁନି। ଗତ ଦୁଇ ବର୍ଷରେ ରାଜ୍ୟରେ ୯୬ ଜଣ ମାଓବାଦୀ ବା ମିଲିସିଆ ଆତ୍ମସମର୍ପଣ କରିଛନ୍ତି। ଏବେ ବି କନ୍ଧମାଳ ଜିଲ୍ଲାକୁ ମାଓବାଦୀ ପ୍ରଭାବିତ ଜିଲ୍ଲା ଭାବରେ ବିବେଚିତ କରାଯାଉଛି। ୮ଟି ଜିଲ୍ଲା ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ାକୁ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଭାବେ ବିବେଚନା କରାଯାଉଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ମାଓବାଦୀମୁକ୍ତ ରାଜ୍ୟ ହେବ ବୋଲି ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

### ଡିଜିଟାଲରେ ବିଧାୟକ ଶୁଣିବେ ଅଭିଯୋଗ

ଆଗକୁ ସହଜ ହେବ ଲୋକଙ୍କ ଅଭିଯୋଗ ଶୁଣାଣି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାଧାରଣ ଜନସାଧାରଣଙ୍କ ଅସୁବିଧା ଓ ଅଭିଯୋଗକୁ ଶୀଘ୍ର ଗ୍ରହଣ ଓ ସମାଧାନ ପାଇଁ ବିଧାୟକଙ୍କ ନିମନ୍ତେ ହେବ ଡିଜିଟାଲ ପ୍ଲାଟଫର୍ମ ବ୍ୟବସ୍ଥା। ଏନେଇ ବିଚାରବିମର୍ଶ କରୁଛନ୍ତି ରାଜ୍ୟ ସରକାର। ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ଲିଖିତ ପ୍ରଶ୍ନରେ ଏହା କହିଛନ୍ତି।

### ଗୋ-ଚାଲାଣକାରୀଙ୍କ ଭୂସ୍ୱର୍ଗ ପାଲଟିଛି ପଶ୍ଚିମବଙ୍ଗ

ଓଡ଼ିଶାରୁ ପଶ୍ଚିମବଙ୍ଗକୁ ହେଉଛି ସର୍ବାଧିକ ଗୋ-ଚାଲାଣ। ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼, ତେଲଙ୍ଗାନା, ତାମିଲନାଡୁକୁ ଓଡ଼ିଶାରୁ ହେଉଛି ଗୋ-ଚାଲାଣ। ତିନି ବର୍ଷରେ ସାମ୍ନାକୁ ଆସିଲାଣି ୧୮୭୮ ଗୋ-ଚାଲାଣ ମାମଲା। ଏହି ମାମଲାରେ ୨୬୯୯ ଜଣଙ୍କୁ ଗିରଫ ଓ କୋର୍ଟ ଚାଲାଣ କରାଯାଇଛି। ଅପରେସନ ଗୋ ରକ୍ଷା ମାଧ୍ୟମରେ ୨୪ ହଜାର ୬୬୭ ଗାଈଙ୍କୁ ଉଦ୍ଧାର କରାଯାଇଛି ବୋଲି ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।

# ଦିଲ୍ଲୀପଙ୍କ ବିଜୟ ଓଡ଼ିଶାକୁ ଲଜ୍ଜିତ କରିଛି

ବିଜୟଙ୍କ ମନ୍ତବ୍ୟ ବିଜେଡି ବିରୋଧରେ ଷଡ଼ଯନ୍ତ୍ରକୁ ପ୍ରମାଣିତ କରୁଛି



**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାର କରିବା ପାଇଁ ଜଣେ କୋଇଲା ଖଣି ଆବଣ୍ଟନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଦିଲ୍ଲୀପ ରାୟଙ୍କୁ ବିଜେପି ସମର୍ଥନ ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା କରିଥିଲା ବୋଲି ବିଜେଡି ଅଭିଯୋଗ କରିଛି। ଏହି ରାଜ୍ୟସଭା ନିର୍ବାଚନରେ ହୋଇଥିବା ଘୋଡ଼ା ବେପାର ଯୋଗୁଁ ଓଡ଼ିଶା ନିନ୍ଦିତ ଓ ଲଜ୍ଜିତ ହେବା ସହ ବିଜେଡି ବିରୋଧରେ ହୋଇଥିବା ଚକ୍ରାନ୍ତ ମଧ୍ୟ ଲୋକଲୋଚନକୁ ଆସିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ଦୁଇ ମାସ ତଳେ ବିଜେଡିର ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ନିଲମ୍ବନ କରାଯାଇଥିଲା। ସେମାନଙ୍କ ନିଲମ୍ବନର କାରଣକୁ ନେଇ ଗଣମାଧ୍ୟମରେ ବିଭିନ୍ନ ପ୍ରଶ୍ନ କରାଯାଇଥିଲା। ଏବେ ଦିଲ୍ଲୀପଙ୍କୁ ଜିତାଇବା ପାଇଁ ୩ ମାସ ତଳେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ବୋଲି ବିଜୟ ମହାପାତ୍ର ଦେଇଥିବା ମନ୍ତବ୍ୟରୁ ବିଜେଡି ବିରୋଧରେ ହୋଇଥିବା ଚକ୍ରାନ୍ତ ସ୍ପଷ୍ଟ ହୋଇଛି। ତେଣୁ ବିଜେଡି ଦ୍ୱାରା ଦୁଇ ବିଧାୟକଙ୍କୁ କରାଯାଇଥିବା ନିଲମ୍ବନ ଯଥାର୍ଥ ଥିଲା ବୋଲି ବିଜୟଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହେଉଛି।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଇଁ ପ୍ରସ୍ତୁତି ବୈଠକ

**କଟକ,୨୩।୩(ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଓଡ଼ିଶା ଦିବସର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆସନ୍ତା ୧ ସନ୍ଧ୍ୟାରେ ନେତାଜୀ ସଂସ୍କୃତି ଭବନଠାରେ ପାଳନ କରାଯିବ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଓ ଜିଲ୍ଲାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବ। ପ୍ରତ୍ୟୁଷରୁ ସହରରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁଯତ୍ନ ପ୍ରତିଷ୍ଠାନରେ ପ୍ରଭାତ ଫେରି ସହ ଓଡ଼ିଶା ଦିବସ ପାଳନ କରାଯିବ। ଚଳିତ ଥର ନେତାଜୀ ସଂସ୍କୃତି ଭବନ ପରିସରରେ ଓଡ଼ିଶା ନିର୍ମାଣ ଓ ଓଡିଶାର ବରପୁତ୍ରମାନଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ।



# ବିଜେଡ଼ି ପକ୍ଷରୁ ନିଲମ୍ବିତ ତିନି ବିଧାୟକଙ୍କ କୁଶପୁତ୍ତଳିକା ଦାହ



**କଟକ,୨୩।୩ (ସଂଚାର ବ୍ୟୁରୋ):** କଟକ ସହରରେ ଜାରି ରହିଛି କୁଶ ପୁତ୍ତଳିକା ଦାହ ରାଜନୀତି। ଆଜି ପୁଣି ବିଜେଡି ଜାଳିଛି ନିଲମ୍ବନ ନେତାଙ୍କ କୁଶ ପୁତ୍ତଳିକା। ବିଜୁ ଜନତା ଦଳ କଟକ ମହାନଗର ବିଜେଡି ପକ୍ଷରୁ ମାଛୁଆ ବଜାର ଠାରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ,ବାଙ୍କୀ ବିଧାୟକ ଦେବି ରଞ୍ଜନ ତ୍ରିପାଠୀ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବିଜେଡି କହିଛି ଯେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟ ଦେଇ ବିକ୍ରି ହୋଇଗଲେ।ତେବେ ଏହି ୩ ବିଧାୟକ ଭୋଟରଙ୍କୁ ଆଜି ପର୍ଯ୍ୟନ୍ତ ଭକୁଆ ବନାଇ ଆସିଥିଲେ ବୋଲି ବିଜେଡି ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମ ବିଜୁ ଜନତା ଦଳ କୋଷାଧକ୍ଷ ସୁବାସ ସିଂ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ମହିଳା ଜିଲ୍ଲା ସଭାପତି ଅନିତା ବେହେରା, ବିଜେଡି ବରିଷ୍ଠ ନେତା ତାପସ ମହାନ୍ତି, ଦେବେନ୍ଦ୍ର କାହାଳି ପ୍ରମୁଖ ବିଜେଡି ର ବହୁ କର୍ମୀ ଓ ନେତା ଉପସ୍ଥିତ ରହି କଟକ ର ତିନି ବିଧାୟକ ଙ୍କ କୁଶ ପୁତ୍ତଳିକା ଦାହା କରିବା ସହ ତାଙ୍କର ସଭ୍ୟ ପଦରୁ ଇସ୍ତଫା ଦେବା ପାଇଁ ଦାବି କରିଥିଲେ ।

# ପୁଲିସ ସ୍କାନର୍‌ରେ ଓୟୋ ହୋଟେଲ

**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ସେକ୍ସ ର୍ୟାକେଟ ସନ୍ଦେହରେ ପୁଲିସ ସ୍କାନରରେ ରହିଛି ଓୟୋ ହୋଟେଲ। ଗତ ୨୦୨୪ ଜୁଲାଇଠାରୁ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ଅଧୀନରେ ଅବୈଧ ସେକ୍ସ ର୍ୟାକେଟ ସମ୍ବନ୍ଧିତ କାର୍ଯ୍ୟକଳାପକୁ ରୋକିବା ପାଇଁ ଓୟୋ ହୋଟେଲଗୁଡ଼ିକରେ ନିୟମିତ ପାଟ୍ରୋଲିଂ ଓ ଚଢ଼ାଉ କରାଯାଉଛି। ଅକ୍ଟୋବର ଓ ନଭେମ୍ବର ୨୦୨୫ଠାରୁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ବସ୍ତି, ଭଡ଼ାଘର ଓ ହୋଟେଲଗୁଡ଼ିକରେ ଚଢ଼ାଉ କରାଯାଇଛି। ସେକ୍ସ ର୍ୟାକେଟ୍ ଚଳାଇଥିବା ମାଲିକ, ସମ୍ପୃକ୍ତ ଦଲାଲ ଓ ଏଥିରେ ଲିପ୍ତ ଥିବା ବ୍ୟକ୍ତିବିଶେଷଙ୍କ ଗିରଫ କରାଯାଇଛି। ଭୁବନେଶ୍ୱର ଲକ୍ଷ୍ମୀସାଗରର ଏକ ଘରେ ଚଢ଼ାଉ କରାଯାଇ ଘର ମାଲିକଙ୍କୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ୩ ଦଲାଲ ଓ ୪ ଜଣ ଗ୍ରାହକ ମଧ୍ୟ ଗିରଫ ହୋଇଥିଲେ। ସେହିପରି କ୍ୟାପିଟାଲ ହସ୍ପିଟାଲ ପାଖ ଏକ ଭଡ଼ା ଘର ଉପରେ ଚଢ଼ାଉ କରାଯାଇ ୨ ଦଲାଲ ଓ ୪ ଗ୍ରାହକଙ୍କୁ ଗିରଫ କରାଯାଇଥିବା ନେଇ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ବିଜୁ ଲିଗାସୀ ନୁହେଁ, କେବଳ ଟଙ୍କା ପାଇଁ କ୍ରସ ଭୋଟିଂ



**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲୀପ ରାୟଙ୍କ ବିଜୟ ପରେ ରାଜ୍ୟର ଦୁଇ ପୁରୁଖା ନେତା ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀ ଉଲ୍ଲସିତ ହୋଇପଡ଼ିଥିବା ବେଳେ ବିଜେଡି ଆଜି ଏଇ ଦୁଇ ନେତାଙ୍କ ବିଜୁବିରୋଧୀ କାର୍ଯ୍ୟଗୁଡ଼ିକୁ ମନେ ପକାଇ ଦେଇଛି। ୧୯୯୫ରେ ଲଗାତାର ଭାବେ ବିଜୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ୧୯୯୬ରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ସୁଯୋଗକୁ ଭଣ୍ଡୁର କରିବା ପାଇଁ ଯେଉଁ ଚକ୍ରାନ୍ତ ହୋଇଥିଲା, ସେଥିରେ ଏଇ ଦୁଇ ନେତାଙ୍କ ସମ୍ପୃକ୍ତି ଥିଲା ବୋଲି ବିଜେଡି ଅଭିଯୋଗ କରିଛି।

ଆଜି ଶଙ୍ଖ ଭବନରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ଧ୍ରୁବ ଚରଣ ସାହୁ ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀଙ୍କ ପୂର୍ବ କାର୍ଯ୍ୟକଳାପକୁ ସ୍ମରଣ କରାଇ ସେମାନଙ୍କ ଉପରେ ବର୍ଷିଥିଲେ। ବ୍ୟୋମକେଶ କହିଥିଲେ

- ବିଜୁଙ୍କ ବିରୋଧରେ ଏଇମାନେ ଚକ୍ରାନ୍ତ କରିଥିଲେ
- ଚକ୍ରାନ୍ତକାରୀଙ୍କ ମୁହଁରେ ବିଜୁ ଲିଗାସୀ ସୈତାନର ବେଦପାଠ ସଦୃଶ

ଯେ ୧୯୯୫ରେ ବିଜୁ ପଟ୍ଟନାୟକଙ୍କ ସପକ୍ଷରେ ହାୱା ଥିବାବେଳେ ଓ ସେ ଲଗାତାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ବୋଲି ବିଚାର କରାଯାଉଥିବା ବେଳେ ଏଇ ଦୁଇ ନେତା ଅନେକ ସ୍ଥାନରେ ସମାନ୍ତରାଳ ପ୍ରାର୍ଥୀ ଦେଇ ଏକ ଅପ୍ରତ୍ୟାଶିତ ପରାଜୟର କାରଣ ହୋଇଥିଲେ।

ସେହିପରି ଶ୍ରୀ ସାହୁ କହିଥିଲେ ଯେ ବିଜୁ ବାବୁଙ୍କ ବିରୋଧରେ ଚକ୍ରାନ୍ତ ରଚୁଥିବା ନେତାମାନେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି। ପ୍ରଭାତଙ୍କ ନବୀନ ନିବାସରେ ବିଶୃଙ୍ଖଳା ଆଚରଣ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା। ଟଙ୍କା ବଦଳରେ ଭୋଟ ଦେଇଛନ୍ତି। କେବଳ ଲୋକ ଆକ୍ରୋଶରୁ ରକ୍ଷା ପାଇବା ଲକ୍ଷ୍ୟରେ ବିଜୁ ଲିଗାସୀ କଥା କହୁଛନ୍ତି। ଏମାନଙ୍କ ମୁହଁରେ ବିଜୁ ଲିଗାସୀ କଥା ସୈତାନର ବେଦ ପାଠ ସଦୃଶ।

ଏହାଛଡ଼ା ଶ୍ରମତୀ ମଲ୍ଲିକ କହିଥିଲେ ଯେ କ୍ରସ ଭୋଟିଂ କରିଥିବା ବିଧାୟକମାନେ କେବଳ ଟିକେଟ ନେଇ କ୍ଷମତା ଉପଭୋଗ କରିବା ପାଇଁ ବିଜେଡିରେ ଥଲେ। ସେମାନଙ୍କୁ ନିଲମ୍ବନ କରି ନବୀନ ବାବୁ ଉଚିତ ପଦକ୍ଷେପ ନେଇଛନ୍ତି। ଜନ ଆକ୍ରୋଶରୁ ରକ୍ଷା ପାଇବା ପାଇଁ ସେମାନେ ବିଜୁ ଲିଗାସୀ କଥା କହୁଛନ୍ତି। ଯଦି ସେମାନଙ୍କର ସତ୍‌ସାହସ ଅଛି, ତା'ହେଲେ ବିଧାୟକ ପଦରୁ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି।

# ୨୮ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ଗତ କିଛିଦିନ ଧରି ବିଭିନ୍ନ ସ୍ଥାନରେ ଲାଗି ରହିଥିବା ଝଡ଼ବର୍ଷାର ପ୍ରଭାବ କମିଥିଲେ ହେଁ କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଜାରି ରହିଛି। ଏଥିସହ ଆଗାମୀ ୬ ଦିନ ଅର୍ଥାତ୍ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଝଡ଼ବର୍ଷା ପାଇଁ ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଛି। ଗତକାଲି ରାଜ୍ୟର ୬ଟି ସ୍ଥାନର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିବା ବେଳେ ପାରଳାଖେମୁଣ୍ଡିରେ ସର୍ବାଧିକ ୩୭.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪

ମଙ୍ଗଳବାର ୨୪ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର
Tuesday 24 March 2026, Bhubaneswar

# ତୃଣମୂଳର ଚତୁର୍ଥ ପର୍ଯ୍ୟାୟ ନା ବିଜେପି?

ପଶ୍ଚିମବଙ୍ଗର ରାଜନୈତିକ ଆକାଶରେ ନିର୍ବାଚନର ଘନଘଟା ମେଘ ଘୋଟି ରହିଛି। ଭାରତୀୟ ନିର୍ବାଚନ ଆୟୋଗ ମାର୍ଚ୍ଚ ୧୫, ୨୦୨୬ରେ ଘୋଷଣା କରିଛନ୍ତି ଯେ ଏପ୍ରିଲ ୨୩ ଓ ୨୯ ତାରିଖରେ ଦୁଇ ପର୍ଯ୍ୟାୟରେ ୨୯୪ ବିଧାନସଭା ଆସନର ନିର୍ବାଚନ ହେବ ଏବଂ ମେ ୪ରେ ଫଳ ଗଣନା କରାଯିବ। ୨୦୨୧ ନିର୍ବାଚନରେ ତୃଣମୂଳ କଂଗ୍ରେସ (ଟିଏମସି) ୨୧୫ ଆସନ ଜିତି ସରକାର ଗଠନ କରିଥିଲା ଏବଂ ବିଜେପି ୭୭ ଆସନ ପାଇ ବିରୋଧୀ ଦଳ ହୋଇଥିଲା। କିନ୍ତୁ ଏଥର ପରିସ୍ଥିତି ବଦଳିଛି। ମତାମତ ସର୍ଭେ ଓ ରାଜନୈତିକ ବିଶ୍ଳେଷଣ ସୂଚାଉଛି ଯେ ଟିଏମସି ସରକାର ବଜାୟ ରଖିପାରେ, କିନ୍ତୁ ସଂଖ୍ୟା କମିବ ଏବଂ ବିଜେପି ମଜବୁତ ବିରୋଧୀ ଦଳର ମାନ୍ୟତା ପାଇବ। ଆଇଏଏନ୍‌ଏସ୍-ମାଟ୍ରିଜ୍ ମତାମତ ସର୍ଭେ ଅନୁଯାୟୀ ଟିଏମସି ୧୫୫ରୁ ୧୭୦ ଆସନ ପାଇପାରେ ଏବଂ ଏନଡିଏ ମେଣ୍ଟ ୧୦୦ରୁ ୧୧୫ ଆସନ। ଭୋଟ ଶେୟାରରେ ଟିଏମସି ୪୩-୪୫ ପ୍ରତିଶତ ଓ ବିଜେପି ୪୧-୪୩ ପ୍ରତିଶତ ମଧ୍ୟରେ ରହିପାରେ ବୋଲି ଆକଳନ କରାଯାଉଛି। ୨୦୨୪ ଲୋକସଭା ନିର୍ବାଚନ



ଆସନ-ଆଧାରିତ ବିଶ୍ଳେଷଣରେ ମଧ ଟିଏମସିର ପ୍ରାଧାନ୍ୟ ଦେଖାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ଭବିଷ୍ୟବାଣୀ କରିଛନ୍ତି ଯେ ଟିଏମସି ୨୨୬ରୁ ଅଧିକ ଆସନ ଜିତିବ ଏବଂ ସେ ନିଜେ ଭବନୀପୁରରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ସହ ଏହା ପ୍ରତ୍ୟକ୍ଷ ଲଢ଼େଇ ହେବ। କିନ୍ତୁ ସର୍ଭେ ସୂଚାଉଛି ଯେ ମମତାଙ୍କ ଜନପ୍ରିୟତା ୪୨ ପ୍ରତିଶତ ରହିଛି ଯେତେବେଳେ ଶୁଭେନ୍ଦୁଙ୍କ ଲୋକପ୍ରିୟତା ୧୯ ପ୍ରତିଶତରେ ସୀମିତ। ଟିଏମସିର ଶକ୍ତି ହେଉଛି ଲକ୍ଷ୍ମୀର ଭାଣ୍ଡାର, କାନ୍ୟାଶ୍ରୀ, ସ୍ୱାସ୍ଥ୍ୟ ଓ ମହିଳା କେନ୍ଦ୍ରିତ କାର୍ଯ୍ୟକ୍ରମ ଭଳି କଲ୍ୟାଣକାରୀ ଯୋଜନା। ଗ୍ରାମାଞ୍ଚଳ ଓ ସଂଖ୍ୟାଲଘୁ ଭୋଟର ସମର୍ଥନ ମମତାଙ୍କ ଶକ୍ତି। କିନ୍ତୁ ବିରୋଧୀମାନେ ଭ୍ରଷ୍ଟାଚାର, ରାଜନୈତିକ ହିଂସା ଓ ଅନୁପ୍ରବେଶ ପ୍ରସଙ୍ଗ ଉଠାଇ ପଶ୍ଚିମବଙ୍ଗ ସରକାରରେ ଜନମତ ସୃଷ୍ଟି କରୁଛନ୍ତି। ଯୁବକ ବେକାରୀ ଓ ଆର୍ଥିକ ଅସ୍ଥିରତା ମଧ୍ୟ ବିଜେପିର ଅନ୍ୟତମ ରାଜନୈତିକ ଅସ୍ତ୍ର। ବିଜେପି ଦାବି କରୁଛି ଯେ ସୀମାନ୍ତ ସୁରକ୍ଷା ଓ ହିନ୍ଦୁ ସଂଖ୍ୟାଗରିଷ୍ଠତା ରକ୍ଷା ପାଇଁ ସେମାନଙ୍କ ଜିତିବା ଜରୁରୀ। ଲେଫ୍ଟ ଫ୍ରଣ୍ଟ ଓ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଘୋଷଣା କରିଛନ୍ତି, କିନ୍ତୁ ସେମାନଙ୍କ ପ୍ରଭାବ କିଛି ଅଞ୍ଚଳରେ ସୀମିତ।

ଏହି ନିର୍ବାଚନ କେବଳ ଆସନ ଗଣନା ନୁହେଁ, ପଶ୍ଚିମବଙ୍ଗର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଯଦି ଟିଏମସି ଜିତେ ତାହେଲେ ମମତାଙ୍କ ଚତୁର୍ଥ ପର୍ଯ୍ୟାୟ ଆରମ୍ଭ ହେବ ଓ ରାଜ୍ୟର ଉନ୍ନୟନ ଯୋଜନା ଜାରି ରହିବ। କିନ୍ତୁ ବିଜେପି ଯଦି ଉତ୍ଥାନ ହୁଏ ତାହେଲେ ରାଜ୍ୟର ରାଜନୀତିରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗରେ ଏତେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଉଛି। ଭୋଟରମାନେ ଉନ୍ନୟନ, ସୁରକ୍ଷା ଓ ସ୍ଥିରତା ପାଇଁ ଭୋଟ ଦେବେ। ମତାମତ ସର୍ଭେ ଯଦିଓ ଟିଏମସିକୁ ସଂଖ୍ୟାଗରିଷ୍ଠତା ଦେଉଛି, କିନ୍ତୁ ଚୂଡ଼ାନ୍ତ ଫଳ ଭୋଟରଙ୍କ ହାତରେ।

ଏହି ନିର୍ବାଚନ ଲୋକତନ୍ତ୍ରର ମହତ୍ତ୍ୱ ପ୍ରମାଣ କରିବ। ପଶ୍ଚିମବଙ୍ଗର ବିକାଶ ପାଇଁ ଯେକୌଣସି ଦଳ ଜିତିଲେ ମଧ ରାଜ୍ୟର ସମୃଦ୍ଧି, ଶିକ୍ଷା ଓ ରୋଜଗାର ପ୍ରଥମ ପ୍ରାଥମିକତା ହେବା ଉଚିତ। ଭୋଟରମାନେ ବିଚାରପୂର୍ବକ ନିଷ୍ପତ୍ତି ନେବେ ଏବଂ ଫଳାଫଳ ମେ ୪ରେ ସ୍ପଷ୍ଟ ହେବ। ପଶ୍ଚିମବଙ୍ଗ ଆଉ ଥରେ ଭାରତର ରାଜନୈତିକ ମଞ୍ଚରେ ଆଲୋଚନାର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ଏହି ନିର୍ବାଚନ କେବଳ ଏକ ଦଳର ଜୟ ନୁହେଁ, ରାଜ୍ୟର ଆତ୍ମାର ପରୀକ୍ଷା।

# ଇଚ୍ଛାମୃତ୍ୟୁ: ଅଭିଶପ୍ତ ଜୀବନକୁ ଶାନ୍ତିପୂର୍ଣ୍ଣ ବିଦାୟ



ଡ଼ ମନୋଜ କୁମାର ମହାନ୍ତି

ଜାତସ୍ୟ ମୃତ୍ୟୁ ଧ୍ରୁବସତ୍ୟ। ଧରାଧାମରେ ଅବତୀର୍ଣ୍ଣ ମଣିଷରୁ ଦେବତା ପର୍ଯ୍ୟନ୍ତ ସମସ୍ତଙ୍କୁ ନିଶ୍ଚୟ ଶେଷ ନିଃଶ୍ୱାସ ନେବାକୁ ହେବ। ମହାଭାରତର ମହାନାୟକ ଶ୍ରୀକୃଷ୍ଣ ଯୁଦ୍ଧର ପରିସମାପ୍ତି ପରେ ଶିଆଳି ଲଟା ଉହାଡ଼ରେ ଟିକେ ଶାନ୍ତିରେ ବିଶ୍ରାମ କରୁଥିବା ଅବସରରେ ଜରା ଶବରର ଶର ବିଦ୍ଧରେ ମଧ୍ୟ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପ୍ରତ୍ୟେକ ଜୀବନ ପଛରେ ମୃତ୍ୟୁରୂପକ କାଳଛଞ୍ଚାଣ ତାର ଜିହ୍ୱାକୁ ଲହଲହ କରି ଅନେଇ ବସିଛି। କଥାରେ ଅଛି: ବଡ଼ କ୍ରୁର କାଳ ବଡ଼ ଅବିଶ୍ୱାସୀ ହାବୁଡ଼ି ଯିବ ସେ ଆଚମ୍ବିତ ଆସି। ଯୌବନ ଆସିପାରେ ନଆସିପାରେ, ବାର୍ଦ୍ଧକ୍ୟ ଆସିପାରେ ନଆସିପରେ ମଧ୍ୟ କିନ୍ତୁ ମୃତ୍ୟୁ ନିଶ୍ଚିତ ଆସିବ। କେତେବେଳେ କେଉଁ ରୂପରେ ତାର ଆକଳନ କରିବା କଷ୍ଟସାଧ୍ୟ। ଏହାହିଁ ସଂସାରର ବାସ୍ତବତା। ନିଷ୍ଠୁର ସତ୍ୟ। ବୟସ ଅତିକ୍ରମ ସହ ବାର୍ଦ୍ଧକ୍ୟ ଆସିଲେ ମୃତ୍ୟୁ ହେବା ଏକ ସ୍ୱାଭାବିକ ଘଟଣା। କିନ୍ତୁ ଯେବେ ଯୌବନରେ ପାଦ ଥାପୁଥାପୁ, ସ୍ୱପ୍ନ ଦେଖୁଦେଖୁ, ରାତି ପାହିବା ପୂର୍ବରୁ ଅର୍ଥାତ୍ ଅଧରାତିରେ ମୃତ୍ୟୁ ଅତି ନିକଟ ହୋଇଯାଏ ତାହା ସାଧାରଣ ମଣିଷକୁ ଭାରି କଷ୍ଟ ଦିଏ। ପରିବାର ଆତ୍ମୀୟ-ସ୍ୱଜନଙ୍କୁ ଅନେକ ଯନ୍ତ୍ରଣା ଦିଏ।

ଏଇ ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଇଚ୍ଛାମୃତ୍ୟୁ ସମ୍ପର୍କିତ ମାମଲାର ରାୟ ପ୍ରକାଶ ପାଇଛି। ଯେଉଁଥିରେ ଦିଲ୍ଲୀର ଯୁବକ ହରିଶ୍ ରାଣାଙ୍କ ଇଚ୍ଛାମୃତ୍ୟୁକୁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ପ୍ରଦାନ କରାଯାଇଛି। ଦୀର୍ଘ ବାରବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୋମାରେ ପଡ଼ିରହି ଜିଅନ୍ତା ଶବ ପାଲଟି ଯାଇଥିବା ହରିଶର ପିତାମାତା ପୁଅର ଶାନ୍ତିପୂର୍ଣ୍ଣ ବିଦାୟକୁ ଶେଷ ବିକଳ୍ପ ଭାବରେ ଗ୍ରହଣ କରିନେଇ ଉଚ୍ଚ ନ୍ୟାୟାଳୟରୁ ସର୍ବୋଚ୍ଚ ନ୍ୟାୟାଳୟରେ ଇଚ୍ଛାମୃତ୍ୟୁ ପାଇଁ ଦୀର୍ଘ ତିନି ବର୍ଷରୁ ଅଧିକ ସମୟ ଧରି କରିଥିବା ନ୍ୟାୟିକ ଲଢେଇର ପୂର୍ଣ୍ଣଚ୍ଛେଦ ପଡ଼ିଛି। ସବୁଥିରେ ଗୋଟେ ସୀମା ଥାଏ। କଷ୍ଟ ସହିବାର, କଷ୍ଟ ବାଣ୍ଟିବାର ଓ କଷ୍ଟକୁ ନିକଟରୁ ଦେଖିବାର ବି ଗୋଟେ ଶେଷ ସୀମା ଅଛି। ଦଶ ମାସ ଗର୍ଭଧାରଣ କଷ୍ଟରୁ ଅଧିକ କଷ୍ଟ ପିଲାଙ୍କୁ ମଣିଷ କରାଇବା। ତାଠାରୁ ଅଧିକ କଷ୍ଟ ନିଜ ଅନ୍ତଫାଡି ଜନ୍ମ ଦେଇଥିବା ସନ୍ତାନସନ୍ତତିକୁ ଯମପୁରକୁ ଠେଲିଦେବା। ବେଳେ ବେଳେ ସ୍ୱପ୍ନମାନେ ଅଧାଅଧୁରା ଓ ଓଲଟପାଲଟ ହୋଇଯାଆନ୍ତି। ଯେଉଁ ପୁଅ କାନ୍ଧରେ ବାପମା ମଶାଣିକୁ ବୁହାହୁଅନ୍ତି, ସେମାନଙ୍କ ମୁହଁରେ ନିଆଁ ଦିଅନ୍ତି। କିନ୍ତୁ କ୍ରୁର ସମୟଚକ୍ରରେ ତାର ବିପରୀତ ସ୍ୱଭାବ ପରିଲଖିତ ହୋଇ ଯଦି ସେଇ ପୁଅକୁ ଯେବେ ବୃଦ୍ଧ ବୟସର ବାପ ମଶାଣିକୁ ବୋହିନିଏ ତାଠାରୁ ଅଧିକ କଷ୍ଟ ଯନ୍ତ୍ରଣା ଆଉ କଣ ହୋଇପାରେ? ପ୍ରତ୍ୟେକ ମଣିଷ ସ୍ୱପ୍ନଦେଖେ, ଆଶା ବାନ୍ଧେ ଶହେ ବର୍ଷ ବଞ୍ଚିବାକୁ। ସୁନ୍ଦର ଘର, ଆସବାସ ସହ ଏକ ସୁଦୀର୍ଘ ଭବିଷ୍ୟତର ପରିକଳ୍ପନା ପ୍ରତ୍ୟେକ ମଣିଷର ମୁଖ୍ୟ କାମନା ମଧ୍ୟରେ ଅନ୍ତର୍ଭୁକ୍ତ। କିନ୍ତୁ କାହିଁକି କେଜାଣି ମୃତ୍ୟୁଟା ଜୀବନରେ ଏକ ଅନ୍ତରାୟ ସୃଷ୍ଟିକରେ। ମୃତ୍ୟୁ ପୁଣି ଅନେକ ଭାଗରେ ବିଭକ୍ତ। ବାର୍ଦ୍ଧକ୍ୟଜନିତ ମୃତ୍ୟୁ, ଆକସ୍ମିକ ମୃତ୍ୟୁ, ଆତ୍ମହତ୍ୟା ବା ଅପମୃତ୍ୟୁ ଏବଂ ଇଚ୍ଛାମୃତ୍ୟୁ। ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଏକ ଚିରାଚରିତ ପ୍ରଥା ଯାହା ଗ୍ରହଣୀୟ କିନ୍ତୁ ଆକସ୍ମିକ ମୃତ୍ୟୁ ଉପରେ ମଣିଷର ଅଙ୍କୁଶ ନାହିଁ। ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ଅନେକ ସମୟରେ ଏକ ବିବାଦୀୟ ବିଷୟରୂପେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜେ। ବେଳେବେଳେ ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ମଧ୍ୟରେ ବେଶୀକିଛି ଫରକ ଜଣାପଡେନି। କାରଣ ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟ ଉଭୟ ମାନସିକ ଅବସାଦଗ୍ରସ୍ଥ।

ସାଧାରଣ ଜନତାଙ୍କ ସାଧାରଣ ଭାଷାରେ ଇଚ୍ଛାମୃତ୍ୟୁ କହିଲେ କୌଣସି ଏକ ବ୍ୟକ୍ତି ନିଜଦ୍ୱାରା ବା ସ୍ୱଇଚ୍ଛାରେ ନିଜ ମୃତ୍ୟୁକୁ ଆପଣାଇବା। କିନ୍ତୁ ନିଜଦ୍ୱାରା ନିଜେ ଘଟାଉଥିବା ମୃତ୍ୟୁକୁ ଆତ୍ମହତ୍ୟା କହୁଥିବାବେଳେ ଡାକ୍ତର କିମ୍ବା ଚିକିତ୍ସକ ଦ୍ୱାରା ରୋଗୀମାନଙ୍କୁ ମୃତ୍ୟୁବରଣ ପାଇଁ ପ୍ରସ୍ତୁତ କରାଯାଉଥିବା ଡାକ୍ତରୀ ପଦ୍ଧତିକୁ ଇଚ୍ଛାମୃତ୍ୟୁ କୁହାଯାଏ। ଇଚ୍ଛାମୃତ୍ୟୁରେ ବ୍ୟକ୍ତିର କୌଣସି ଭୂମିକା ନଥାଏ ବରଂ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ। ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ଜହର ପାନ, ଦଉଡ଼ି ଲଗାଇବା, ନିଆଁ ଲଗାଇବା, ପାଣିରେ ବୁଡ଼ି ମରିବା ଇତ୍ୟାଦି। ବେଳେବେଳେ କୌଣସି ଏକ ବ୍ୟକ୍ତିକୁ ଅନ୍ୟବ୍ୟକ୍ତି ମାଧ୍ୟମରେ ହତ୍ୟା କରାଯାଇ ତାକୁ ମଧ୍ୟ ଆତ୍ମହତ୍ୟାର ରୂପ ଦିଆଯାଏ। କିନ୍ତୁ ଇଚ୍ଛାମୃତ୍ୟୁ ତାର୍କିକ ଓ ନୈତିକ ଦୃଷ୍ଟିକୋଣରୁ ଏକ ଅନୁଚିତ ପଦକ୍ଷେପ କାରଣ ଯେଉଁଥିରେ ରୋଗୀର ଜୀବନ ପରିବାର ହାତରେ। ଆର୍ଥିକ, ଶାରିରୀକ ଶ୍ରମ ଓ ସମୟ ବିନିଯୋଗ ସତ୍ତ୍ୱେ ବାରମ୍ବାର ବିଫଳର ଶେଷ ବିକଳ୍ପ ମୃତ୍ୟୁ। ମଣିଷ ଜୀବନ ଏକ ଦୁର୍ଲଭ ସୃଷ୍ଟି। ଏହା ସ୍ରଷ୍ଟାଙ୍କର ଶ୍ରେଷ୍ଠ ସୃଷ୍ଟି ବୋଲି ପୁରାଣପୋଥିରେ ଆଲୋଚନା କରାଯାଇଛି। ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀର ପରିଚୟ ସହ ମଣିଷ ଜୀବନର ମହତ୍ତ୍ୱକୁ ଦିବ୍ୟତାର ଅଂଶବିଶେଷ ବୋଲି ବିଶ୍ୱାସ କରାଯାଏ। ମଣିଷର ଶରୀର ଗଠନ ଏକ ରହସ୍ୟମୟ ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧିର ପରିପ୍ରକାଶ। ଆତ୍ମିକ ଦୃଷ୍ଟିକୋଣରୁ ମାନବ ଜୀବନ କେବଳ ଏକ ସୃଷ୍ଟି ନୁହେଁ ବରଂ ଅମୃତର ଏକ ବାରିଧରା। ଯେବେ ମୃତ୍ୟୁ ଶରୀରର ଅନ୍ତିମ ପର୍ଯ୍ୟାୟ ତେବେ ଶରୀର ପାଇଁ ସମ୍ମୁଖୀନ ଯେକୌଣସି ମୃତ୍ୟୁ ମଧ୍ୟ ଗ୍ରହଣୀୟ। ଯଦି ଶରୀରକୁ ସୁସ୍ଥ, ସୁରକ୍ଷା, ଆନନ୍ଦପୂର୍ଣ୍ଣ କରିବା ଓ ରଖିବା ଜୀବନର ଲକ୍ଷ୍ୟ ତେବେ ମୃତ୍ୟୁ ଶବ୍ଦଟି ଏକ ବିବାଦୀୟ ପ୍ରଶ୍ନ। ପୁନଃଶ୍ଚ ଯଦି କୌଣସି କାରଣରୁ ସୁଖ ପରିବର୍ତ୍ତେ ଦୁଃଖ, ସୁସ୍ଥତା ପରିବର୍ତ୍ତେ ରୋଗ ଓ ଯନ୍ତ୍ରଣାରେ ଜୀବନ ସମ୍ମୁଖୀନ ହୁଏ ତେବେ ସେ ଜୀବନ ଅନାବଶ୍ୟକ ହୋଇପଡେ। ଯେଉଁଠି ସବୁ ପ୍ରାୟାସ ଓ ଉପଚାର ସତ୍ତ୍ୱେ ରୋଗୀର କୌଣସି ଶାରିରୀକ ବିକାଶର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି ସେଠି ଜୀବନଟା ଗୋଟେ ଅଭିଶପ୍ତ ଜିଅନ୍ତା ଶବ ଯାହା ମୃତ୍ୟୁଠାରୁ ମଧ୍ୟ କମ୍ ନୁହେଁ। ଯେଉଁଠି ମନ କେବେଠୁ ମରି ଯାଇଛି, ହୃଦୟ କେବେଠୁ ପଥର ପାଲଟି ଯାଇଛି, ଆଖି ପାଲଟି ଯାଇଛି ଅନ୍ଧ, କାନ ଥାଇ ମଧ୍ୟ ବଧିର, ପୁଣି ଜିହ୍ୱାର ଲାଳସା ବହୁ ଦୂରରେ, ସେଠି ଶରୀର ଖଣ୍ଡକର କଣବା ପ୍ରୟୋଜନ। ଚାରିକାନ୍ଥ ମଧ୍ୟରେ ଅଭିଶପ୍ତ ଜୀବନ ଜୀଇଁବାଠାରୁ ଶହେଗୁଣ ଭଲ ଏକ ଶାନ୍ତିପୂର୍ଣ୍ଣ ବିଦାୟ। ଜିଅନ୍ତା ଶବ ପାଲଟି ଯାଇଥିବା ଜୀବନର ଜୀଇଁବାର ଅର୍ଥବା କଣ। କିନ୍ତୁ କାହିଁକି କେଜାଣି ମନକୁ ପ୍ରଶ୍ନଉଠେ ସୁସ୍ଥ ପ୍ରତ୍ୟାବର୍ତ୍ତନର ପ୍ରୟାସରେ ଓ ପ୍ରତୀକ୍ଷାରେ ହେଉଥିବା ଲଢେଇର ଶେଷ ବିକଳ୍ପ କଣ ଇଚ୍ଛାମୃତ୍ୟୁ?

ଦର୍ଶନ ବିଭାଗ ମୁଖ୍ୟ, ବିଏନ ଏମ ଏ ମହାବିଦ୍ୟାଳୟ
ଭଦ୍ରକ, ମୋବାଇଲ୍: ୮୮୯୫୩୪୧୦୩୩

# ମେସିନ୍ ନିର୍ଭରଶୀଳ ବିକାଶରେ ବିପଦ



ଡକ୍ଟର ଲକ୍ଷ୍ମଣ ସାହୁ

ଏବେ ଏଥିରେ ସେଭଳି କୌଣସି ସନ୍ଦେହ ନାହିଁ ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏକ ଦୁଇ ଧାରୁଆ ଖଣ୍ଡା ସଦୃଶ୍ୟ। ଗୋଟିଏ ଦୃଷ୍ଟିରୁ ଯଦି ଏହାକୁ ଉପଯୁକ୍ତ ନିୟମ ଓ ନୈତିକ ମାର୍ଗଦର୍ଶିକା ସହିତ ବ୍ୟବହାର କରାଯାଏ, ତେବେ ଏହା ମାନବଜାତି ପାଇଁ ଏକ ବରଦାନ ହୋଇପାରେ। ଅନ୍ୟପକ୍ଷରେ ଏହାର ଅନିୟନ୍ତ୍ରିତ ବୃଦ୍ଧି ସାମାଜିକ ଓ ନୈତିକ ଗଠନ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ।

ମାନବ ସମାଜରେ କ'ଣ ପ୍ରକୃତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ ) ଏତେ ଆବଶ୍ୟକ ? ମଣିଷମାନେ ସେମାନଙ୍କର କାମକୁ ସରଳ କରିବା ଓ କମ ସମୟରେ ଅଧିକ କାର୍ଯ୍ୟ ସମାପ୍ତ କରିବା ପାଇଁ ମେସିନ୍ ଉଦ୍ଭାବନ କରିଥିଲେ। ଯାହା ଦ୍ୱାରା ସେମାନେ ବାକି ସମୟ ମଧ୍ୟରେ ସେମାନଙ୍କ ପ୍ରିୟଜନଙ୍କ ସହିତ ଏକ ସୁଖଦ ଜୀବନଯାପନ କରିପାରିବେ। କିନ୍ତୁ ଏହା କଳ୍ପନା କରାଯାଇ ନ ଥିଲା ଯେ ମେସିନ୍ଗୁଡ଼ିକ ଦିନେ ମଣିଷଙ୍କୁ ବଦଳାଇ ସେମାନଙ୍କ ଅସ୍ତିତ୍ୱକୁ ଚ୍ୟାଲେଞ୍ଜ କରିବ। ଯେପର୍ଯ୍ୟନ୍ତ ମଣିଷ ପ୍ରକୃତି ସହିତ ସମନ୍ୱୟରେ ରହୁଥିଲା, ସେମାନେ ଏକ ସୁଖଦ ଜୀବନ ବଞ୍ଚୁଥିଲେ। ପ୍ରକୃତିର ନିୟମ ଭାଙ୍ଗିବା ଓ ପ୍ରଯୁକ୍ତିବିଦ୍ୟା ଓ ଆଭାସୀ ପରିବେଶ ସୃଷ୍ଟି କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଆରମ୍ଭ କରିବା ମାତ୍ରେ ସମାଜ ଅନେକ ବିପଦର ସମ୍ମୁଖୀନ ହେବା ଆରମ୍ଭ କଲା।

ନିଶ୍ ପୁରସ୍କାର ବିଜେତା ବୈଜ୍ଞାନିକ ଡେମିସ୍ ହାଉସାବିସ୍ ଯୁକ୍ତି ଦେଇଛନ୍ତି ଯେ ଯଦିଓ ଏଆଇ (ଏଆଇ )ର ବିକାଶ ସମ୍ଭାବନା ବୃଦ୍ଧି କରିଛି, ଏହା ବିପଦ ମଧ୍ୟ ଆଣିଛି। ଏଆଇ ,(ଏଆଇ ର ) ଦୌଡ଼ରେ, କିଛି ଦେଶ କିମ୍ବା କମ୍ପାନୀ ସୁରକ୍ଷା ମାନଦଣ୍ଡକୁ ଅଣଦେଖା କରିପାରନ୍ତି। ଏହା କରିବା ଦ୍ୱାରା ମାନବଜାତି ପାଇଁ ଏହି ପ୍ରଯୁକ୍ତିବିଦ୍ୟାର ବିନାଶ ହୋଇପାରେ। ସେ ଯୁକ୍ତି ଦେଇଛନ୍ତି ଯେ ଏଆଇ (ଏଆଇ)କୁ ପିଲାମାନଙ୍କ ପରି ନୈତିକତା ଓ ମାନବିକତା ଶିଖାଇବା ଆବଶ୍ୟକ। ସେ ଏପରି ଏଆଇ (ଏଆଇ) ବିକଶିତ କରିବାକୁ ଚାହାଁନ୍ତି। ଯାହା କେବଳ ବୁଦ୍ଧିମାନ ନୁହେଁ, ବରଂ ସମ୍ବେଦନଶୀଳ ଓ ଦାୟିତ୍ୱବାନ ମଧ୍ୟ।

ବିଶ୍ୱାସ କରାଯାଏ ଯେ ୨୦୩୦ ସୁଦ୍ଧା ମେସିନଗୁଡ଼ିକ ମଣିଷ ଅପେକ୍ଷା ଦ୍ରୁତ ଓ ଅଧିକ ଜ୍ଞାନୀ ହୋଇପାରିବେ। ସେହି ମେସିନ୍ ଆମ ଚାରିପାଖର ଦୁନିଆକୁ ଗଭୀର ଭାବରେ ବୁଝିପାରିବେ ଓ ଆମର ଦୈନନ୍ଦିନ ଜୀବନରେ ସାମିଲ ହୋଇପାରିବେ। ଏହା ମଧ୍ୟ କୁହାଯାଉଛି ଯେ ଏଆଇ (ଏଆଇ) ଆଗାମୀ ଦଶ ବର୍ଷ ମଧ୍ୟରେ କାଇମେରା ଗୁଡ଼ିକୁ ଦୂର କରିଦେବ। ପ୍ରଶ୍ନ ହେଉଛି, ଯଦି ଆଜିର ଡିଜିଟାଲ୍ ପରିବେଶରେ କାଇମେରାଗୁଡ଼ିକ ଯେତିକି ବିକଶିତ ହୋଇଛି, ପ୍ରାକୃତିକ ପରିବେଶରେ ଯଦି କାଇମେରାଗୁଡ଼ିକ ସେତେ ବିକଶିତ ହୋଇ ନଥାନ୍ତା, ତେବେ କ'ଣ ଏହି ରୋଗଗୁଡ଼ିକ ଉନ୍ନତ ପ୍ରଯୁକ୍ତିର ବର୍ଦ୍ଧିତ ବ୍ୟବହାର ଯୋଗୁଁ ଦେଖାଯାଇନଥାନ୍ତା। ପୂର୍ବରୁ ମେସିନଗୁଡ଼ିକୁ ସହାୟକ ଭାବରେ ବ୍ୟବହାର କରାଯାଉଥିଲା ଓ ମଣିଷ ପ୍ରାଥମିକ ଭୂମିକା ଗ୍ରହଣ କରୁଥିଲା। ତଥାପି ବର୍ତ୍ତମାନ ଏଆଇ (ଏଆଇ) (ଉନ୍ନତ ମେସିନ) ହେଉଛି ପ୍ରାଥମିକ ଖେଳାଳି। ମଣିଷ କେବଳ ସହାୟକ। ଫଳସ୍ୱରୂପ ମଣିଷ ଶରୀର ଓ ମନ ଉଭୟ ଦୁର୍ବଳ ହୋଇଯାଏ।

ଏକଥା ମଧ୍ୟ କୁହାଯାଉଛି ଯେ ୨୦୩୦ ସୁଦ୍ଧା ଲକ୍ଷ ଲକ୍ଷ ଯୁବକଙ୍କ ଚାକିରି ଚାଲିଯିବ। କାରଣ ଏଆଇ (ଏଆଇ) ମଣିଷ ଅପେକ୍ଷା ଅଧିକ ଦକ୍ଷତାର ସହିତ କାମ କରିପାରିବ। ଏପରି ପରିସ୍ଥିତିରେ, ସମାଜରେ ଏକ ନୂତନ ପ୍ରକାରର ବିଭାଜନ ଦେଖାଦେବ। ଏକ ଅତ୍ୟନ୍ତ ବୁଦ୍ଧିମାନ ଜନସଂଖ୍ୟା ଓ ଏକ କମ୍ ବୁଦ୍ଧିମାନ ଜନସଂଖ୍ୟା। ଯନ୍ତ୍ରଗୁଡ଼ିକ ମଣିଷ ଅପେକ୍ଷା ସମ୍ପୂର୍ଣ୍ଣ ଭାବରେ କାମ କରେ, ତେଣୁ ଲୋକମାନେ ସେମାନଙ୍କୁ ଅଧିକ ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି।

ଏହି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ବିଶେଷଜ୍ଞ ଓ ସେମାନଙ୍କର ଦକ୍ଷତାକୁ ଚ୍ୟାଲେଞ୍ଜ କରାଯାଉଛି। ଡାକ୍ତରଙ୍କ ବଦଳରେ ଏଆଇ (ଏଆଇ ) ମେଡିକାଲ୍ ରିପୋର୍ଟଗୁଡ଼ିକୁ ବହୁତ ଭଲ ଭାବରେ ପରୀକ୍ଷା କରେ। ଏପରିକି ରୋଗର କାରଣ ଓ ନିର୍ଣ୍ଣୟ କହିବା ଆରମ୍ଭ କରୁଛି। ଛାତ୍ରମାନେ ଶିକ୍ଷକଙ୍କ ବଦଳରେ ଏଆଇ (ଏଆଇ )ଠାରୁ ଶିଖିବାକୁ ଅଧିକ ଆଗ୍ରହୀ ହେଉଛନ୍ତି। ଏଆଇ (ଏଆଇ ) ସ୍ଥାପତ୍ୟ, ପରାମର୍ଶଦାତା, ଫ୍ୟାଶନ୍, ପ୍ରଶିକ୍ଷକ, ପ୍ରଶିକ୍ଷକ ଏପରି ମଧ୍ୟ ବ୍ୟାୟାମ ସମେତ ସମସ୍ତ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିବା ଆରମ୍ଭ କରିଛି।

ଏସବୁ କାରଣ ନେଇ ଯୁବପିଢ଼ି ଭାବନ୍ତି ଯେ ସେମାନଙ୍କୁ ଆଉ ପରିବାର, ବନ୍ଧୁ କିମ୍ବା ଅନ୍ୟ କାହାର ଆବଶ୍ୟକତା ନାହିଁ। ଏଆଇ (ଏଆଇ) ଏହି ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିବ। ଏଆଇ ( ଏଆଇ ) ପୁରୁଣା ପିଢ଼ିର ବିଶ୍ଳେଷଣ ଓ ଭିନ୍ନ ଭାବରେ ଚିନ୍ତା କରିବାର କ୍ଷମତାକୁ ପ୍ରଭାବିତ କରୁଛି। ଉଦାହରଣ ସ୍ୱରୂପ, ସେମାନଙ୍କୁ ପ୍ରଥମେ କିଛି ଚିନ୍ତା କରିବା ଓ ଲେଖିବାକୁ ଦେବା ଆବଶ୍ୟକ। ପୂର୍ବରୁ ଆପଣଙ୍କୁ ଏହାକୁ ପଢ଼ିବାକୁ ପଡୁଥିଲା, କିନ୍ତୁ ଏବେ ଅଧିକାଂଶ ଛାତ୍ର ଓ ଯୁବକମାନେ କେବଳ ଚାଟ-ଜିପିଟ (ଚାଟ୍‌ଜିପିଟି) ରେ ବିଷୟ ଟାଇପ୍ କରନ୍ତି, ଓ ଏହା କିଛି ସେକେଣ୍ଡ ମଧ୍ୟରେ ଉତ୍ତର ସୃଷ୍ଟି କରେ। ଯଦି ମେସିନ୍ ପକ୍ଷୀଟି ଫିଟ୍ ନହୁଏ, ତେବେ ଏହା ଅନ୍ୟ ଅନେକ ବିକଳ୍ପ ପ୍ରଦାନ କରେ। ପ୍ରଶ୍ନ ହେଉଛି ଏହା ଉପସ୍ଥାପନ କରୁଥିବା ସୂଚନା ୧୦୦ % ସଠିକ୍ ହେବ କି ନାହିଁ। ସର୍ବୋପରି ଓଏହା ମଣିଷ ଦ୍ୱାରା ସୃଷ୍ଟି ହୋଇଥିବା ଏକ କୃତ୍ରିମ ଉପକରଣ। ତେଣୁ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହା ସ୍ପଷ୍ଟ ହୋଇଯାଏ ଯେ ଏଆଇ (ଏଆଇ) ଶିକ୍ଷା କ୍ଷେତ୍ରରେ ସବୁଠାରୁ ବିପଜ୍ଜନକ ପ୍ରଭାବ ପକାଉଛି। ଏହାର ବ୍ୟାପକ ପ୍ରଭାବ ଦେଖାଯାଇପାରେ, ବିଶେଷକରି ସାମାଜିକ ବିଜ୍ଞାନ କ୍ଷେତ୍ରରେ। ବ୍ୟବହାର ପାଇଁ ପ୍ରସ୍ତୁତ ସାମଗ୍ରୀ ଯୋଗାଇ ଏଆଇ ( ଏଆଇ ) ପିଲାମାନଙ୍କୁ ବନ୍ଦୀ ମନରେ ପରିଣତ କରିଛି। ଏକ ପ୍ରୋଜେକ୍ଟ ତିଆରି କରିବା, ଏକ ଆବେଦନ ଲେଖିବା, ଏକ ଆର୍ଟିକିଲ୍ ଲେଖିବା, କିମ୍ବା ଗବେଷଣା କରୁଥିବା ଗବେଷକ, ସମସ୍ତେ ଚାଟ୍, ଜିପିଟ (ଜିପିଟି) ଓ ଅନ୍ୟାନ୍ୟ ଏଆଇ (ଏଆଇ ) ଆପ୍ ବ୍ୟବହାର କରୁଛନ୍ତି।




ବିଶେଷକରି ଏହା ସମୟ ବଞ୍ଚାଇବା ସହିତ, ଏହା ଛାତ୍ରଛାତ୍ରୀଙ୍କ ବିଶ୍ଳେଷଣାତ୍ମକ କ୍ଷମତା ଓ ସମାଲୋଚନାତ୍ମକ ଚିନ୍ତାଧାରାକୁ ମଧ୍ୟ ପ୍ରଭାବିତ କରୁଛି। ଯଦି ସମୟ କିଛି ମୂଲ୍ୟବାନ ଜିନିଷ ପାଇଁ ସଞ୍ଚୟ କରିବା ପାଇଁ ଉଦ୍ଦିଷ୍ଟ, ତେବେ ଏହା କିଛି ପରିମାଣରେ ଯଥାର୍ଥ ହୋଇପାରେ। କିନ୍ତୁ ପିଲା ଓ ଯୁବକମାନେ ସେହି ସମୟକୁ ସେମାନଙ୍କର ସ୍ମାର୍ଟଫୋନ୍ ମାଧ୍ୟମରେ ସ୍କ୍ରୋଲ୍ କରିବା, ରିଲ୍ ତିଆରି କରିବା, ଅନଲାଇନ୍ ଗେମ୍ ଖେଳିବା ଓ ଅପରାଧରେ ମଧ୍ୟ ନିଜକୁ ନିୟୋଜିତ ହେବାରେ ବିତାଉଛନ୍ତି। ଫଳସ୍ୱରୂପ, ପିଲାମାନେ ବହୁତ କମ୍ ବୟସରେ ବିଭିନ୍ନ ପ୍ରକାରର ଗୁରୁତର ଶାରୀରିକ ଓ ମାନସିକ ରୋଗର ଶିକାର ହେଉଛନ୍ତି। ଏହା ଦେଖାଯାଉଛି ଯେପରି ଲୋକଙ୍କ ଜୀବନ ସ୍ମାର୍ଟଫୋନରେ ସଙ୍କୁଚିତ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ନିକଟରେ ଜଣେ ଅବସରପ୍ରାପ୍ତ ଆଇଏସଆରଆଇ (ଆଇଏସଆରଆଇ) ବୈଜ୍ଞାନିକ ତାଙ୍କ ପତ୍ନୀଙ୍କୁ ହତ୍ୟା କରିଥିଲେ। କାରଣ ସେ ଭାବୁଥିଲେ ଯେ ତାଙ୍କ ମୃତ୍ୟୁ ପରେ ତାଙ୍କ ଯତ୍ନ କିଏ ନେବ। ତାଙ୍କର ଏକମାତ୍ର ଝିଅ ଆମେରିକାରେ ବିବାହ କରିଥିଲା, ଯାହା ତାଙ୍କୁ କୌଣସି ଆଶା ଦେଇନଥିଲା। ସେହିପରି ଏକ ବୃଦ୍ଧ ଦମ୍ପତିଙ୍କ ପଚିଯାଇଥିବା ମୃତଦେହ ମୁମ୍ବାଇର ଏକ ଉଚ୍ଚକୋଟୀର ପଡ଼ୋଶୀରେ ଥିବା ସେମାନଙ୍କ ବିଳାସପୂର୍ଣ୍ଣ ବଙ୍ଗଳାରେ ମିଳିଥିଲା। ଦୁହେଁ ବିଦେଶରେ ବ୍ୟସ୍ତ ଥିବାରୁ ସେମାନଙ୍କର ବୃଦ୍ଧ ପିତା କିମ୍ବା ମାତାଙ୍କ ଯତ୍ନ ନେଇପାରିଲେ ନାହିଁ। ସେମାନଙ୍କର ଅପାର ଧନ ଥିଲା, କିନ୍ତୁ ସମୟ ନଥିଲା। ଏହି ଘଟଣାଗୁଡ଼ିକରେ ପରିବାରଗୁଡ଼ିକ ପ୍ରତ୍ୟେକ ଦୃଷ୍ଟିରୁ ସମୃଦ୍ଧ ଥିଲେ, କିନ୍ତୁ ପରିବାର ସଦସ୍ୟଙ୍କ ମଧ୍ୟରେ ଭାବପ୍ରବଣ ଆସକ୍ତି ଓ ଯୋଗାଯୋଗର ଅଭାବ ଥିଲା। ଯେତେବେଳେ ବୃଦ୍ଧ ପିତାମାତାଙ୍କ ଅନ୍ତିମ ସଂସ୍କାର ଅପରିଚିତ ବ୍ୟକ୍ତିମାନେ କରନ୍ତି, (ଯେପରି ସେମାନେ ପରିତ୍ୟକ୍ତ ହୋଇଯାଆନ୍ତି) ସେତେବେଳେ ଏପରି ଭୌତିକ ସମୃଦ୍ଧି ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତିର କ'ଣ ଲାଭ ଅଛି ?

ଏହି କାରଣରୁ ଲୋକମାନେ ସେମାନଙ୍କ ପିଲାମାନଙ୍କୁ ଭଲ ଶିକ୍ଷା ପ୍ରଦାନ କରିପାରନ୍ତି ? କ'ଣ ସେମାନେ ସେମାନଙ୍କର ଭବିଷ୍ୟତ ଗଢ଼ିବା ପାଇଁ ନିଜ ଜୀବନର ପ୍ରତ୍ୟେକ ଇଚ୍ଛାକୁ ବଳିଦାନ ଦେଇପାରନ୍ତି ? ଏଆଇ (ଏଆଇ) ନିର୍ଦ୍ଦେଶିତ ମେସିନଗୁଡ଼ିକ କାର୍ଯ୍ୟ ସମୟ ହ୍ରାସ କରିପାରେ, ଯାହା ଦ୍ୱାରା ଲୋକମାନେ ସେମାନଙ୍କ ପରିବାର ସହିତ ଅଧିକ ସମୟ ବିତାଇପାରିବେ। କିନ୍ତୁ ଏହା କେତେ ସମ୍ଭବ ? ଏଆଇ (ଏଆଇ ) ସିଷ୍ଟମଗୁଡ଼ିକ ବ୍ୟକ୍ତିଗତ ତଥ୍ୟକୁ ସାର୍ବଜନୀନ କରିଛି, ଯାହା ଗୋପନୀୟତା ସମସ୍ୟା ସୃଷ୍ଟି କରିଛି। ସମାଜରେ ବୃଦ୍ଧି ପାଉଥିବା ଆର୍ଥିକ ଅସମାନତା ଯୋଗୁଁ, ଲୋକମାନଙ୍କୁ ଏଆଇ ,(ଏଆଇ ) ସିଷ୍ଟମର ଲାଭ ଉଠାଇବା ପାଇଁ ବୈଷୟିକ ଜ୍ଞାନ ଓ ସମ୍ବଳର ଆବଶ୍ୟକତା ଅଛି, ଯାହା ସମାଜରେ ଅନ୍ୟ ପ୍ରକାରର ଅସମାନତାକୁ ବୃଦ୍ଧି କରିପାରେ।

ତେଣୁ ଲୋକଙ୍କୁ ଏଆଇ ( ଏଆଇ ) ଓ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ଜ୍ଞାନ ପ୍ରଦାନ କରିବା ସହିତ, ସେମାନଙ୍କୁ ଏହା ସୃଷ୍ଟି କରୁଥିବା ବିପଦ ବିଷୟରେ ମଧ୍ୟ ସଚେତନ କରାଯିବା ଉଚିତ୍। ସରକାର ଓ ପ୍ରଶାସନକୁ ଏଆଇ (ଏଆଇ ) ପ୍ରଣାଳୀଗୁଡ଼ିକର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକ , ଯାହା ଦ୍ୱାରା ଏହା ସୁରକ୍ଷିତ ଓ ସମାନ ହେବ। ପ୍ରଯୁକ୍ତିବିଦ୍ୟା ଯେତେ ଉନ୍ନତ ହେଉନା କାହିଁକି, ଏହା ମଣିଷକୁ ବଦଳାଇପାରିବ ନାହିଁ। ପ୍ରାକୃତିକ (ପ୍ରକୃତ) ବୁଦ୍ଧିମତ୍ତା କୃତ୍ରିମ ବୁଦ୍ଧିମତ୍ତା ବିକଶିତ କରିବାର ସମ୍ଭାବନା ରଖିଛି। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା କେବେବି ପ୍ରକୃତ ବୁଦ୍ଧିମତ୍ତା ସୃଷ୍ଟି କିମ୍ବା ପ୍ରତିସ୍ଥାପନ କରିପାରିବ ନାହିଁ। ତଥାପି ଏହା ନିଶ୍ଚିତ ଭାବରେ ମାନବ ଜୀବନ ପାଇଁ ବିପଦ ଓ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ତେଣୁ ଏହାକୁ ସମୟୋଚିତ ଭାବରେ ନିୟନ୍ତ୍ରଣ କରାଯିବା ଆବଶ୍ୟକତା ରହିଛି...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

# କର୍ମଜୀବୀ ମହିଳାଙ୍କ ପାଇଁ



ନିବେଦିତା ଶୁକ୍ଳା

ଜଣେ କର୍ମଜୀବୀ ମହିଳା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା ସମୟକୁ ସଦୁପଯୋଗ କରିବା। ଅଳ୍ପ ସମୟ ବ୍ୟବଧାନରେ ସେ କିଭଳି ସବୁ କାର୍ଯ୍ୟକୁ ସୂଚାରୁ ରୂପେ କରିପାରିବ ସେଥିପାଇଁ ସେ ନିଜ କର୍ମ ତତ୍ପରତା ଉପରେ ନଜର ରଖିବା ଉଚିତ। ଆଜିକାଲିର ପ୍ରତିଯୋଗିତା ମୂଳକ ଦୁନିଆରେ ଉପଯୁକ୍ତ ସମୟରେ ଯଦି କାର୍ଯ୍ୟଟି ହାସଲ କରାନଯାଏ ତେବେ ପଛରେ ପଡ଼ିଯିବାଟା ସ୍ୱାଭାବିକ। ତେଣୁ ଆମମାନଙ୍କୁ ଯେ କୌଣସି କାର୍ଯ୍ୟକୁ ସୂଚାରୁ ରୂପେ କରିବା ପାଇଁ ଉପଯୁକ୍ତ ସମୟର ନିୟୋଜନ କରିବାକୁ ପଡ଼ିଥାଏ।

ଦୈନିକ ସୂଚୀ : ପ୍ରଥମେ କର୍ମଜୀବୀ ମହିଳାମାନଙ୍କୁ ମାସିକ କାର୍ଯ୍ୟରାଶିର ସୂଚୀ ପ୍ରସ୍ତୁତ କରିବାକୁ ପଡ଼ିବ। କାରଣ ଏହି ସୂଚୀ ହେଉଛି କାର୍ଯ୍ୟର ଆଇନା ସଦୃଶ। ଯାହାକୁ ଆମେ ଦେଖି ପ୍ରାଥମିକ ଅବସ୍ଥାରେ ସ୍ଥିର କରିବା ଯେ, କେଉଁ କାର୍ଯ୍ୟଟି ପ୍ରଥମେ କରିବା ଆବଶ୍ୟକ ଏବଂ କେଉଁ ନିଜ ପାଇଁ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରଥମେ ସ୍ଥିର କରିବା ଉଚିତ୍। ଏଭଳି କିଛି କାର୍ଯ୍ୟ ରହିଛି ଯାହାକୁ ଆମକୁ ମାସକୁ ଥରେ କରିବାକୁ ପଡ଼େ, ଅନ୍ୟ କେତେକ ସପ୍ତାହରେ ଏବଂ ଅନ୍ୟ କିଛି ପ୍ରତ୍ୟେକ ଦିନଚର୍ଯ୍ୟାରେ ରହିଥାଏ।

ମାସିକ କାର୍ଯ୍ୟ: ଏଭଳି କାମ ରହିଛି ଯାହାକୁ ଆମେ ମାସକୁ ଥରେ ମାତ୍ର କରିବା ଯଥା - ଇଲେକ୍ଟ୍ରି ବିଲ୍ ପେମେଣ୍ଟ, ଫୋନ୍ ବିଲ ପେମେଣ୍ଟ, ଘର ଭଡ଼ା ପେମେଣ୍ଟ ଏବଂ ତତ୍ ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟ। ଏହସବୁ ମାସିକଆ କାର୍ଯ୍ୟକୁ ପ୍ରଥମେ କରିବା ଉଚିତ୍ ଯେପରି ଆଗକୁ ସମସ୍ୟା ନଆସିବ। ମାସକୁ ଥରେ ଗ୍ରୋସରୀ ଆଣିବା କାର୍ଯ୍ୟ ମଧ୍ୟ କରିବାକୁ ପଡ଼ିଥାଏ।

ସାପ୍ତାହିକ କାର୍ଯ୍ୟ : କର୍ମଜୀବୀ ମହିଳାମାନେ ସପ୍ତାହକୁ ଥରେ ମାତ୍ର ଛୁଟିଦିନ ପାଇଥାନ୍ତି। ଯେଉଁ ଦିନ ଭଲ ରୋଷେଇ କରି ବନ୍ଧୁ ଚର୍ଚ୍ଚା କରାଯାଏ, ଡ୍ରେସ ସଫା କରାଯାଏ, ତାକୁ ଆଇରନ୍ ଦିଆଯାଏ ଏଭଳି ଅନେକ। ଆଉ ଅନେକ କାର୍ଯ୍ୟ ରହିଛି ଯାହାକୁ ସପ୍ତାହକୁ ୨/୩ ଥର କରିବାକୁ ପଡ଼ିପାରେ, ଯଥା ହାଟକୁ ଯାଇ ପରିବାପତ୍ର କିଣିବା, ଘର ପାଇଁ ଅନ୍ୟାନ୍ୟ ଜିନିଷ ମାର୍କେଟିଙ୍ଗ୍ କରିବା ଇତ୍ୟାଦି ଇତ୍ୟାଦି।

ଦୈନିକ: ଦୈନିକ କାର୍ଯ୍ୟରାଶିକୁ ନିଜେ ନିର୍ଦ୍ଧାରଣ କରିବା ଆବଶ୍ୟକ ଯେ, କେଉଁ କାର୍ଯ୍ୟକୁ କେତେବେଳେ କରିଲେ ଆପଣଙ୍କୁ କୌଣସି ଅସୁବିଧା ହେବ ନାହିଁ। ଏକ ଭଲ ରୁଟିନ ଜୀବନ ବିଶେଷକରି କର୍ମଜୀବୀ ମହିଳାଙ୍କ ପାଇଁ ନିଜ ସହ ପରିବାର ଓ କର୍ମ ସଂସ୍ଥାନରେ ବ୍ୟସ୍ତ ଥିଲେ ସେ ଅନୁଷ୍ଠାନ ପାଇଁ ବି ଉତ୍ସାହପ୍ରଦ ହୋଇପାରିବ।

ଅନ୍ୟ ସଦସ୍ୟଙ୍କୁ କାର୍ଯ୍ୟରେ ଲିପ୍ତ : କିଛି କାର୍ଯ୍ୟରେ ଘରର ଅନ୍ୟ ସଦସ୍ୟଙ୍କୁ ସାମିଲ୍ କରନ୍ତୁ। ପିଲାମାନଙ୍କୁ ସେମାନଙ୍କ କାର୍ଯ୍ୟକୁ ନିଜେ କରିବାକୁ ପରାମର୍ଶ ଦିଅନ୍ତୁ। ଅଯଥା ସମୟ ନେଲାଭଳି କାର୍ଯ୍ୟରେ ଲିପ୍ତ ନହେବା ଉଚିତ୍। କାରଣ ସେହି ସମୟରେ ଜରୁରୀ ଭାବୁଥିବା କାର୍ଯ୍ୟକୁ ଶେଷ କରନ୍ତୁ।

ଜରୁରୀ କାର୍ଯ୍ୟ ପ୍ରତି ଧ୍ୟାନ: ଫୋନ୍‌ରେ କଥା ହୋଇ ଅନ୍ୟମାନଙ୍କ ପାଇଁ ସମୟ ଅପଚୟ ନକରି ବରଂ ସେହି ସମୟରେ ଜରୁରୀ କାର୍ଯ୍ୟର ଅଳ ଦେଖାଇ ଫୋନ୍‌ରେ ଅଳ୍ପ କଥା ହୋଇ ରଖନ୍ତୁ ଅଥବା ଯଦି ସମ୍ମୁଖରେ କଥାବାର୍ତ୍ତା ହେଉଛନ୍ତି ତେବେ ସେ ସ୍ଥାନରୁ ଶୀଘ୍ର ଯିବା ପାଇଁ ଚେଷ୍ଟା କରନ୍ତୁ।

ରଚନାତ୍ମକ କାର୍ଯ୍ୟ: ପ୍ରାୟ ବ୍ୟକ୍ତିବିଶେଷ ଅଧ୍ୟୟନରେ ଲିପ୍ତ ରୁହନ୍ତି। କର୍ମ ସହିତ ଅଧ୍ୟୟନ କରିବା କଷ୍ଟକର ହୋଇଥାଏ। ଯେପରି ଗୀତ କବିତା ଲେଖିବା, ଅଧିକାଂଶ ସମୟ ଟିଭି ଦେଖିବା। ଏହା ସତ୍ୟ ଯେ, କୌଣସି କାର୍ଯ୍ୟକୁ ଉପଯୁକ୍ତ ଭାବେ ନକରିଲେ ତାହା ହୁଏ ନାହିଁ। ମନେରଖିବା ଉଚିତ ଯେ, ଯେ କୌଣସି କାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାର ସହିତ ଭାବିଚିନ୍ତି କରିଲେ ନିଶ୍ଚିତ ରୂପେ ଭଲ ଫଳ ଦିଏ।

ଆସନ୍ତା କାଲି ପାଇଁ କାର୍ଯ୍ୟ : ବହୁତ ଗୁଡ଼ିଏ କାର୍ଯ୍ୟ ରହିଛି ଯାହାକୁ ଆମେ ଯିବା ଆସିବା ସମୟରେ ମଧ୍ୟ କରିଦେବା। କିନ୍ତୁ ଏଭଳି କରିଦେବା ଭାବି ଯଦି କାଲି ପର୍ଯ୍ୟନ୍ତ ତାକୁ ଛାଡ଼ି ଦିଆଯାଏ, ତେବେ ସେହି କାର୍ଯ୍ୟଟି ହେବାରେ ବିଳମ୍ବ ହୁଏ ଯାହା ପାଇଁ ଅନ୍ୟ କାର୍ଯ୍ୟରେ ବାଧା ସୃଷ୍ଟି ହୁଏ। ତେଣୁ ଯେତେଦୂର ସମ୍ଭବ ଆରମ୍ଭ କରିଥିବା କାର୍ଯ୍ୟକୁ ଧୈର୍ଯ୍ୟର ସହିତ ଶେଷ କରି ଅନ୍ୟ କାର୍ଯ୍ୟରେ ହାତ ଦେବା ଉଚିତ୍।

ଅତି ବ୍ୟସ୍ତତା ଠାରୁ ଦୂରେଇ ରହିବା : ପ୍ରାୟ ଜଣାପଡ଼ିଛି ଯେ, ସକାଳ ସମୟରେ ଅଧିକ ବ୍ୟସ୍ତତା ମଧ୍ୟରେ ରହିବାକୁ ପଡ଼େ। ସେହି ସମୟରେ ଆମେ କୌଣସି ଲୋକକୁ ଭେଟିବା ଉଚିତ୍ ନୁହେଁ ଏବଂ ଯଦି ସମ୍ଭବ ତେବେ ଫୋନ୍ କଲ୍ ଠାରୁ ଦୂରେଇ ରୁହନ୍ତୁ।

ଯଥାର୍ଥବାଦୀ ହୁଅନ୍ତୁ : ସମୟ ନିୟୋଜନ ଠିକ୍ ରୂପେ କରିବା ପାଇଁ ପ୍ରଥମେ ସିଦ୍ଧାନ୍ତ କରିବା ଉଚିତ ଯେ, କେଉଁ କାର୍ଯ୍ୟଟି କେତେ ସମୟ ଭିତରେ ହୋଇପାରିବ। ଜୀବନ ଓ ସମୟର ପ୍ରତିଟି ମୁହୂର୍ତ୍ତକୁ ବୁଝନ୍ତୁ। ଆହ୍ୱାନଭରା ପ୍ରତି କ୍ଷଣକୁ ଆନନ୍ଦର ସହିତ ସକରାତ୍ମକ ଭାବରେ ଏକ ଯଥାର୍ଥ ଚେତନାକୁ ନିଜର ଶକ୍ତି ଭାବେ ଗ୍ରହଣ କରି ଜୀବନକୁ ଆଗେଇ ନେଲେ ଏହା ଆଦୌ ସମସ୍ୟା ବହୁଳ ହେବନାହିଁ ବରଂ ପ୍ରତିଟି କ୍ଷେତ୍ରରେ ଆପଣ ସୁଯୋଗ ଓ ଆନନ୍ଦର ମୁହୂର୍ତ୍ତକୁ ଉପଭୋଗ କରିପାରିବେ।

ନାରୀ ସର୍ଜନା କ୍ଷେତ୍ରରେ ସମର୍ପିତା। ସେ ହେଉଛି ଏ ସୃଷ୍ଟିର ଅମୂଲ୍ୟ ସମ୍ପଦ। ସେ ଶକ୍ତି, ସେ କରୁଣା, ସେ ସୃଜନଶୀଳତାର ଅବିରତ ସ୍ରୋତସ୍ୱିନୀ। ନାରୀ ଚରିତ୍ରରେ ଦିବ୍ୟ ମାତୃତ୍ୱର ଝଲକ ପରିସ୍ଫୁଟିତ ହୋଇଥାଏ। ଯଦିଓ ସମୟକ୍ରମେ ଅବିବେକ ଓ ଅସଂଯମର ଛାୟା ମଧ୍ୟ ପ୍ରକାଶିତ ହୁଏ। ନାରୀ ଜୀବନରେ ପ୍ରତିଟି କ୍ଷେତ୍ରରେ ଆହ୍ୱାନ ଭରା ପରିସ୍ଥିତିକୁ ସାମ୍ନା କରିଥାଏ। ଏ ସବୁ କ୍ଷେତ୍ରରେ ଆତ୍ମ ପରିଶୋଧନ, ଆତ୍ମ ଚେତନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନାରୀ ହେଉଛି ସୃଷ୍ଟିର ଆଦ୍ୟ, ମୂଳ ଓ ସଂଯିବୀତ ଜାଗ୍ରତ ଶକ୍ତି। ଗୋଟିଏ ନାରୀର ଚିନ୍ତା ଚେତନାରେ ଆଖପାଖର ପରିବେଶ ଗଢ଼ି ଉଠେ, ଭରିଯାଏ ଆନନ୍ଦ ଉଲ୍ଲାସର ପରଷରେ। ଆଜିର ଆହ୍ୱାନଭରା ସମୟରେ ଅନେକ କ୍ଷେତ୍ରରେ ଅନ୍ୟ ମାନଙ୍କ ସ୍ୱାର୍ଥପରତା, ଅହଂକାର, କଟୁତାକୁ ସାମ୍ନା କରି ଦାୟିତ୍ୱରୁ କିନ୍ତୁ ପଳାୟନ କରିବା ଅନୁଚିତ। ଅନ୍ୟ ମାନଙ୍କ ଈର୍ଷାକୁ ଆନନ୍ଦର ସହ ଗ୍ରହଣ କରି ନୈତିକପୂର୍ଣ୍ଣ ଆଦର୍ଶଣୀୟ ଆଚରଣର ଜୀବନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ ହୋଇଥାଏ। ପରିବାର, ସଂସ୍କାର ଓ ସମାଜର ଆଦର୍ଶର ପ୍ରେରଣାଦାତ୍ରୀ ହୋଇଥାନ୍ତି। ଆଗାମୀ ପିଢ଼ିର ସ୍ରଷ୍ଟା ମାନଙ୍କୁ ଉତ୍କୃଷ୍ଟ ଜୀବନ ଶିକ୍ଷାର ମୂଲ୍ୟବୋଧ ପ୍ରଦାନ କରନ୍ତି। ଜଣେ ଉତ୍ତମ ନାରୀ ଯେ ଦୀପ ଶିଖା ପରି ପ୍ରତିଭାତ ହୋଇ ଖୁସି, ଆନନ୍ଦ, ସୁଖ, ଗୌରବ, ଯଶର ଆଲୋକରେ ଦୁହିତା ଦୁଇ କୁଳକୁ ହିତା ପରି ଦୁଇ ଘର ଅର୍ଥାତ୍ ବାପ ଘର ଓ ଶାଶୁଘରର ଗୌରବକୁ ଆଲୋକିତ କରିଥାନ୍ତି। ସେ ସମାଜର ଓ ପରିବାରର ଶକ୍ତିକେନ୍ଦ୍ର ହୋଇ ଅନେକ ସମୟରେ ଜୀବନର ବିପରୀତ ପରିସ୍ଥିତିକୁ ସାମ୍ନା କରି ଏ ଯୁଗ ପାଇଁ ଆଦର୍ଶମୟୀ ମହିମାମୟୀ ଭାବେ ଚିର ବିମଣ୍ଡିତା ହୋଇଥାନ୍ତି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ
ଚହଟା ନଗର, ଲେନ୍-୬, କଟକ-୧୪

# ବନ୍ଦର-ଏ-ଅଞ୍ଚାଲି ଉପରେ ଆମେରିକାର ଆକ୍ରମଣ



ନୂଆଦିଲ୍ଲୀ, ୨୩।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏବେ ସାରା ବିଶ୍ୱ ସଙ୍କଟରେ। ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନର ବନ୍ଦର-ଏ-ଅଞ୍ଚାଲି ନିକଟରେ ହୋଇଛି ଆକ୍ରମଣ। ଏହି କରିଡର ମୁମ୍ବାଇ ଏବଂ ସେଣ୍ଟ ପିଟର୍ସବର୍ଗକୁ ଯୋଡ଼ିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଭଳି ଆକ୍ରମଣ ଯୋଗୁ ଭାରତ-ରୁଷର ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାର ଦ୍ୱିପାକ୍ଷିକ କାରବାର ଲକ୍ଷ୍ୟକୁ ଝଟକା ଦେଇଥିବା ବିଶେଷଜ୍ଞ କହିଛନ୍ତି। ୭,୨୦୦ କିମି ବିଶିଷ୍ଟ ମଲ୍ଟି ମୋଡାଲ ଇଣ୍ଟରନ୍ୟାସନାଲ ନର୍ଥ ସାଉଥ ଟ୍ରାନ୍ସପୋର୍ଟ କରିଡର (ଆଇଏନଏସଟିସି) ଭାୟା ଇରାନ ଦେଇ ମୁମ୍ବାଇ-ସେଣ୍ଟ ପିଟର୍ସବର୍ଗକୁ ଯୋଡିଥାଏ। ଏହାଦ୍ୱାରା ସୁଏଜ କେନାଲକୁ ବାଏପାସ୍ କରି ଏସିଆ ଏବଂ ୟୁରୋପ ମଧ୍ୟରେ କାରବାରକୁ ତ୍ୱରାନ୍ୱିତ ହୋଇଥାଏ। ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ଯୋଗୁ କାସ୍ପିଆନ

## ଭାରତ-ରୁଷର ଦ୍ୱିପାକ୍ଷିକ କାରବାର ପ୍ରଭାବିତ

ସାଗର ଉପକୂଳରେ ଥିବା ବନ୍ଦର-ଏ-ଅଞ୍ଚାଲିର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନଷ୍ଟ ହୋଇଯାଇଛି। ଏହା ମଧ୍ୟରେ କଷ୍ଟମସ ହାଉସ ଏବଂ ଅନ୍ୟ ପ୍ରମୁଖ ଭିତ୍ତିଭୂମି ସାମିଲ ରହିଛି।

ମସ୍କୋ ଷ୍ଟେଟ୍ ୟୁନିଭର୍ସିଟିର ଇନଷ୍ଟିଚ୍ୟୁଟ ଅଫ୍ ଏସିଆନ ଆଣ୍ଡ୍ ଆଫ୍ରିକାନ ଷ୍ଟଡିଜ୍ ପ୍ରଫେସର ରେନତ କାରାମୋରଜୋଭ କହିଛନ୍ତି,ସୁଏଜ କେନାଲକୁ ବାଇପାସ କରୁଥିବା ଏହି ରୁଟକୁ ଏକ ସୁରକ୍ଷିତ ରୁଟ୍ ଭାବେ ବିବେଚନା କରାଯାଇଥାଏ। ମାତ୍ର ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ଯୋଗୁ ଏହା ବିପଦପୂର୍ଣ୍ଣ ହୋଇଯାଇଛି। ଏହି ରୁଟରେ ଯାଉଥିବା ଜାହାଜ ଗୁଡ଼ିକ ଲାଗି ଉଭୟ ବୀମା ଏବଂ ଭଡ଼ାରେ ବୃହତ ବୃଦ୍ଧି ହୋଇଛି। ଫଳରେ ରୁଷ ସହ ଦ୍ୱିପାକ୍ଷିକ କାରବାର କରୁଥିବା ଦେଶ ଗୁଡ଼ିକ ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଛି। ଭାରତ ସହ ଦ୍ୱିପାକ୍ଷିକ କାରବାର କ୍ଷେତ୍ରରେ ଏହି କରିଡର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଦ୍ୱାରା ପରିବହନ ସମୟ ୨୫ରୁ ୩୦ ଦିନ ଯାଏ ହ୍ରାସ ହୋଇଥାଏ ବୋଲି ରୁଷର ରାଜନୈତିକ ବିଶେଷଜ୍ଞ ସର୍ଗେଇ ଷ୍ଟ୍ରୋକେନ ଏକ ଟିଭି ସାକ୍ଷାତକାରରେ କହିଛନ୍ତି।

## କଳାବଜାରୀଙ୍କୁ ଲୋକସଭାରୁ ମୋଦିଙ୍କ ଚେତାବନୀ

# ସଙ୍କଟ ସମୟରେ ଏକାଠି ଲଢ଼ିବାକୁ ଆହ୍ୱାନ



### ସଂଯମତାର ସହ ଚ୍ୟାଲେଞ୍ଜର ସାମ୍ନା କରିବାକୁ ଅପିଲ

ନୂଆଦିଲ୍ଲୀ, ୨୩।୩: ପଶ୍ଚିମ ଏସିଆରେ ଜାରି ସଙ୍କଟ ଉପରେ ସୋମବାର ଲୋକସଭାରେ ବକ୍ତବ୍ୟ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ସମୟରେ ପ୍ରଧାନମନ୍ତ୍ରୀ ଏକଜୁଟ ହୋଇ ସମସ୍ୟାର ସାମ୍ନା କରିବାକୁ ଦେଶବାସୀଙ୍କୁ ଅପିଲ କରିଛନ୍ତି। ଲୋକସଭାରେ ପିଏମ କହିଛନ୍ତି, ଯେଉଁଭଳି ଭାବରେ କରୋନା ସମୟରେ ଆମେ ଏକାଠି ହୋଇ ଚ୍ୟାଲେଞ୍ଜର ସାମ୍ନା କରିଥିଲେ, ସେହିଭଳି ବର୍ତ୍ତମାନର ସଙ୍କଟରେ ମଧ୍ୟ ଆମକୁ ଏକାଠି ହେବାକୁ ପଡ଼ିବ। ମୋଦୀ ଆହୁରି କହିଛନ୍ତି, 'ଏହି ଯୁଦ୍ଧ ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥିତି ଖରାପ ହେବାର ସମ୍ଭାବନା ରହିଛି। ଏଥିପାଇଁ ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ ହେବ। ଆମକୁ ସଂଯମତାର ସହ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିବ।' ସଙ୍କଟ ସମୟରେ ଫାଇଦା ଉଠାଉଥିବା ଲୋକଙ୍କୁ ଚେତାବନୀ ଦେଇ କହିଛନ୍ତି 'ଗୁଜବ ପ୍ରଚାର କରୁଥିବା ବ୍ୟକ୍ତିଙ୍କୁ ସଫଳ ହେବାକୁ ଦିଆଯିବନି। କଳାବଜାରୀଙ୍କ ବିରୋଧରେ ସରକାର କଡ଼ା ପଦକ୍ଷେପ ନେବେ ଏବଂ ତାଙ୍କୁ କଠୋର ଦଣ୍ଡ ଦିଆଯିବ। ଆମକୁ ବହୁତ ସାବଧାନ ଏବଂ ସତର୍କ ରହିବାକୁ ହେବ। ପରିସ୍ଥିତିର ଫାଇଦା ଉଠାଉଥିବା ଲୋକେ ମିଛ ପ୍ରଚାର କରିବାକୁ ଚେଷ୍ଟା କରିବେ। ଏମିତି ଲୋକଙ୍କ ଚେଷ୍ଟାକୁ ସଫଳ ନହେବା ଦରକାର'

ଲୋକସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆରେ ଯୁଦ୍ଧ ଭାରତର ସାମ୍ନାରେ ଅନେକ ଅପ୍ରତ୍ୟାଶିତ ଚ୍ୟାଲେଞ୍ଜ ଛିଡ଼ା କରିଛି। କିନ୍ତୁ ସରକାର ସ୍ଥିତି ସହ ଲଢ଼ିବାକୁ ସଜାଗ ଏବଂ ତତ୍ପର ଅଛନ୍ତି। ସରକାର ଏହା ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛନ୍ତି ଯେ, ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଅଭାବ ନହେଉ। ପ୍ରଧାନମନ୍ତ୍ରୀ ମୋଦୀ ଗୃହକୁ କହିଛନ୍ତି ଯେ, ଦେଶରେ ପାଖରେ ୫୩ ଲକ୍ଷ ମେଟ୍ରିକ ଟନର ରଣନୈତିକ ପେଟ୍ରୋଲିୟମ ଭଣ୍ଡାର ରହିଛି। ସବୁ ସମ୍ଭବ ମାଧ୍ୟମରେ ପେଟ୍ରୋଲ ଏବଂ ଗ୍ୟାସର ଉପଲବ୍ଧତା ସୁନିଶ୍ଚିତ କରିବାକୁ ଚେଷ୍ଟା କରାଯାଉଛି। ଗତ ୧ ଦଶନ୍ଧିରେ ଶକ୍ତି ସୁରକ୍ଷାକୁ ନେଇ ଯେଉଁ ପଦକ୍ଷେପ ନିଆଯାଇଛି ତାହା ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଆହୁରି ପ୍ରାସଙ୍ଗିକ ହୋଇପଡ଼ିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ପଶ୍ଚିମ ଏସିଆ ସଙ୍କଟ ଆରମ୍ଭ ହେବାର ତିନି ସପ୍ତାହରୁ ଅଧିକ ହୋଇଛି। ତଥାପି ସବୁ ଦେଶର ଅର୍ଥବ୍ୟବସ୍ଥା ଏବଂ ଜନଜୀବନ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଏହି ଯୁଦ୍ଧ ଭାରତ ସମ୍ମୁଖରେ ଅପ୍ରତ୍ୟାଶିତ ଚ୍ୟାଲେଞ୍ଜ ଛିଡ଼ା କରିଛି। ଏହି ଚ୍ୟାଲେଞ୍ଜ କେବଳ ଆର୍ଥିକ ହିଁ ନୁହେଁ, ବରଂ ଜାତୀୟ ସୁରକ୍ଷା ସହ ଜଡ଼ିତ ଏବଂ ମାନବୀୟ ମଧ୍ୟ।

# ଟ୍ରମ୍ପ ସରକାର ବିରୋଧରେ ତେଜୁଛି ଅସନ୍ତୋଷ



### ଡେମୋକ୍ରାଟ୍ ପାର୍ଟିକୁ ବଡ଼ ଶତ୍ରୁ କହିଲେ ରାଷ୍ଟ୍ରପତି

ନ୍ୟୁୟର୍କ, ୨୩।୩: ଆମେରିକୀୟ ରାଜନୀତିରେ ବୟାନବାଜି ପୁଣି ଥରେ ଉଷ୍ମ ହେବାରେ ଲାଗିଛି। ଫଳରେ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ କଠୋର ବିବୃତି ଜାରି କରି ଡେମୋକ୍ରାଟିକ୍ ପାର୍ଟି ସଦସ୍ୟଙ୍କୁ ଆମେରିକାର ତଥା ତାଙ୍କର ସବୁଠାରୁ ବଡ଼ ଶତ୍ରୁ ବୋଲି କହିଛନ୍ତି। ଏହି ମନ୍ତବ୍ୟ ଆମେରିକୀୟ ରାଜନୀତିକୁ ଆହୁରି ଜଟିଳ କରିଦେଇଛି। ଟ୍ରମ୍ପ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଏବେ ଇରାନ ସମାପ୍ତ ହୋଇଗଲାଣି। ଆମେରିକାର ସବୁଠାରୁ ବଡ଼ ଶତ୍ରୁ ହେଉଛନ୍ତି ମୌଳବାଦୀ ବାମପନ୍ଥୀ ଏବଂ ସମ୍ପୂର୍ଣ୍ଣ ଅଯୋଗ୍ୟ ଡେମୋକ୍ରାଟିକ୍ ପାର୍ଟି। ଏହି ବିବୃତି ଏପରି ଆସିଛି ଯେତେବେଳେ ଆଂଶିକ ସରକାରୀ ସର୍ଟଡାଉନ୍ ଏକ ମାସରୁ ଅଧିକ ସମୟ ଧରି ଚାଲିଛି। ଏହି ବନ୍ଦ ଅନେକ ସରକାରୀ ବିଭାଗର କାର୍ଯ୍ୟକୁ ପ୍ରଭାବିତ କରିଛି। ଏହାର ସହିତ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବିଭାଜନକୁ ଗଭୀର କରି ଅସହମତିକୁ ବଢ଼ାଇଛି। ଗୃହ ସୁରକ୍ଷା ବିଭାଗକୁ ପାଣ୍ଠି କାଟର ପ୍ରଭାବକୁ ହ୍ରାସ କରିବା ଏବଂ ଇମିଗ୍ରେସନ ତଥା କଷ୍ଟମ ଏନଫୋର୍ସମେଣ୍ଟ (ଆଇସିଇ) ଉପରେ ଧ୍ୟାନ ଦେବା ପାଇଁ ଡେମୋକ୍ରାଟିକ୍ ସାଂସଦମାନେ ବନ୍ଦ ଡାକରା ଦେଇଛନ୍ତି। ଆଇସିଇ ହେଉଛି ଟ୍ରମ୍ପଙ୍କ କଠୋର ପ୍ରବାସୀ ନୀତିର ଏକ ପ୍ରମୁଖ ଅଂଶ। ଏହି ବିଭାଗକୁ ପାଣ୍ଠି ପ୍ରଦାନ ନେଇ ରାଜନୈତିକ ବିତର୍କ ତୀବ୍ର ହେବାରେ ଲାଗିଛି। ସର୍ଟଡାଉନ୍ ଖର୍ଚ୍ଚ ଏବଂ ପ୍ରବାସୀ ନୀତି ପ୍ରସଙ୍ଗରେ ରିପବ୍ଲିକାନ ଓ ଡେମୋକ୍ରାଟଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ପ୍ରକାଶ ପାଇଛି। ଯଦିଓ ଟ୍ରମ୍ପ ସିଧାସଳଖ ସର୍ଟଡାଉନ୍ ବିଷୟରେ ଉଲ୍ଲେଖ କରି ନାହାନ୍ତି। ସେ ତାଙ୍କ ରାଜନୈତିକ ବିରୋଧୀଙ୍କୁ କଡ଼ା ସମାଲୋଚନା କରି ଡେମୋକ୍ରାଟମାନଙ୍କୁ କଟ୍ଟରପନ୍ଥୀ ବାମପନ୍ଥୀ ଏବଂ ଅଯୋଗ୍ୟ ଏପରି ମନ୍ତବ୍ୟ ରାଜନୈତିକ ଭାବନାକୁ ଆହୁରି ଧ୍ରୁବୀକରଣ କରିବାର ଆଶଙ୍କା ରହିଛି।



### ହର୍ମୁଜ୍ ପ୍ରଣାଳୀ ଉପରେ ନିୟନ୍ତ୍ରଣ କଡାକଡି କଲା ଇରାନ

# ଲାଗୁ ହେଲା ୨ ନିୟୁତ ଡଲାରର ପରିବହନ ଶୁଳ୍କ

ତେହେରାନ, ୨୩।୩: ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଇରାନ ବିଶ୍ୱ ଅର୍ଥନୀତିର ଜୀବନରେଖା ଭାବରେ ବିବେଚିତ ହର୍ମୁଜ୍ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣକୁ କଡ଼ାକଡ଼ି କରିଛି। ଇରାନ ଏହି ଜଳପଥ ଦେଇ ମାଲ୍ ପରିବହନ କରୁଥିବା କିଛି ଜାହାଜ ପାଇଁ ୨ ନିୟୁତ ଡଲାରର ପରିବହନ ଶୁଳ୍କ ଘୋଷଣା କରିଛି। ଇରାନ ଏହି ପଦକ୍ଷେପ ଏପରି ସମୟରେ ନେଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଥିଲେ ଯେ, ଯଦି ୪୮ ଘଣ୍ଟା ମଧ୍ୟରେ ଷ୍ଟ୍ରିଟକୁ ସମ୍ପୂର୍ଣ୍ଣ ଭାବରେ ଖୋଲା ନ ଯାଏ, ତେବେ ଆମେରିକା ଇରାନର ଶକ୍ତି ଭିତ୍ତିଭୂମିକୁ ଧ୍ୱଂସ କରିଦେବ। ଇରାନ ଏହି ପ୍ରଣାଳୀ ଦେଇ ପରିବହନ କରୁଥିବା କିଛି ବଛା ବଛା ଜାହାଜ ଉପରେ ୨ ନିୟୁତ ଡଲାର (ପ୍ରାୟ ୧୮.୮ କୋଟି ଟଙ୍କା) ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି।

ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ତେହେରାନର ରପ୍ତାନି ନୀତି ସ୍ପଷ୍ଟ କରି କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଇରାନର ବିରୋଧୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ପାଇଁ ଖୋଲା। ଇରାନ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ସଂସଦର ଜାତୀୟ ସୁରକ୍ଷା କମିଟିର ସଦସ୍ୟ ଇରାନୀ ସାଂସଦ ଆଲାଏଦ୍ଦିନ ବୋରୋଜେର୍ଦି କହିଛନ୍ତି, ଏହି ଭାରୀ ଶୁଳ୍କ ପୂର୍ବରୁ ଲାଗୁ କରାଯାଇଛି, ଯାହା ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ନିୟନ୍ତ୍ରଣ କରିବା ପାଇଁ ଇରାନର ନୂତନ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଆଲାଏଦ୍ଦିନ ବୋରୋଜେର୍ଦିଙ୍କ ଅନୁଯାୟୀ, ଏହି ପଦକ୍ଷେପ ଦଶନ୍ଧି ପରେ ହର୍ମୁଜ୍ ପ୍ରଣାଳୀରେ ଏକ ନୂତନ ସାର୍ବଭୌମ ଶାସନ ପ୍ରତିଷ୍ଠାକୁ ଚିହ୍ନିତ କରିଛି। ଆଲାଏଦ୍ଦିନ ବୋରୁଜେର୍ଦି ଏହା ପଛରେ ଯୁଦ୍ଧର ମୂଲ୍ୟକୁ କାରଣ ବୋଲି ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଯୁଦ୍ଧ ପାଇଁ ଟଙ୍କା ଖର୍ଚ୍ଚ ହୁଏ। ତେଣୁ ସ୍ୱାଭାବିକ ଭାବରେ, ଆମକୁ ଏହା କରିବାକୁ ପଡିବ ଏବଂ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ପରିବହନ ଶୁଳ୍କ ଆଦାୟ କରିବାକୁ ପଡିବ।

# ଏୟାର କାନାଡାକୁ ଧକ୍କା ଦେଲା ଅଗ୍ନିଶମ ଗାଡ଼ି

ନ୍ୟୁୟର୍କ, ୨୩।: ଇରାନରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ନ୍ୟୁୟର୍କ ସହରର ଲାଗାର୍ଡିଆ ବିମାନବନ୍ଦରରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଇହୁଦୀ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏୟାର କାନାଡା ସିଆର୍‌ଜେ-୯୦୦ ବିମାନକୁ ରନୱେରେ ଏକ ଅଗ୍ନିଶମ ଗାଡ଼ି ଧକ୍କା ଦେଇଛି। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୭୦ରୁ ଅଧିକ ଆହତ ହୋଇଥବବା କୁହାଯାଉଛି। ବିମାନଟି ପ୍ରାୟ ୧୦୦ ଜଣଙ୍କୁ ନେଇଯାଉଥିଲା ।




ସୂଚନା ଅନୁଯାୟୀ, ଅଗ୍ନିଶମ ଗାଡ଼ିଟି ଅଟକାଯିବା ସତ୍ତ୍ୱେ, ଏହା ବିମାନ ସହିତ ଧକ୍କା ହୋଇଥିଲା। ବିମାନଟି ଟ୍ୟାକ୍ସିୱେ ଦେଇ ଯାଉଥିବା ସମୟରେ ରନୱେ-୪ ନିକଟରେ ଏହି ଧକ୍କା ହୋଇଥିଲା। ଘଟଣା ପରେ ଅଗ୍ନିଶମ ବାହିନୀ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇ ରନୱେ ନିକଟବର୍ତ୍ତୀ ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଦୁର୍ଘଟଣାରେ ବିମାନଟି କ୍ଷତିଗ୍ରସ୍ତ ହୋଇଛି । ପ୍ରାଥମିକ ସୂଚନା ଅନୁଯାୟୀ ଅଧିକାଂଶ ଯାତ୍ରୀ ଇହୁଦୀ ଥିଲେ। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ପୂର୍ବରୁ ବିମାନ ଏବଂ ଅଗ୍ନିଶମ ଗାଡ଼ିକୁ ଅଟକାଇବାକୁ ନିର୍ଦ୍ଦେଶ ଦେଇଥିଲା, କିନ୍ତୁ ଧକ୍କାକୁ ଏଡାଯାଇ ପାରିନଥିଲା।

ଏହି ଘଟଣା ପରେ, ଫେଡେରାଲ୍ ଏଭିଏସନ୍ ପ୍ରଶାସନ ବିମାନବନ୍ଦରରେ ସମସ୍ତ ଉଡ଼ାଣକୁ ବାତିଲ କରିଦେଇଛି ଏବଂ ତଦନ୍ତ ଆରମ୍ଭ କରିଛି। ପରବର୍ତ୍ତୀ ସୂଚନା ନ ମିଳିବା ପର୍ଯ୍ୟନ୍ତ ନ୍ୟୁୟର୍କ ସିଟି ବିମାନବନ୍ଦର ସମ୍ପୂର୍ଣ୍ଣ ବନ୍ଦ ରହିବ ଏବଂ ଉଡ଼ାଣଗୁଡ଼ିକୁ ଜେଏଫ୍‌କେ ବିମାନବନ୍ଦର ତଥା ଅନ୍ୟ ବିମାନବନ୍ଦରକୁ ସ୍ଥାନାନ୍ତରିତ କରାଯାଇଛି। ଧକ୍କା ପରେ ବିମାନର ଲାଞ୍ଜ ଭୂମିରେ ଥିବାବେଳେ ପ୍ରମୁଖ ଅଂଶ ଫ୍ୟୁଜେଲେଜ୍ ଏବଂ ସମ୍ମୁଖ ଭାଗ ଉପରକୁ ଉଠାଯାଇଥିଲା। ଏହି ଘଟଣାରେ କେତେ ଲୋକ ଆହତ ହୋଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।

# ଏନଡିଏର ସିଟ୍ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ

### ତାମିଲନାଡୁ ବିଧାନସଭା ନିର୍ବାଚନ



ଚେନ୍ନାଇ, ୨୩।୩: ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ସହଯୋଗୀ ଦଳଙ୍କ ସହ ଏନଡିଏ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ସୋମବାର ଚେନ୍ନାଇସ୍ଥିତ ଏଆଇଏଡିଏମକେ ମୁଖ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସିଟ୍ ଆବଣ୍ଟନକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଏଆଇଏଡିଏମକେ ସାଧାରଣ ସମ୍ପାଦକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ପାଲାନୀସ୍ୱାମୀ ଓ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲଙ୍କ ଉପସ୍ଥିତିରେ ଆସନ ଆବଣ୍ଟନ ଚୂଡ଼ାନ୍ତ ହୋଇଛି। ଆସନ ବୁଝାମଣା ଅନୁସାରେ ଏପ୍ରିଲ ୨୩ରେ ଅନୁଷ୍ଠିତ ହେବାକୁ ଥିବା ୨୩୪ ସଦସୀୟ ବିଧାନସଭା ନିମନ୍ତେ ଏଆଇଏଡିଏମକେ ବିଜେପିକୁ ୨୭ଟି ଆସନ ଦେଇଛି। ସେହିପରି ପିଏମକେକୁ ୧୮ଟି ଆସନ ଦିଆଯାଇଥିବା ବେଳେ ଏଏମଏମକେ କୁ ୧୧ଟି ସିଟ୍ ମିଳିଛି। ବୈଠକରେ ଏଆଇଏଡିଏମକେ ନେତା କେ.ପଲାନୀସ୍ୱାମୀ, କେନ୍ଦ୍ରମନ୍ତ୍ରୀ ତଥା ତାମିଲନାଡୁ ବିଜେପି ନିର୍ବାଚନ ପ୍ରଭାରୀ ପିୟୁଷ ଗୋୟଲ, ରାଜ୍ୟ ବିଜେପି ସଭାପତି ନୈନାର ନାଗେନଥ୍ରନ, ପିଏମକେ ସଭାପତି ଅମ୍ବୁମଣୀ ରାମଦାସ ଓ ଏଏମଏମକେ ସାଧାରଣ ସମ୍ପାଦକ ଟି.ଟି.ଭି. ଦିନାକରଣ ପ୍ରମୁଖ ଉପସ୍ଥିତ ଥିଲେ।

ଏନଡିଏ ନେତାମାନେ ଏହି ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ରାଜ୍ୟରେ ଏନଡିଏ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସହିତ ସରକାର ଗଢ଼ିବ। ସିଟ୍ ଭାଗବଣ୍ଟାର ଏହି ଫର୍ମୁଲା ସହିତ ଏଆଇଏଡିଏମକେ ନିଜର ପ୍ରମୁଖ ସହଯୋଗୀଙ୍କୁ ସାଧିବାକୁ ଉଦ୍ୟମ କରିଛି, ଯାହାଦ୍ୱାରା ନିର୍ବାଚନରେ ଶାସକ ମେଣ୍ଟକୁ କଡ଼ା ଟକ୍କର ଦିଆଯାଇ ପାରିବ। ଏହି ସିଟ୍ ସେୟାରିଂ ଫର୍ମୂଲାରେ ବିଜେପି ଖୁସି ଥିବା ନେତା ତମିଲସାଇ ସୌନ୍ଦରରାଜନ କହିଛନ୍ତି। ସେ କହିଛନ୍ତି ଯେ ଆମେ ଏକ ମଜଭୁତ ମେଣ୍ଟ କରିଛୁ। ଆମ ମେଣ୍ଟ ନିର୍ବାଚନରେ ବିଜୟୀ ହେବ।

# ଟିକେଟ ବଣ୍ଟାକୁ ନେଇ ଅସନ୍ତୋଷ କାର୍ଯ୍ୟାଳୟ ଭାଙ୍ଗିଲେ କଂଗ୍ରେସ କର୍ମୀ



ଗୌହାଟୀ, ୨୩।୩: ଟିକେଟ୍ ନମିଳିବାରୁ ଦଳୀୟ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କଲେ। ଆସାମର ବିଜନୀ ବିଧାନସଭା ଅଞ୍ଚଳରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ଏଠାରେ କଂଗ୍ରେସର କର୍ମୀ ନିଜ ଦଳୀୟ ଅଫିସରେ ଭଙ୍ଗାରୁଜା କରିଛନ୍ତି । ଏହାସହ ସେମାନେ ପ୍ରସିଦ୍ଧ ଗାୟକ ଜୁବିନ୍ ଗର୍ଗଙ୍କ ଫଟୋକୁ ମଧ୍ୟ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ କର୍ମୀଙ୍କୁ ସବୁ ମହଲରେ ସମାଲୋଚନା କରାଯାଉଛି । ରବିବାର ବିଜନୀରେ ଥିବା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ କିଛି କର୍ମୀ ନାରାବାଜି କରୁଥିଲେ। ଏହି ଆସନରୁ ଜଣେ ଆଶାୟୀ ପ୍ରାର୍ଥୀଙ୍କୁ ଟିକେଟ ନମିଳିବାରୁ ତାଙ୍କ କର୍ମୀ ହୋହଲ୍ଲା କରିଥିଲେ। ସେମାନେ ଦଳର ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ଜାହିର କରିଥିବା ବେଳେ ତୃଣମୂଳ ସ୍ତରର କର୍ମୀଙ୍କୁ କଂଗ୍ରେସ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ପ୍ରଦର୍ଶନକାରୀଙ୍କ କହିବାନୁସାରେ, ପ୍ରଥମେ ଶାନ୍ତି ଶୃଙ୍ଖଳାରେ ବିରୋଧ ପ୍ରଦର୍ଶନ କରାଯାଉଥିଲା। ପରେ ଏହା ଅଶାନ୍ତ ହୋଇପଡିଥିଲା। ଅସନ୍ତୁଷ୍ଟ କର୍ମୀ ଦଳୀୟ କାର୍ଯ୍ୟାଳୟ ପରିସରରେ ଭଙ୍ଗାରୁଜା କରିଥିଲେ ଏବଂ ସେଠାରେ ଥିବା ଆସବାବପତ୍ରକୁ ଫିଙ୍ଗି ଦେଇଥିଲେ। କର୍ମୀମାନେ କାର୍ଯ୍ୟାଳୟରେ ଲାଗିଥିବା ଜୁବିନ୍ ଗର୍ଗଙ୍କ ଫଟୋକୁ ମଧ୍ୟ ଟାର୍ଗେଟ କରିଥିଲେ। ଚଉକି ଧରି ଫଟୋକୁ ସେମାନେ ଆକ୍ରମଣ କରିଥିଲେ। ଯାହା ସେମାନଙ୍କ କ୍ରୋଧର ପ୍ରତୀକ ବୋଲି କୁହାଯାଉଛି।

### ଆପ୍ ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ଅଧିକାରୀଙ୍କ ଆତ୍ମହତ୍ୟା ମାମଲାରେ ପୂର୍ବତନ ମନ୍ତ୍ରୀ ଗିରଫ



ଚଣ୍ଡୀଗଡ଼, ୨୩।୩: ପଞ୍ଜାବ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ପୂର୍ବତନ ମନ୍ତ୍ରୀ ଲାଲଜିତ ସିଂହ ପଦରୁ ଇସ୍ତଫା ଦେଇଥିଲେ, ଏବେ ତାଙ୍କୁ ଗିରଫ କରାଯାଇଛି । ଅମୃତସର ଗୋଦାମ ପରିଚାଳକ ଗଗନଦୀପ ସିଂହ ରନ୍ଧାୱାଙ୍କ ଆତ୍ମହତ୍ୟା ମାମଲାରେ ପୂର୍ବତନ ପଞ୍ଜାବ ସରକାରଙ୍କ ମନ୍ତ୍ରୀ ଲାଲଜିତ ସିଂହ ଭୁଲ୍ଲରଙ୍କୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହି ଗିରଫଦାରୀ କରାଯାଇଛି। ଫତେଗଡ଼ ସାହିବ ଜିଲ୍ଲା ପୋଲିସ ତାଙ୍କୁ ପଞ୍ଜାବର ମଣ୍ଡି ଗୋବିନ୍ଦଗଡ଼ରୁ ଗିରଫ କରିଛି। ପୋଲିସ ଲାଲଜିତ ଭୁଲ୍ଲରଙ୍କୁ ଅମୃତସର ନେଇଛି। ପୂର୍ବତନ ମନ୍ତ୍ରୀଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରାଯିବ।

ରନ୍ଧାୱାଙ୍କ ପୋଷ୍ଟମର୍ଟମ ଏପର୍ଯ୍ୟନ୍ତ ହୋଇନାହିଁ। ତାଙ୍କ ମୃତଦେହକୁ ଅମୃତସରର ଏକ ହସ୍ପିଟାଲରେ ରଖାଯାଇଛି। ସୋମବାର ଦିନ, ଡିସିପି ରବିନ୍ଦର ପାଲ ସିଂହ ଏବଂ ତାଙ୍କ ଦଳ ଗଗନଦୀପଙ୍କ ମୋବାଇଲ୍ ଫୋନ୍ ଉଦ୍ଧାର କରିବା ପାଇଁ ପରିବାରକୁ ଭେଟିଥିଲେ। ପରିବାର ଅଭିଯୁକ୍ତଙ୍କ ଗିରଫଦାରୀ ଦାବି କରିଥିଲେ। ରବିବାର ଦିନ ବିରୋଧୀ ଦଳଗୁଡ଼ିକ ଚଣ୍ଡୀଗଡ଼ରେ ରନ୍ଧାୱା ଆତ୍ମହତ୍ୟା ମାମଲାରେ ଭୁଲ୍ଲରଙ୍କ ଗିରଫଦାରୀ ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପ୍ରତିବାଦ କରିଥିଲେ। ସରକାରଙ୍କଠାରୁ ନ୍ୟାୟ ପାଇଁ ଦାବି କରିଥିଲେ। ତଦନ୍ତ ପାଇଁ ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଇପାରେ। ଗଗନଦୀପ ସିଂହ ରନ୍ଧାୱା ଆତ୍ମହତ୍ୟା ମାମଲାରେ ପୂର୍ବତନ ମନ୍ତ୍ରୀ ଲାଲଜିତ୍ ଭୁଲ୍ଲରଙ୍କ ଇସ୍ତଫାପତ୍ରକୁ ପଞ୍ଜାବ ସରକାର ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ମନ୍ତ୍ରୀ ହୁଅନ୍ତୁ କି କନେଷ୍ଟବଳ ସମସ୍ତଙ୍କ ପାଇଁ ଆଇନ ସମାନ। ଦୁର୍ନୀତି ପ୍ରତି ଆମର ନୀତି ଶୂନ୍ୟ ସହନଶୀଳତା। ଆମେ ପୂର୍ବରୁ ଏହି ସମ୍ପର୍କରେ ଅନେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ।

### ଭବାନୀପୁର ଆସନ ମମତାଙ୍କ ପାଇଁ ସ୍ୱତନ୍ତ୍ର

# ୨୦୧୧ରେ ପୁନର୍ଜୀବନରୁ ବଦଳିଲା ଶାସନ



କୋଲକାତା, ୨୩।୩: ପଶ୍ଚିମବଙ୍ଗ ରାଜନୀତିରେ ଭବାନୀପୁର ପରି କିଛି ନିର୍ବାଚନମଣ୍ଡଳୀର ଐତିହାସିକ ଗୁରୁତ୍ୱ ରହିଛି। ଏହି ଆସନର ନିର୍ବାଚନୀ ଯାତ୍ରା ରାଜ୍ୟରେ କଂଗ୍ରେସ ପ୍ରାଧାନ୍ୟରୁ ଟିଏମ୍‌ସିର ଉତଥାନ ପତନର ପରିବର୍ତ୍ତନକୁ ପ୍ରତିଫଳିତ କରେ। ମମତା ବାନାର୍ଜୀଙ୍କ ରାଜନୈତିକ ଗଡ଼ ବୋଲି ବିବେଚନା କରାଯାଉଥିବା ଭବାନୀପୁର ସବୁବେଳେ ଟିଏମ୍‌ସି ପାଇଁ ଏତେବଡ଼ ଗଡ଼ ନଥିଲା।

ମମତା ଏକ ବୈଠକରେ ଦଳୀୟ ନେତାମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରିଥିଲେ। ସେ କହିଛନ୍ତି, ତାଙ୍କ ହାତରେ କିଛି ନାହିଁ। ୩ ଦିନରେ ୫୦ ଜଣଙ୍କୁ ହଟାଇ ଦିଆଯାଇଛି। ସେ ଅନେକ କାଉନସିଲରଙ୍କ ଭୂମିକା ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କ ନିର୍ବାଚନମଣ୍ଡଳୀ ଭବାନୀପୁର ବିଷୟରେ କହିବାକୁ ଯାଇ ସେ କହିଥିଲେ ଯେ, ଏହି ନିର୍ବାଚନମଣ୍ଡଳୀରେ ସମସ୍ତେ ତାଙ୍କୁ ଜାଣନ୍ତି। ଘର ସ୍ଥାନାନ୍ତର ବିଷୟରେ ଆଲୋଚନା ସତ୍ତ୍ୱେ, ସେ କେବେ ଭବାନୀପୁର ଛାଡ଼ିନାହାଁନ୍ତି। ତାଙ୍କ ମା' କେବେ ତାଙ୍କୁ ଘର ସ୍ଥାନାନ୍ତର କରିବାକୁ ଦେଇ ନାହାନ୍ତି। ନ୍ୟୁଜ ଏଜେନ୍ସି ରିପୋର୍ଟ ଅନୁଯାୟୀ, ଭାରତ ସ୍ୱାଧୀନତା ପରେ ଦଶନ୍ଧି ଧରି ଦକ୍ଷିଣ କୋଲକାତାର ଏହି ଆସନ କଂଗ୍ରେସ ଗଡ଼ ଏବଂ ରାଜ୍ୟର କିଛି ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିତ୍ୱଙ୍କ ବାସସ୍ଥାନ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ କଂଗ୍ରେସ ପ୍ରାର୍ଥୀ ଭାବରେ ଏବଂ ପରେ ସ୍ୱାଧୀନ ଭାବରେ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ଜିତିଥିଲେ। ମୀରା ଦତ୍ତ ଗୁପ୍ତା ଏବଂ ରଥୀନ ତାଲୁକଦାରଙ୍କ ପରି ଅନ୍ୟ କଂଗ୍ରେସ ନେତାମାନେ ଏହି ଆସନର ପ୍ରତିନିଧିତ୍ୱ କରିଥିଲେ। କଂଗ୍ରେସର ଦଳର ପ୍ରମୁଖ ସହରାଞ୍ଚଳ ଗଡ଼ ମଧ୍ୟରୁ ଗୋଟିଏ ଭାବରେ ଭବାନୀପୁରର ଖ୍ୟାତିକୁ ସୁଦୃଢ଼ କରିଥିଲା। ଭବାନୀପୁର ବହୁ ବର୍ଷ ଧରି କଂଗ୍ରେସ ପ୍ରଭାବରେ ଦୃଢ଼ ଭାବରେ ରହିଲା। ବାମପନ୍ଥୀମାନେ ୧୯୬୯ରେ କେବଳ ଅଳ୍ପ ସମୟ ପାଇଁ ଏହି ଆସନକୁ ନିଜ ଅଧୀନରେ ରଖିଥିଲେ, ଯେତେବେଳେ ଏହି ଆସନର ନାମ କାଳିଘାଟ ନିର୍ବାଚନମଣ୍ଡଳୀ ରଖାଗଲା। ୧୯୫୩ରେ ସିପିଆଇ(ଏମ୍) ନେତା ସାଧନ ଗୁପ୍ତା ଏହି ଆସନରୁ ଭାରତର ପ୍ରଥମ ଦୃଷ୍ଟିହୀନ ଏମ୍‌ପି ହୋଇଥିଲେ। ୧୯୭୨ରେ ଭବାନୀପୁରର ରାଜନୈତିକ ଯାତ୍ରା ଏକ ଅପ୍ରତ୍ୟାଶିତ ମୋଡ଼ ନେଇଥିଲା, ଯେତେବେଳେ ସୀମା ନିର୍ଦ୍ଧାରଣ ପରେ ନିର୍ବାଚନମଣ୍ଡଳୀ ନିର୍ବାଚନ ମାନଚିତ୍ରରୁ ଉଭାନ ହୋଇଯାଇଥିଲା।

ପ୍ରାୟ ଚାରି ଦଶନ୍ଧି ଧରି, ଏହି ଆସନ କେବଳ ରାଜନୈତିକ ସ୍ମୃତିରେ ବିଦ୍ୟମାନ ଥିଲା। ୨୦୧୧ ସୀମା ନିର୍ଦ୍ଧାରଣରେ ଏହାକୁ ପୁନର୍ଜୀବିତ କରାଯାଇଥିଲା, ଯେଉଁ ସମୟରେ ବଙ୍ଗ ରାଜନୀତିରେ ନାଟକୀୟ ପରିବର୍ତ୍ତନ ଘଟିଥିଲା। ସେହି ବର୍ଷ ବାମମୋର୍ଚ୍ଚାର ୩୪ ବର୍ଷର ଶାସନ ଶେଷ ହୋଇଥିଲା ଏବଂ ମମତାଙ୍କ ଯୁଗ ଆରମ୍ଭ ହୋଇଥିଲା।

### ରତ୍ନଭଣ୍ଡାର ଗଣତି ମଣତି ନେଇ ଆଇନମନ୍ତ୍ରୀଙ୍କ ସମୀକ୍ଷା

# ୧୦୦ ବର୍ଷ ଯାଏଁ ରହିବନି ଦ୍ୱନ୍ଦ୍ୱ

**ପୁରୀ, ୨୩।୩ (ସଂଚାର ବ୍ୟୁରୋ) :** ଆସନ୍ତା ୨୫ ତାରିଖରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତିର ଶୁଭାରମ୍ଭ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାର୍ଚ୍ଚ ୨୫ ଦିନ ୧୨ ଟା ୯ ରୁ ୧ ଟା ୪୫ ମଧ୍ୟରେ ରହିଛି ଶୁଭ ମୁହୂର୍ତ୍ତ। ତେବେ ରତ୍ନଭଣ୍ଡାରର ଗଣତି ମଣତି ପ୍ରକ୍ରିୟା ଯେଭଳି ସୂଚାରୁରୂପେ ସମ୍ପୂର୍ଣ୍ଣ ହେବ ସେନେଇ ଆଜି ପୁରୀ ଗସ୍ତରେ ଆସି ଏକ ସମୀକ୍ଷା ବୈଠକ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆସି ସମୀକ୍ଷା



**ସବୁ ଅଳଙ୍କାରର ଡିଜିଟାଲ ଫୋଟୋ ଓ ଭିଡିଓଗ୍ରାଫି ହେବ**

ବୈଠକ କରୁଛନ୍ତି । ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସପି, ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆରବିଆଇ ଅଧିକାରୀ, ଖଣି ଓ ଭୂତତ୍ତ୍ୱବିତ୍, ସ୍ୱର୍ଣ୍ଣକାର, ବଣିଆ, ଭଣ୍ଡାର ମେକାପ ଏବଂ ପ୍ରାଧିକୃତ ସେବାୟତ ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ଥିଲେ।୧୯୭୮ ମସିହା ତାଲିକା ସହ ହେବ ମେଳା ଯିବ। ସବୁ ଦିବ୍ୟ ଅଳଙ୍କାରମାନଙ୍କର ଗୋଟି ଗୋଟି କରି ଓଜନ ହେବ, ନାଁ ଚିହ୍ନଟ ହୋଇ ଟ୍ୟାଗ୍ ଲାଗିବ, କିନ୍ତୁ କାହାରି ମୂଲ୍ୟାଙ୍କନ ହେବନି। ସବୁ କିଛି ଏସଓପି ଅନୁସାରେ ହେବ। ସମସ୍ତ ଅଳଙ୍କାର ଗୁଡ଼ିକର ଡିଜିଟାଲ ଫଟୋଗ୍ରାଫି ସହ ଭିଡ଼ିଓଗ୍ରାଫି ଓ ଥ୍ରୀ-ଡି ମ୍ୟାପିଂ କରାଯିବ। ଗଣତି ଓ ମଣତି ପରେ ଅଳଙ୍କାରକୁ ସୁରକ୍ଷିତ ଭାବେ ଏଭଳି ସଜେଇକି ରଖାଯିବ, ଯେପରି ଆଗାମୀ ୫୦ରୁ ୧୦୦ ବର୍ଷ ଯାଏଁ ଆଉ ଏହାକୁ ଚିହ୍ନଟରେ ଦ୍ୱନ୍ଦ୍ୱ ରହିବନି।

# ମେ' ୨୯ରେ ଓଟିଇଟି ପରୀକ୍ଷା

**କଟକ,୨୩।୩(ସଂଚାର ବ୍ୟୁରୋ):** ଆସନ୍ତା ମେ' ୨୯ରେ ଅନୁଷ୍ଠିତ ହେବ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)। ଏନେଇ ସୋମବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ୱେବସାଇଟ୍ ରେ ଯୋଗ୍ୟ ପ୍ରାର୍ଥୀମାନେ ଅନଲାଇନରେ ଆବେଦନ କରିପାରିବେ। ମାର୍ଚ୍ଚ ୨୬ରୁ ଏପ୍ରିଲ

- ୨୬ରୁ ଏପ୍ରିଲ ୯ ଯାଏ ଫର୍ମ ପୂରଣ
- ମେ' ୧୫ରେ ମିଳିବ ଆଡମିଟ କାର୍ଡ

୯ ତାରିଖ ମଧ୍ୟରେ ପ୍ରାର୍ଥୀମାନେ ଫର୍ମ ପୂରଣ କରିପାରିବେ। ସେହିପରି ଆସନ୍ତା ମେ' ୧୫ରେ ଆଡମିଟ କାର୍ଡ ମିଳିବ। ଉଭୟ ଇନ୍-ସର୍ଭିସ ଓ ନୂଆ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଅନଲାଇନ୍ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶାବଳୀ, ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଯୋଗ୍ୟତା ମାନଦଣ୍ଡ ସମ୍ବଳିତ ନିର୍ଦ୍ଦେଶାବଳୀ, ପାଠ୍ୟକ୍ରମ ଓ ଜାରି ପ୍ରମାଣପତ୍ର ପାଇଁ ଫର୍ମାଟ୍ ୱେବସାଇଟ୍‌ରେ ଉପଲବ୍ଧ ହେବ। ଅନଲାଇନ୍ ପଞ୍ଜୀକରଣ ସମୟରେ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି, ବିଷୟ ଆଦି ସୂଚନା ପରବର୍ତ୍ତୀ ପର୍ଯ୍ୟାୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୋର୍ଡ ପକ୍ଷରୁ ଦର୍ଶାଯାଇଛି। ଓଟିଇଟି-୨୦୨୬ ପେପର-୧ ସକାଳ ୯ଟାରୁ ସାଢ଼େ ୧୧ଟା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର-୨ ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଗାଡ଼ି ଧକ୍କାରେ ଜଣେ ମୃତ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



**କୋଲକାତା, ୨୩।୩(ସଂଚାର ବ୍ୟୁରୋ):** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ବ୍ୟାପିଛି। ସୋମବାର ସକାଳେ ଏହି ଘଟଣା ୬୦ ନମ୍ବର ଜାତୀୟ ରାଜପଥ (ବାଙ୍କୁଡା-ରାଣୀଗଞ୍ଜ ରୁଟ୍) ରେ, ଗଙ୍ଗାଜଳଘାଟିର ପାଲେରବନ୍ଧ କ୍ରସିଂ ନିକଟରେ ଘଟିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତକଙ୍କ ନାମ ଶ୍ରୀରାମ ଧାଙ୍ଗ (୩୮)। ସେ ମେଜିଆର ରାମକୃଷ୍ଣପୁର ଗ୍ରାମର ବାସିନ୍ଦା। ଦୁର୍ଘଟଣାର ପ୍ରତିବାଦରେ ସ୍ଥାନୀୟ ଲୋକମାନେ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ସୂତ୍ର ଅନୁଯାୟୀ, ଶ୍ରୀରାମ ଦୁର୍ଲଭପୁରର ଏକ ଘରୋଇ କାରଖାନାରେ କାମ କରୁଥିଲେ। ରବିବାର ଦିନ ତାଙ୍କର ରାତି ସିଫ୍ଟ ସାରି ସେ ସୋମବାର ସକାଳେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେହି ସମୟରେ ଏକ ସିମେଣ୍ଟ ବୋଝେଇ ଲରି ଶ୍ରୀରାମଙ୍କୁ ଧକ୍କା ଦେଇଥିଲା। ଗୁରୁତର ଆହତ ହୋଇ ସେ ଘଟଣାସ୍ଥଳରେ ହିଁ ତଳେ ପଡ଼ିଯାଇଥିଲେ। ଲରିର ଡ୍ରାଇଭର ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକମାନେ ଆହତ ଶ୍ରୀରାମଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନେ ହିଁ ଶ୍ରୀରାମଙ୍କ ପରିବାରକୁ ଖବର ଦେଇଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀରାମଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା ଏବଂ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପ୍ରତିବାଦ କରିବା ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଏହି ଅଞ୍ଚଳରେ ଅନେକ ଦୁର୍ଘଟଣା ଘଟିଛି ଏବଂ ଅନେକ ଲୋକଙ୍କ ଜୀବନ ଯାଇଛି। ପ୍ରଶାସନକୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ଶ୍ରୀରାମଙ୍କ ମୃତ୍ୟୁ ପରେ, ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ।

# ୪୧୦୭ ମେଡିକାଲ ଅଫିସର ପଦବୀ ଖାଲି

**ଭୁବନେଶ୍ୱର, ୨୩।୩ (ସଂଚାର ବ୍ୟୁରୋ) :** ସରକାରୀ ମେଡିକାଲରେ ହଜାର ହଜାର ପଦବୀ ଖାଲି ପଡ଼ିଛି। ୪୧୦୭ ମେଡିକାଲ ଅଫିସର ପଦବୀ ଖାଲି ଅଛି। ୧୫ ହଜାର ୭୯୩ ମେଡିକାଲ ଅଫିସର ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ୧୧ ହଜାର ୧୮୬ ମେଡିକାଲ ଅଫିସର କାର୍ଯ୍ୟରତ ଅଛନ୍ତି। ସେହିଭଳି ୧୮ ହଜାର ୯୪୫ ନର୍ସିଂ ଅଫିସର, ୨୬୪୪ ଫର୍ମାସୀ ଅଫିସର, ୧୨୮୩ ଲାଇବ୍ରେରୀ ଟେକନିସିଆନ, ୬୦୨ ରେଡିଓଗ୍ରାଫର, ୪୩୮ ଓପ୍‌ଥାଲୋମିକ ଅଫିସର ପଦବୀ ଖାଲି। ଅନ୍ୟପଟେ ନୂଆ ସରକାର ଆସିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ୧୦୮ ଜଣ ସହକାରୀ ପ୍ରଫେସର, ୫ ଜଣ ଏଲୋପାଥିକ ଡାକ୍ତରଙ୍କୁ, ୮୫ ଜଣ ହୋମିଓପାଥିକ ଡାକ୍ତର ଏବଂ ୧୧୫ ଜଣ ଆୟୁଷ ଡାକ୍ତରଙ୍କୁ ଓଡ଼ିଶା ଲୋକ ସେବା ଆୟୋଗଙ୍କ ମାଧ୍ୟମରେ ଚୟନ କରାଯାଇ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ୧୧୭ ଜଣ ନର୍ସିଂ ଅଫିସର, ୨୩୯ ଜଣ ରେଡିଓଗ୍ରାଫର, ୨୦୩ ଜଣ ଫର୍ମାସୀ ଅଫିସରଙ୍କୁ ଏହି ସମୟ ମଧ୍ୟରେ ନିଯୁକ୍ତି ଦିଆଯାଇଛି। ଏକ ଲିଖିତ ପ୍ରଶ୍ନ ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି।

# ଓଭରହେଡ୍ ତାରରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

- ବିପର୍ଯ୍ୟସ୍ତ ଟ୍ରେନ୍ ସେବା

**କୋଲକାତା, ୨୩।୩ (ସଂଚାର ବ୍ୟୁରୋ):** ଓଭରହେଡ୍ ବିଦ୍ୟୁତ୍ ଲାଇନରେ ବିଦ୍ୟୁତ୍ ବିଭ୍ରାଟ ହେବା ପରେ ହୁଗୁଳି ଏବଂ ବଣ୍ଡେଲ ଷ୍ଟେସନ ମଧ୍ୟରେ ଟ୍ରେନ ପରିସେବା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ଦେଢ଼ ଘଣ୍ଟା ପାଇଁ, ହାଓଡା-ବର୍ଦ୍ଧମାନ, ହାଓଡା-କଟୱା ଏବଂ ବଣ୍ଡେଲ-ନୈହାଟି ରୁଟରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୂର୍ବ ରେଳବାଇ ସୂତ୍ର ଅନୁଯାୟୀ, 'ପାୱାର ଅଫ୍' ପରିସ୍ଥିତି ଓଭରହେଡ୍ ଉପକରଣକୁ ପ୍ରଭାବିତ କରିବା ଯୋଗୁଁ ଏହି ସମସ୍ୟା ଉପୁଜିଥିଲା। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ହୁଗୁଳି ଷ୍ଟେସନରେ ଟିକେଟ୍ ବିକ୍ରି ଅସ୍ଥାୟୀ ଭାବରେ ବନ୍ଦ କରାଯାଇଥିଲା। ଫଳସ୍ୱରୂପ, ଷ୍ଟେସନରେ ଯାତ୍ରୀଙ୍କ ଭିଡ଼ ବଢ଼ିବାକୁ ଲାଗିଲା। ହାଓଡା-ବର୍ଦ୍ଧମାନ, ହାଓଡା-କଟୱା ଏବଂ ବଣ୍ଡେଲ-ନୈହାଟି ଶାଖାରେ ଚାଲୁଥିବା ଏକାଧିକ ଲୋକାଲ୍ ଟ୍ରେନ ଏବଂ ଅନେକ ଦୂରଗାମୀ ସେବା ବିଭିନ୍ନ ପ୍ଲାଟଫର୍ମରେ ଫସି ରହିଥିଲା। ହଠାତ୍ ଟ୍ରେନ ପରିସେବା ବନ୍ଦ ହେବା ଦ୍ୱାରା ପ୍ରତିଦିନ ଯାତ୍ରା ଆରମ୍ଭ କରୁଥିବା ଯାତ୍ରୀମାନଙ୍କୁ ବହୁତ ଅସୁବିଧା ହୋଇଥିଲା। ଅନେକ ଯାତ୍ରୀ ଟ୍ରେନ ଭିତରେ ଏବଂ ଷ୍ଟେସନରେ ଦୀର୍ଘ ସମୟ ପାଇଁ ଫସି ରହିଥିଲେ।

- ଦ୍ୱିତୀୟ ଥର ଆନ୍ତଃ-ଜିଲ୍ଲା ଆପୋଷ ବଦଳି ପ୍ରସଙ୍ଗ

# ମନ୍ତ୍ରୀ ଓ ସଚିବଙ୍କୁ ଗୁହାରି କଲା ଓଡ଼ିଶା ଏନ.ପି.ଏସ. ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ

**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ରାଜ୍ୟର ମାଧ୍ୟମିକ ସ୍କୁଲ ଶିକ୍ଷକମାନଙ୍କ ପାଇଁ ଦ୍ୱିତୀୟ ଥର ଆନ୍ତଃ-ଜିଲ୍ଲା ଆପୋଷ ବଦଳି ଅନୁମତି ଦେବାକୁ ଓଡ଼ିଶା ଏନ.ପି.ଏସ. ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ବିଭାଗୀୟ ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏକ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ଗତ ୨୦୨୫ ମସିହା ମେ' ୧୪ ତାରିଖରେ ପ୍ରକାଶିତ ନୂତନ ମାର୍ଗଦର୍ଶିକାର ଧାରା ୨(ଏଲ୍) ଅନୁସାରେ, ଜଣେ ଶିକ୍ଷକ ସାରା ଚାକିରି କାଳ ମଧ୍ୟରେ କେବଳ ଥରଟିଏ ଆନ୍ତଃ-ଜିଲ୍ଲା ବଦଳି ସୁବିଧା ପାଇପାରିବେ। କିନ୍ତୁ ଏହି ନିୟମରେ କେତେକ ବ୍ୟତିକ୍ରମ ରହିଛି। ମାର୍ଗଦର୍ଶିକାର ଧାରା ୩(a) ଅନୁଯାୟୀ, ଏହି କଟକଣା ଟିଜିଟି ଶିକ୍ଷକ ଏବଂ ପ୍ରଧାନଶିକ୍ଷକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ଏହା କେବଳ ଜିଲ୍ଲା କ୍ୟାଡର ଶିକ୍ଷକମାନଙ୍କ ଉପରେ ଲଦି ଦିଆଯାଇଛି, ଯାହା ଅନେକ ଶିକ୍ଷକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଅନେକ ଶିକ୍ଷକ ଗତବର୍ଷ ଆପୋଷ ଭିତ୍ତିରେ ବଦଳି ହୋଇଥିଲେ ମଧ୍ୟ ନିଜ ଗୃହ ଜିଲ୍ଲାକୁ ଯାଇପାରି ନାହାଁନ୍ତି। ଫଳରେ ସେମାନେ ନିଜର ବୃଦ୍ଧ ଓ ଅସୁସ୍ଥ ପିତାମାତାଙ୍କ ସେବା କରିବାରୁ ବଞ୍ଚିତ ହେଉଛନ୍ତି। ଏହାଛଡା ଅନେକ ପାରିବାରିକ ସମସ୍ୟା ରହିଛି ଯାହା ଶିକ୍ଷକ ମାନଙ୍କୁ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ହେବାର ଆବଶ୍ୟକତା ପଡୁଛି। କିନ୍ତୁ ସେମାନେ ଆସି ନପାରିବାରୁ ଭାରି ସାମାଜିକ ମୂଲ୍ୟ ଦେବାକୁ ପଡୁଛି।ଯାହା ସେମାନଙ୍କୁ ଭୀଷଣ ପାରିବାରିକ ଦୁର୍ଦ୍ଦଶା ଭିତରେ ଗତି କରିବାକୁ ବାଧ୍ୟ କରୁଛି। ଏଭଳି ସ୍ଥିତିରେ ହଜାର ହଜାର ଶିକ୍ଷକ ନିଜ ପରିବାରଠାରୁ ଦୂରରେ ରହି ମାନସିକ ଚାପରେ ଅଛନ୍ତି। ତେବେ ଆପୋଷ ବଦଳି ପ୍ରକ୍ରିୟାରେ ଜଣେ ଶିକ୍ଷକଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷକ ଯୋଗ ଦେଉଥିବାରୁ ବିଦ୍ୟାଳୟ କିମ୍ବା ଜିଲ୍ଲା ସ୍ତରରେ ଶିକ୍ଷକ ପଦବୀ ଖାଲି ପଡ଼ିବାର କିମ୍ବା ବୃଦ୍ଧି ପାଇବାର ସମ୍ଭାବନା ନଥାଏ। ତେଣୁ ସରକାର ଏହାକୁ ସହାନୁଭୂତିର ସହ ବିଚାର କରି ଅନ୍ତତଃ ଦ୍ୱିତୀୟ ଥର ପାଇଁ ଆପୋଷ ବଦଳି ସୁବିଧା ଯୋଗାଇ ଦେବାକୁ ସଂଘ ନିବେଦନ କରିଛି।

# ରାଜ୍ୟରେ ବଢୁଛି ଜନଔଷଧି ବିକ୍ରି

**ଭୁବନେଶ୍ୱର, ୨୩।୩ (ସଂଚାର ବ୍ୟୁରୋ) :** ରାଜ୍ୟରେ ବର୍ଷକୁ ବର୍ଷ ଜନଔଷଧି ବିକ୍ରି ପରିମାଣ ବଢ଼ି ଚାଲିଥିବାବେଳେ ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ଏହି ଧରଣର ୨୧୮ କୋଟି ଟଙ୍କାର ଔଷଧ ବିକ୍ରି ହୋଇଛି। ରାଜ୍ୟରେ ଜନଔଷଧିର ବିକ୍ରି ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୧-୨୨ ବର୍ଷରେ ରାଜ୍ୟରେ ୩୧ କୋଟି ଟଙ୍କାର ଜନଔଷଧି ବିକ୍ରି ହୋଇଥିବାବେଳେ ବର୍ଷକୁ ବର୍ଷ ଏହା ବୃଦ୍ଧି ପାଇଁ ଚଳିତ ଆର୍ଥିକ ବର୍ଷରେ ଏହା ପାଖାପାଖି ୬୦ କୋଟି ଟଙ୍କାରେ ପହଞ୍ଚିଛି। ଗତ ଦୁଇଟି ଆର୍ଥିକ ବର୍ଷରେ ବୃଦ୍ଧି ଢେର ଅଧିକ ରହିଥିବା ମନ୍ତ୍ରୀ ଦର୍ଶାଇଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ୮୦୩ଟି ଜନଔଷଧି ବିକ୍ରୟ କେନ୍ଦ୍ର ରହିଛି। ଏଥି ମଧ୍ୟରେ ସର୍ବାଧିକ ୧୪୩ଟି କଟକରେ ଥିବାବେଳେ ଖୋରଧାରେ ୧୦୯ଟି ରହିଛି। ସେହିଭଳି ବାଲେଶ୍ୱରରେ ୭୫ଟି, ଗଞ୍ଜାମରେ ୬୯ଟି, ଯାଜପୁରରେ ୫୦ଟି ଓ ଜଗତସିଂହପୁରରେ ୪୪ଟି କେନ୍ଦ୍ର ରହିଛି। ନୂଆପଡ଼ା ଜିଲ୍ଲାରେ ମାତ୍ର ଗୋଟିଏ ଜନଔଷଧି କେନ୍ଦ୍ର ରହିଥିବାବେଳେ ଗଜପତି ଓ ମାଲକାନଗିରିରେ ୨ଟି କରି, କନ୍ଧମାଳରେ ୩ଟି, ବୌଦ୍ଧ, ନବରଙ୍ଗପୁର ଓ କଳାହାଣ୍ଡିରେ ୪ଟି କରି ଏବଂ ରାୟଗଡ଼ାରେ ୫ଟି ଜନଔଷଧି କେନ୍ଦ୍ର ରହିଛି। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ଥିବା ଏହିସବୁ ଜନଔଷଧି କେନ୍ଦ୍ରରେ ୨୪୩୯ ପ୍ରକାରର ଔଷଧ ଉପଲବ୍ଧ ହେଉଛି। ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଜନଔଷଧି କେନ୍ଦ୍ର ଭାରତୀୟ ରେକତ୍ରସ ସୋସାଇଟି, ଖୋର୍ଦ୍ଧା ଶାଖା ଦ୍ୱାରା ପରିଚାଳିତ ହେଉଥିଲା। ତେବେ ଗତବର୍ଷ ଜାନୁଆରୀ ମାସରୁ ଉକ୍ତ ଜନଔଷଧି କେନ୍ଦ୍ରର ଚୁକ୍ତିନାମାକୁ ବାତିଲ କରାଯାଇଛି।

## କମୁଛି ନିରାମୟ ଔଷଧ ଯୋଗାଣ

ରାଜ୍ୟ ସରକାର ମାଗଣାରେ ଯୋଗାଉଥିବା ନିରାମୟ ଯୋଜନାରେ ଔଷଧ ଖର୍ଚ୍ଚ ହ୍ରାସ ପାଇବାରେ ଲାଗିଛି। ୨୦୨୨-୨୩ବର୍ଷରେ ସରକାର ୪୬୬ କୋଟି ୩୮ଲକ୍ଷ ଟଙ୍କାର ନିରାମୟ ଔଷଧ ଯୋଗାଣ କରିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ତାହା ୪୦୦ କୋଟି ଟଙ୍କାରୁ କମ୍ ରହିଛି। ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ପଚାରିଥିବା ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି ଯେ ନିରାମୟ ଔଷଧ ବାବଦୀୟ ବ୍ୟୟ ପରିମାଣ ହ୍ରାସ ପାଇବାରେ ଲାଗିଛି। ୨୦୨୩-୨୪ ରାଜ୍ୟସରକାର ନିରାମୟ ଷଧ ବାବଦରେ ୬୨୬ କୋଟି ୨୫ଲକ୍ଷ ଟଙ୍କା ବ୍ୟୟ କରିଥିବାବେଳେ ୨୦୨୫-୨୬ ବର୍ଷରେ ଏହା ୩୯୫ କୋଟି ଟଙ୍କା ରହିଛି। ସେହିଭଳି ନିରାମୟ ଯୋଜନାରେ ବ୍ୟୟ ହ୍ରାସ ପାଉଥିବାବେଳେ ଔଷଧର ତାଲିକା କିନ୍ତୁ ବଢ଼ିବାରେ ଲାଗିଛି। ୨୦୨୨-୨୩ ବର୍ଷରେ ୭୨୩ ପ୍ରକାରର ଔଷଧ ଖରିଦ କରାଯାଇଥିବାବେଳେ ୨୦୨୪-୨୫ ବର୍ଷରେ ଏହି ସଂଖ୍ୟା ୮୩୬ ଥିଲା ଏବଂ ୨୦୨୫-୨୬ ବର୍ଷରେ ଔଷଧର ପ୍ରକାର ୯୬୫ରେ ପହଞ୍ଚିଛି।

# ପୁରୀ ମାଟି ତଳେ ଗଙ୍ଗବଂଶର ଗାରିମା

**ଶ୍ରୀମନ୍ଦିରରୁ ସମୁଦ୍ର ପର୍ଯ୍ୟନ୍ତ ରହିଛି ସୁଡ଼ଙ୍ଗ**

**ପୁରୀ,୨୩।୩(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଚୌହଦୀ ମାଟି ତଳେ ଗଙ୍ଗବଂଶର ଗାରିମା। ମାଟି ତଳେ ଭର୍ତ୍ତି ହୋଇ ରହିଛି କୀର୍ତ୍ତିରାଜି। ଜିପିଆର ସର୍ଭେରୁ ଆସିଛି ଏଭଳି ଚାଞ୍ଚଲ୍ୟକର ତଥ୍ୟ। ଏଥିସହ ଶ୍ରୀମନ୍ଦିରଠାରୁ ସମୁଦ୍ର ପର୍ଯ୍ୟନ୍ତ ଲମ୍ବି ରହିଛି ସୁଡ଼ଙ୍ଗ। ୨୧.୬ ବର୍ଗମିଟର ପରିମିତ ଅଞ୍ଚଳରେ ରହିଛି କୋଠା। ଶ୍ରୀଜଗନ୍ନାଥ ମନ୍ଦିର ଚୌହଦୀରେ ୪୩ଟି ଐତିହ୍ୟ ଠାବ ହୋଇଥିବା ସୂଚନା ମିଳିଛି। ଗତ ପରିକ୍ରମା ପ୍ରକଳ୍ପ ସମୟରେ ଖୋଳତାଡ଼ ବେଳେ ଏମାର ମଠ ନିକଟରୁ ମିଳିଥିଲା ଗଙ୍ଗବଂଶ ସମୟର ସିଂହମୂର୍ତ୍ତି। ବିନା ଜିପିଆର ସର୍ଭେରେ ଚୌହଦୀ ଖନନକୁ ନେଇ ଅସନ୍ତୋଷ ପରେ ୪୦ ଲକ୍ଷ ଖର୍ଚ୍ଚ କରି ଓଡବିସି ଜରିଆରେ ହୋଇଥିଲା ଜିପିଆର୍ ସର୍ଭେ। ଏହା ସହ ମାଟି କିମ୍ବା ଅନ୍ୟାନ୍ୟ ଧାତୁର ପାତ୍ର ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଠାବ କରାଯାଇଛି। ସୁରକ୍ଷିତ ଖନନ କରି ଏସବୁକୁ ସଂରକ୍ଷିତ କରାଯାଇପାରେ ବୋଲି ଜିପିଆର ସର୍ଭେ ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଏଭଳି ତଥ୍ୟ ଆସିବା ପରେ ମାଟି ତଳେ ବିଭିନ୍ନ କୀର୍ତ୍ତିରାଜି ସନ୍ଦେହ ସ୍ପଷ୍ଟ ହେବାରେ ଲାଗିଛି। ୨୦୨୨ ମେ' ୨୨ ତାରିଖ ରାତିରେ ଜିପିଆର୍ ସର୍ଭେ ହୋଇଥିଲା। ଗାନ୍ଧି ନଗର ଆଇଆଇଟିର ଦୁଇଟି ଟିମ୍ ଆସି ଶ୍ରୀମନ୍ଦିର ଚୌହଦୀ ସମେତ ବିଭିନ୍ନ ଜାଗାରେ ଜିପିଆର୍ ସର୍ଭେ କରିଥିଲେ। ଓବିସିସି ଜରିଆରେ ପ୍ରାୟ ୪୦ ଲକ୍ଷ ଖର୍ଚ୍ଚ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। କେବଳ ଶ୍ରୀମନ୍ଦିର କଡ଼ କିମ୍ବା ଶ୍ରୀମନ୍ଦିର ପ୍ରକଳ୍ପ ପରିସର ନୁହେଁ, ବରଂ ସହର ସାରା ମାଟିତଳେ ଐତିହ୍ୟ କୀର୍ତ୍ତିରାଜି ଭର୍ତ୍ତି ହୋଇ ରହିଥିବା ସହ ଶ୍ରୀମନ୍ଦିରଠାରୁ ସମୁଦ୍ର ପର୍ଯ୍ୟନ୍ତ ଏକ ସୁଡ଼ଙ୍ଗ ରହିଛି। ସୂଚନା ଅଧିକାର ଆଇନ ବଳରେ ଦିଲ୍ଲୀପ ବରାଳ ପାଇଥିବା ତଥ୍ୟରେ ଏଭଳି ସୂଚନା ମିଳିଛି। ତେଣୁ ଏହାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି।

### ଏଭରେଷ୍ଟ ବେଟର କିଚେନ କ୍ୟୁଲିନାରୀ ଚ୍ୟାଲେଞ୍ଜ ସିଜନ୍ ୭

# ଯୁବ ରୋଷେୟାଙ୍କୁ ଭାରତୀୟ ଆଞ୍ଚଳିକ ଖାଦ୍ୟ ପ୍ରତି ପ୍ରେରଣା

**କୋଲକାତା, ୨୩।୩(ସଂଚାର ବ୍ୟୁରୋ):** 'ବେଟର କିଚେନ' ପତ୍ରିକାର ଏକ ପ୍ରମୁଖ ପଦକ୍ଷେପ ଏଭରେଷ୍ଟ ବେଟର କିଚେନ କ୍ୟୁଲିନାରୀ ଚ୍ୟାଲେଞ୍ଜ (ଏଭରେଷ୍ଟ ବିକେସିସି) ର ସିଜିନ ୭ କୋଲକାତାର ଗୁରୁ ନାନକ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତା ହୋଟେଲ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତର ସର୍ବବୃହତ ରୋଷେଇ ପ୍ରତିଯୋଗିତା ଭାବରେ ପ୍ରସିଦ୍ଧ। ଦେଶର ୧୯ଟି ସହରରେ ବ୍ୟାପୀ, ଏହି କାର୍ଯ୍ୟକ୍ରମ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଏକ ଗ୍ରାଣ୍ଡ ଫିନାଲେରେ ଶେଷ ହେବ। ଏହି ବର୍ଷର ବିଷୟବସ୍ତୁ ହେଉଛି 'ଭାରତର ସ୍ୱାଦ', ଯାହା ଯୁବ ରୋଷେୟାମାନଙ୍କୁ ଆଞ୍ଚଳିକ ଭାରତୀୟ ଖାଦ୍ୟର ସମୃଦ୍ଧ ପରମ୍ପରା ସହିତ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରତିଯୋଗିତା ମାଧ୍ୟମରେ, ଅଂଶଗ୍ରହଣକାରୀମାନଙ୍କୁ ସମସାମୟିକ ଶୈଳୀରେ ପାରମ୍ପରିକ ସ୍ୱାଦ ଉପସ୍ଥାପନ କରିବାକୁ ଉତ୍ସାହିତ କରାଯାଏ, ଯାହା ଦ୍ୱାରା ଭାରତୀୟ ପାକଶାସ୍ତ୍ରକୁ ବିଶ୍ୱ ସ୍ତରରେ ଏକ ନୂତନ ପରିଚୟ ମିଳିଥାଏ। ଉଦୀୟମାନ ରୋଷେୟାମାନେ କୋଲକାତା ସଂସ୍କରଣରେ ବହୁତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, ସେମାନଙ୍କର ସୃଜନଶୀଳତା, ଦକ୍ଷତା ଏବଂ ଆଗ୍ରହର ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ଅବସରରେ, 'ବେଟର କିଚେନ' ର ପ୍ରକାଶକ ଏକତା ଭାର୍ଗବ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଯୁବ ରୋଷେୟାମାନଙ୍କୁ ଭାରତୀୟ ଆଞ୍ଚଳିକ ଖାଦ୍ୟର ସମୃଦ୍ଧିକୁ ଗ୍ରହଣ କରିବା ଏବଂ ସେଗୁଡ଼ିକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ପ୍ରେରଣା ଦେବା। ସୃଜନଶୀଳତା ଏବଂ ପରମ୍ପରା ମଧ୍ୟରେ ସନ୍ତୁଳନ ସ୍ଥାପନ କରି, ଆମେ ଭାରତୀୟ ଖାଦ୍ୟକୁ ବିଶ୍ୱସ୍ତରୀୟ ମାନ୍ୟତା ଆଣିବାରେ ସକ୍ଷମ ଏକ ନୂତନ ପିଢ଼ିର ରୋଷେଇ ବୃତ୍ତିଗତଙ୍କୁ ପୋଷଣ କରୁଛୁ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘରେ...

ପିଲାମାନଙ୍କର ଉଜ୍ଜ୍ୱଳ ଓ ସୁରକ୍ଷିତ ଭବିଷ୍ୟତର ଏକୁଡ଼ିଶାଳ। ଆସନ୍ତା ଏପ୍ରିଲ ୨ ତାରିଖରେ ଆୟୋଜିତ ହେବାକୁ ଥିବା 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅଭିଭାବକମାନଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ। ତେଣୁ ଯେତେବେଳେ ରାଜ୍ୟର କୁନି କୁନି ପାଦ ଆଗକୁ ବଢ଼ିବ, ସେବେ ହିଁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଯୁଦ୍ଧରେ...

ଟ୍ରମ୍ପ୍ ଚେତାବନୀ ଦେଇଥିଲେ। ଏହି ଧମକର ଜବାବରେ ଇରାନ୍ ମଧ୍ୟ ପ୍ରତିଧମକ ଦେଇଥିଲା ଯେ ଯଦି ଆମେରିକା ଏପରି ଆକ୍ରମଣ କଲେ, ସେ ସବୁଦିନ ପାଇଁ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେବ। ତା'ଛଡ଼ା ଏହାର ପ୍ରତିଜବାବରେ ଗଲ୍ଫ ଅଞ୍ଚଳରେ ଥିବା ଆମେରିକାର ସମର୍ଥକ ଦେଶମାନଙ୍କ ଉପରେ ଶହ ଶହ ସଂଖ୍ୟାରେ ମିସାଇଲ୍ ବର୍ଷା ହେବ ବୋଲି ଇରାନ୍ କହିଥିଲା।

ସେହିପରି ଇରାନ୍ ବିଦେଶ ମନ୍ତ୍ରୀ ଅବ୍ବାସ୍ ଆରାଗଚି ମଧ୍ୟ କହିଥିଲେ ଯେ ସମ୍ପ୍ରତି ଇରାନ୍ କୌଣସି ପ୍ରକାର ଯୁଦ୍ଧବିରତି ଚାହେଁନାହିଁ। କାରଣ ଦେଶ କିଛି ଦିନ ପରେ ପୁଣି ସମାନ ପରିସ୍ଥିତି ଭୋଗିବାକୁ ଚାହୁଁନାହିଁ।

## ଗୃହ...

ହେଉ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ମେଡିକାଲର ସୁରକ୍ଷା ଦାୟିତ୍ୱ ଅଧୀକ୍ଷକଙ୍କର। ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି କି ମନ୍ତ୍ରୀ ଉତ୍ତରଦାୟିତ୍ୱ ନେଉନାହାଁନ୍ତି। ୨୦୧୬ରେ ଏକ ଘରୋଇ ହସ୍ପିଟାଲରେ ନିଆଁ ଲାଗିଲା। ସେ ସମୟରେ ବିଜେପି ବିରୋଧୀ ଦଳରେ ଥିଲା। ପ୍ରଧାନମନ୍ତ୍ରୀ ଫୋନ କରିଥିଲେ, କେନ୍ଦ୍ର ମନ୍ତ୍ରୀ ଆସିଥିଲେ। ସେ ସମୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କର କୌଣସି ଭୂମିକା ନ ଥିଲେ ବି ସେ ଇସ୍ତଫା ଦେଇଥିଲେ। ଏସସିବି ମେଡିକାଲ ତ ସରକାରୀ ହସ୍ପିଟାଲ, ସ୍ୱାସ୍ଥ୍ୟ ମନ୍ତ୍ରୀ କାହିଁକି ଇସ୍ତଫା ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଘଟଣା ସମୟରେ ଦାୟିତ୍ୱରେ ଥିବା ଅଧୀକ୍ଷକଙ୍କୁ କାହିଁକି ସୁରକ୍ଷା ଦିଆଯାଉଛି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀଙ୍କ ନାରାବାଜିକୁ ସମାଲୋଚନା କରିଛନ୍ତି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ। ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ନିଜ ଦୁର୍ବଳତାକୁ ଲୁଚେଇବା ପାଇଁ ରାଜନୀତି କରି ବିଧାନସଭା ଅଚଳ କରୁଛନ୍ତି। ରାଜ୍ୟସଭା ନିର୍ବାଚନରେ ଦୁଇ ଦଳର ଅସଲ ଚେହେରା ଧରାପଡିଲା। ସେପଟେ ବିଜେଡି ଟଙ୍କା ହଡ଼ପ ପାଇଁ ତାଙ୍କ ଦଳର ନେତା ଦିଲ୍ଲୀରେ ଟ୍ରଷ୍ଟ ଗଠନ କରିଛନ୍ତି। ଏସବୁ ଅଭିଯୋଗ ବିଜେପି କରୁନି, ତାଙ୍କ ନିଜ ଦଳର ବିଧାୟକମାନେ କରୁଛନ୍ତି। ଗୃହ ଚାଲିଲେ ଏସବୁ କଥା ଉଠିବ। ତେଣୁ ଭୟରେ ବିଜେଡି ଓ କଂଗ୍ରେସ ମିଳିତ ଭାବେ ଗୃହ ଚଳାଇ ଦେଉନାହାଁନ୍ତି ବୋଲି ଶ୍ରୀ ତ୍ରିପାଠୀ ଅଭିଯୋଗ କରିଛନ୍ତି।

## ଗୋଲାମି...

ଚେତନାର ଆଧାରଶିଳା। ଆମେ ବାଜି ରାଉତଙ୍କଠାରୁ ରାଜଗୁରୁଙ୍କ ପର୍ଯ୍ୟନ୍ତ ସମସ୍ତ ସହିଦ ପରିବାରର ସଦସ୍ୟ, ଯାହା ୧୪୦ କୋଟି ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ଇତାହାସ ପୃଷ୍ଠାରେ ଅନାଲୋଚିତ ନାୟକ ବା ସଂଗ୍ରାମୀମାନଙ୍କ ଅବଦାନକୁ ସମ୍ମାନିତ କରାଯାଉଛି। ୧୮୩୫ରେ ଟିବି ମାକାଉଲେ ଲାଗୁ କରିଥିବା ଶିକ୍ଷା ପଦ୍ଧତି ଓ ଗୋଲାମି ମାନସିକତାରୁ ଦେଶକୁ ମୁକ୍ତ କରିବା ଆମର ମୂଳ ଦାୟିତ୍ୱ। ଭାରତର ଆତ୍ମା, ସଂସ୍କୃତି ଓ ସ୍ୱାଭିମାନକୁ ପୁନଃସ୍ଥାପିତ କରିବା ଦିଗରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ସମେତ ସମସ୍ତେ ଦାୟିତ୍ୱ ନେବା ଉଚିତ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଦେଶ ପାଇଁ ବଳିଦାନ ଦେବାର ସମୟ ଥିଲା। କିନ୍ତୁ ଆଜି ଦେଶ ପାଇଁ ବଞ୍ଚିବାର ଆବଶ୍ୟକତା ରହିଛି। ଆମର ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା। ଏଥିପାଇଁ ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ସ୍ୱାଭିମାନ ବୃଦ୍ଧି, ସ୍ୱଦେଶୀ ଅର୍ଥନୀତିର ସୁଦୃଢ଼ୀକରଣ, ଚାଷୀଙ୍କ ଆୟ ବୃଦ୍ଧି, ମହିଳା ଓ ଯୁବବର୍ଗଙ୍କୁ ସମ୍ମାନ ଓ ବଞ୍ଚିତଙ୍କ କଲ୍ୟାଣ ପାଇଁ ଆମକୁ ଦାୟିତ୍ୱ ନେବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶେଷରେ କେନ୍ଦ୍ର ମନ୍ତ୍ରୀ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ'କୁ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସାଧୁବାଦ ଜଣାଇବା ସହ ସହିଦମାନଙ୍କ ସ୍ୱପ୍ନର ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ।

## ଆରେ...

ଯୋଜନା ହୋଇଥିବା ଜଣାପଡ଼ିଛି।

ଏକଦା ବିଜେଡିର ପାୱାରଫୁଲ ମନ୍ତ୍ରୀ ଥିଲେ ରଘୁନାଥ ମହାନ୍ତି। ସେ ବସ୍ତା ନିର୍ବାଚନମଣ୍ଡଳୀରୁ ଲଗାତାର ୧୯୯୦ରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଥିଲେ। ୨୦୧୩ରେ ତାଙ୍କ ବୋହୂ ବର୍ଷା ସୋନ ଏକ ଯୌତୁକ ନିର୍ଯାତନା ଅଭିଯୋଗ ଆଣିବାରୁ ରଘୁ ମହାନ୍ତି ଗତ ୨୦୧୪ରେ କୋଲକାତାରୁ ଗିରଫ ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେଇନଥିଲା। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗ ଦେଇ ପୁଣି ଥରେ ବସ୍ତାରୁ ଲଢ଼ି ବିଜେଡି ପ୍ରାର୍ଥୀ ନିତ୍ୟାନନ୍ଦ ସାହୁଙ୍କଠାରୁ ହାରିଯାଇଥିଲେ। ୨୦୨୪ ନିର୍ବାଚନରେ ବିଜେପି ତାଙ୍କୁ ଟିକେଟ ଦେଇନଥିଲା, ଯେଉଁଥିପାଇଁ ୨୦୨୪ ଏପ୍ରିଲ ମାସରେ ସେ ବିଜେପିରୁ ଇସ୍ତଫା ଦେଇଥିଲେ।

ସେହିଭଳି ଜୀବନ ପ୍ରଦୀପ ଦାସ ଆରମ୍ଭରୁ ବିଜେପିରେ ଥିଲେ। ସେ ଗତ ୨୦୦୦ ମସିହାରେ ବିଜେପି ଟିକେଟରେ ବାଲେଶ୍ୱରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ମେଣ୍ଟ ଭାଙ୍ଗିବା ପରେ ସେ ବିଜେଡିରେ ଯୋଗଦେଇ ୨୦୦୯ ଓ ୨୦୧୪ରେ ବିଜୟୀ ହୋଇଥିଲେ। ଗତ ୨୦୧୯ରେ ସେ ବିଜେପି ପ୍ରାର୍ଥୀ ମଦନମୋହନ ଦତ୍ତଙ୍କଠାରୁ ହାରିଯାଇଥିଲେ। ୨୦୨୦ରେ ମଦନମୋହନଙ୍କ ମୃତ୍ୟୁ ପରେ ହୋଇଥିବା ଉପନିର୍ବାଚନରେ ସେ ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶାୟୀ ଦୌଡ଼ରେ ଥିଲେ। କିନ୍ତୁ ଦଳ ତାଙ୍କୁ ପ୍ରାର୍ଥୀ ନ କରି ସ୍ୱରୂପ ଦାସଙ୍କୁ ଟିକେଟ ଦେଇଥିଲା। ସେହି ଉପନିର୍ବାଚନରେ ସେ ଦଳବିରୋଧୀ କାର୍ଯ୍ୟ କରିବାରୁ ତାଙ୍କୁ ୨୦୨୦ ନଭେମ୍ବରରେ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ନିଲମ୍ବିତ ହେବା ପରେ ସେ ଘରବାହୁଡ଼ା କରିଥିଲେ। କିନ୍ତୁ ୨୦୨୪ରେ ତାଙ୍କୁ ବିଜେପି ଟିକେଟ ଦେଲାନି। ଏପରିକି ନିକଟରେ ରବୀନ୍ଦ୍ର ଜେନା ବିଜେପିରେ ମିଶିବାରୁ ଜୀବନ ପ୍ରଦୀପ ପଦ୍ମ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଏବେ ବିଜେଡି ବାଲେଶ୍ୱର ଜିଲ୍ଲାର ଏହି ଦୁଇ ନେତାଙ୍କୁ ପୁଣି ଥରେ ଫେରାଇ ଆଣିବାକୁ ଯୋଜନା କରୁଛି। କାରଣ ଜିଲ୍ଲାରେ ରବୀନ୍ଦ୍ରଙ୍କୁ ଟକ୍କର ଦେବାକୁ ଆଉ ନେତା ନାହାଁନ୍ତି।

## ସଙ୍କଟରେ...

ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବର୍ଷା ସିଂ ବରିହା, ଧ୍ରୁବ ସାହୁ, ପ୍ରମିଳା ମଲ୍ଲିକ, ସୁଜାତା ସାହୁ, ଯୋଗେଶ ସିଂ, ରୂପେଶ ପାଣିଗ୍ରାହୀ, ଅଭିମନ୍ୟୁ ସେଠୀ ଓ ଗଣେଶ୍ୱର ବେହେରା। ପରେ ଅଳ୍ପ କିଛି ସମୟ ପାଇଁ ଏହି ଗପରେ ଭାଗ ନେଇଥିଲେ ଗୌତମ ବୁଦ୍ଧ ଦାସ, ଅଧିରାଜ ପାଣିଗ୍ରାହୀ, ଅଶ୍ୱିନୀ ପାତ୍ର ଓ ନିରଞ୍ଜନ ପୂଜାରୀ।

ଏବେ ଦଳରୁ କ୍ରସ ଭୋଟିଂ କରି ନିଲମ୍ବିତ ହୋଇଥିବା କିଛି ବିଧାୟକ ବିଜୁ ଲିଗାସୀ କଥା କହୁଛନ୍ତି। ସେମାନଙ୍କ କଥାରୁ ଗପ ଆରମ୍ଭ କରିଥିଲେ ନବୀନ। ନବୀନ କହିଥିଲେ ଯେ ଯେଉଁମାନେ ଏବେ ବିଜୁ ଲିଗାସୀ କଥା କହୁଛନ୍ତି ସେମାନେ ବିଜୁବାବୁଙ୍କୁ ଜାଣିନାହାଁନ୍ତି। ଏପରିକି ଯେଉଁ ବିଜୟ ମହାପାତ୍ର କି ଦିଲ୍ଲୀପ ରାୟ ନିଜକୁ ବିଜେଡିର ପ୍ରତିଷ୍ଠାତା ବୋଲି ଦାବି କରୁଛନ୍ତି, ସେମାନେ ଦିନେ ବିଜେଡିକୁ କେମିତି ଭାଙ୍ଗିବାକୁ ଚେଷ୍ଟା କରିଥିଲେ ସେମାନଙ୍କ ସମ୍ପର୍କରେ ନବୀନ ଏଇସବୁ ଯୁବ ବିଧାୟକଙ୍କୁ ହସି ହସି ଇତିହାସ କଥା କହୁଥିଲେ। ୧୯୯୬ ରାଜ୍ୟସଭା ନିର୍ବାଚନ ହେଉ କି ୨୦୦୨ ରାଜ୍ୟସଭା କଥା, ଦିଲ୍ଲୀପ ରାୟ କେମିତି କ୍ରସ ଭୋଟିଂ କରାଇଥିଲେ, ତା'ର ପେଡ଼ି ବି ନବୀନ ଯୁବ ବିଧାୟକଙ୍କ ଆଗରେ ଖୋଲିଥିଲେ।

କେବଳ ସେତିକି ନୁହେଁ, ୧୯୯୫ରେ ବିଜୁବାବୁ କେମିତି ହାରିଥିଲେ ଏବଂ ୧୯୯୬ରେ ତାଙ୍କୁ ଏମାନଙ୍କ ଆଉ କିଛି ଚକ୍ରାନ୍ତକାରୀ କେମିତି ପ୍ରଧାନମନ୍ତ୍ରୀ କରାଇ ଦେଇ ନ ଥିଲେ ସେ ସମ୍ପର୍କରେ ନବୀନ ସେମାନଙ୍କୁ ଜଣାଇଥିଲେ। ଏଥିସହ ପ୍ରଥମ ଥର ପାଇଁ ବିଧାୟକ ହୋଇଥିବା ନେତାଙ୍କୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖକୁ ଯାଇ କାମ କରିବାକୁ ଓ ଜନସମ୍ପର୍କ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ ନବୀନ। ସେହିପରି ବର୍ଷା ସିଂ ବରିହାଙ୍କୁ ନବୀନ ତାଙ୍କ ପରିବାର କଥା ପଚାରିଥିଲେ। ୧୯୯୨ରେ ବର୍ଷାଙ୍କ ବାପା ବିଜୟ ରଞ୍ଜନ ସିଂ ବରିହାଙ୍କ ବାହାଘରରେ ବିଜୁବାବୁ କନ୍ୟାଦାନ କରିଥିଲେ। ସେ ଘଟଣା ମଧ୍ୟ ନବୀନ ବର୍ଷାଙ୍କୁ ମନେ ପକେଇଦେଇଥିଲେ। ଏମିତି ବିଧାୟକଙ୍କ ସହ ୨୪ ମିନିଟ୍ ଧରି ନବୀନ ଗପିବା ଫଳରେ ଏହା ବିଧାୟକମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା। ହେଲେ କିଛି ବରିଷ୍ଠ ନେଇ କହୁଛନ୍ତି ଯେ ସଙ୍କଟରେ ନବୀନଙ୍କ ବୁଦ୍ଧି ଉଦୟ ହେଲା। ନିର୍ବାଚନ ପୂର୍ବରୁ ନବୀନ ଏତିକି ସୁଯୋଗ ଦେଇଥିଲେ ବୋଧହୁଏ ଦଳ ହାରିନଥାନ୍ତା ବୋଲି ସେମାନେ କହୁଛନ୍ତି।

## ବିଜେଡିକୁ...

କଂଗ୍ରେସ କସରତ ଆରମ୍ଭ କରିଛନ୍ତି। କାରଣ ଏହି ଦୁଇ ଦଳ ଭଲ ଭାବେ ଜାଣିଛନ୍ତି ଯେ ଏହି କର୍ମୀମାନେ ବି ପଞ୍ଚାୟତ ନିର୍ବାଚନରେ ବଡ଼ ଭୂମିକା ଗ୍ରହଣ କରିବେ।

ନିଲମ୍ବିତ ହୋଇଥିବା ବିଜେଡି ବିଧାୟକ ଯେଭଳି ଭାବେ ଦଳ ଓ ଦଳପତିଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି, ଭବିଷ୍ୟତରେ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହେବାର ଆଶା କ୍ଷୀଣ। ତେଣୁ ସେହିସବୁ ନିର୍ବାଚନମଣ୍ଡଳୀରେ ବିଜେଡି କ୍ଷତି ସହିବା ଜଳ ଜଳ ଦିଶୁଥିବା ବେଳେ ବିଜେଡି ନେତୃତ୍ୱ ଏବେ ଏହିସବୁ କ୍ଷେତ୍ରରେ ବିକଳ୍ପ ସନ୍ଧାନରେ ରହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ବିଜେଡି ମୁଖିଆ ଏଥିରେ କେତେଦୂର ସଫଳ ହେବେ, ତା' ଉପରେ ଏବେ ସବୁ ଦଳର ନଜର ରହିଛି।

# ରାଜ୍ୟ ଶିଶୁ ଅଧିକାର ଆୟୋଗର ଅଚାନକ ପରିଦର୍ଶନ

**ପଞ୍ଚମ ଶ୍ରେଣୀ ଛାତ୍ର ମୃତ୍ୟୁ ମାମଲା**

**ଶିଶୁ ମୃତ୍ୟୁ ପରେ ମଧ୍ୟ ସଚେତନ ନୁହେଁ ସ୍କୁଲ**

**ବିନା ଅନୁମତିରେ ହଷ୍ଟେଲ, ସୁରକ୍ଷା ବ୍ୟବସ୍ଥା ପୂରା ଫେଲ୍**



**ଛତ୍ରପୁର,୨୩।୩ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ୍ କଳାଯମୁନା ସ୍ଥିତ ଶ୍ରୀ ସାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଚାନକ ପରିଦର୍ଶନ ସମୟରେ ସ୍କୁଲ ପ୍ରଶାସନର ଘୋରେଇ ଅବ୍ୟବସ୍ଥା ପୁଣିଥରେ ସାମ୍ନାକୁ ଆସିଛି।

ଗତ ଦୁଇ ବର୍ଷ ପୂର୍ବରୁ ଏହି ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ର ବିଷପାନ କରି ପ୍ରାଣ ହରାଇଥିବା ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ପୋଷ୍ଟମର୍ଟମ ରିପୋର୍ଟରେ ବିଷପାନ ସ୍ପଷ୍ଟ ହେଲେ ମଧ୍ୟ ଘଟଣାର ଗଭୀର ତଦନ୍ତ ହୋଇନଥିବା ଅଭିଯୋଗ ଉଠିଥିଲା। ଅଭିଭାବକଙ୍କ ଅଭିଯୋଗ ପରେ ପୂର୍ବରୁ କ୍ୟାମ୍ପ କୋର୍ଟ ମାଧ୍ୟମରେ କିଛି ଦସ୍ତାବେଜ ଆହ୍ୱାନ କରାଯାଇଥିଲେ ମଧ୍ୟ ପ୍ରକୃତ ସତ୍ୟାସତ୍ୟ ଯାଞ୍ଚ ପାଇଁ ଆୟୋଗ ଆଜି ଅଚାନକ ସ୍ଥଳ ପରିଦର୍ଶନ କରିଛି।

ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ସଦସ୍ୟା ଚନ୍ଦନା ଦାସ, ମନସ୍ୱିତା ଖୁଣ୍ଟିଆ ଓ କସ୍ତୁରୀ ମିଶ୍ର ସ୍କୁଲକୁ ପହଞ୍ଚି ସମ୍ପୂର୍ଣ୍ଣ ପରିସ୍ଥିତିର ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ଗୋଟିଏ ପରେ ଗୋଟିଏ ଗୁରୁତର ଅନିୟମ ସାମ୍ନାକୁ ଆସିଛି, ଯାହା ସ୍କୁଲ ପ୍ରଶାସନର ଦାୟିତ୍ୱହୀନତାକୁ ପ୍ରକାଶ କରୁଛି।

ସବୁଠାରୁ ଗୁରୁତର ତଥ୍ୟ ହେଉଛି— ସ୍କୁଲ କର୍ତ୍ତୃପକ୍ଷ ହଷ୍ଟେଲ ନଥିବା କହୁଥିବା ସତ୍ତ୍ୱେ ପ୍ରକୃତରେ ସେଠାରେ ବିନା ଅନୁମତିରେ ହଷ୍ଟେଲ ଚାଲୁଥିବା ଜଣାପଡ଼ିଛି। ଏହା ସହିତ ନବମ ଓ ଦଶମ ଶ୍ରେଣୀ ପାଇଁ ଆବଶ୍ୟକ ସରକାରୀ ପ୍ରମାଣପତ୍ର ମଧ୍ୟ ବିଦ୍ୟାଳୟ ପାଖରେ ନଥିବା ଚିହ୍ନଟ ହୋଇଛି।

ପରିଦର୍ଶନ ସମୟରେ ସ୍କୁଲରେ ମୂଳଭୂତ ସୁରକ୍ଷା ବ୍ୟବସ୍ଥାର ଗୁରୁତର ଅଭାବ ଦେଖାଯାଇଛି। ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ନଥିବା, ଫାଷ୍ଟ ଏଡ୍ ବକ୍ସ ଖାଲି ପଡ଼ିଥିବା ଓ ସିସିଟିଭି ବ୍ୟବସ୍ଥା ଥିଲେ ମଧ୍ୟ ସେଗୁଡିକ ଅକାର୍ଯ୍ୟକ୍ଷମ ଥିବା ପ୍ରକାଶ ପାଇଛି। ଏହା ସହିତ ଜମି ସମ୍ପର୍କିତ ଆବଶ୍ୟକ କାଗଜପତ୍ର ମଧ୍ୟ ସ୍କୁଲ ପକ୍ଷରୁ ଦେଖାଇ ପାରାଯାଇନଥିଲା।

ଏହି ପରିସ୍ଥିତିରେ ବଡ଼ ପ୍ରଶ୍ନ ଉଠୁଛି— ଏମିତି ଅବ୍ୟବସ୍ଥିତ ସ୍କୁଲକୁ ଜିଲ୍ଲା ଶିକ୍ଷା ଅଧିକାରୀ କିପରି ଅନୁମତି ଦେଲେ? ବ୍ଲକ୍ ଶିକ୍ଷା ଅଧିକାରୀ କାହିଁକି ଏହି ଗୁରୁତର ଅବ୍ୟବସ୍ଥା ଉପରେ ନଜର ରଖିନଥିଲେ? ଆୟୋଗ ଏହାକୁ ଗୁରୁତର ମାମଲା ଭାବେ ଗ୍ରହଣ କରି ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛି।

# ଆଇନ୍ ଛାତ୍ରଛାତ୍ରୀ ନ୍ୟାୟ ବ୍ୟବସ୍ଥାକୁ ବଜାୟ ରଖିବା ନିମନ୍ତେ ଦୃଢ଼ ପ୍ରତିଜ୍ଞ ହେବା ଆବଶ୍ୟକ




**ଭୁବନେଶ୍ୱର,୨୩।୩ (ସଂଚାର ବ୍ୟୁରୋ):** ଆଇନ ବୃତିକୁ ଆପଣେଇବା ନିମନ୍ତେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ମୂଳରୁ ନ୍ୟାୟ ବ୍ୟବସ୍ଥାକୁ ବଜାୟ ରଖିବା ନିମନ୍ତେ ଦୃଢ଼ପ୍ରତିଜ୍ଞ ହେବା ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ମୂରହରୀ ଶ୍ରୀ ରମଣ କହିଛନ୍ତି। ଜଣେ ଆଇନଜୀବୀଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ପ୍ରତି ବିଶ୍ୱସ୍ତ ରହିବା ସହ ନିର୍ଭୀକ ତଥା ସ୍ୱାଧୀନ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ହେବା ଆବଶ୍ୟକ। କାରଣ ଜନସାଧାରଣଙ୍କର ନ୍ୟାୟପାଳିକା ପ୍ରତି ଅତୁଟ ବିଶ୍ୱାସ ରହିଛି ବୋଲି ସେ କହିଥିଲେ।

ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ବକ୍ତୃତାମାଳା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ଅବସରରେ ନ୍ୟାୟମୂର୍ତ୍ତୀ ରମଣ ଏହା କହିଥିଲେ।

ବର୍ତ୍ତମାନ ଆଇନ ବୃତିରେ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ)କୁ ବ୍ୟବହାର କରାଯାଉଥିବା ଦର୍ଶାଇ ନ୍ୟାୟମୂର୍ତ୍ତୀ ରମଣ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଏହାକୁ ଏକ ସାହାଯ୍ୟକାରୀ ଭାବେ ବ୍ୟବହାର କରିପାରିବେ। ମାତ୍ର ଏହା ଉପରେ ନିର୍ଭର କରିବା ବିପଜ୍ଜନକ ହୋଇପାରେ। ଆଇନଜୀବୀମାନେ ନିଜର ବୁଦ୍ଧିମତା ଉପରେ ଅଧିକ ନିର୍ଭର କରିବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ବରିଷ୍ଠ ପ୍ରଫେସର ମଧୁସୂଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରି ଅଭିଯୋଗରେ ଜଣେ ଗିରଫ



**ସତ୍ୟବାଦୀ, ୨୩।୩ (ସଂଚାର ବ୍ୟୁରୋ):** ସତ୍ୟବାଦୀ ଥାନା ଅନ୍ତର୍ଗତ ସାଣ୍ଡେରା ଗ୍ରାମ ପଂଚାୟତ ମଝିକେରା ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ଘରୁ ରବିବାର ରାତିରେ କେହି ନଥିବାର ସୁଯୋଗ ନେଇ ଘରୁ ଚୋରି ହୋଇଥିବା ତାଙ୍କ ପତ୍ନୀ ଗୀତାଞ୍ଜଳି ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କେହି ଅଜଣା ବ୍ୟକ୍ତି ତାଙ୍କ ଘରର ତାଲା ଭାଙ୍ଗି ଏକ ସୁନା ଚେନ, ଗୋଟିଏ ସୁନା ମୁଦି ଓ ନଗଦ ୮୦୦୦/- ଟଙ୍କା ଚୋରି ହୋଇଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ। ସେହି ଗ୍ରାମର ଚନ୍ଦନ ବରାଳ ଓରଫ ବାପି (୨୩) ତାଙ୍କ ଘର ପାଖରେ ବୁଲାବୁଲି କରୁଥିବା ଖବର ପାଇ ସେ ତାଙ୍କ ଉପରେ ସନ୍ଦେହ ଥିବା ଥାନାରେ ଜଣାଇଥିଲେ। ପୂର୍ବରୁ ଚନ୍ଦନ ତାଙ୍କ ପରିବାର ସମସ୍ତ ସଦସ୍ୟଙ୍କୁ ଜୀବନରେ ମାରିଦେବାପାଇଁ ଧମକ ମଧ୍ୟ ଦେଇଥିଲେ ବୋଲି ଗୀତାଞ୍ଜଳି ପୋଲିସକୁ ଜଣାଇଥିଲେ। ସତ୍ୟବାଦୀ ପୋଲିସ ତଦନ୍ତ ସମୟରେ ଅଭିଯୁକ୍ତକୁ ଗିରଫ କରି ତାଙ୍କ ପାଖରୁ ଏକ ସୁନା ଚେନ, ଏକ ଯୋଡ଼ା ସୁନା ମୁଦି ଓ ନଗଦ ୫୦୦୦/- ଟଙ୍କା ଜବତ କରିଛି। ଏନେଇ ସତ୍ୟବାଦୀ ଥାନା କେସ ନଂ ୧୪୨/୨୦୨୬, ଭାରତୀୟ ନ୍ୟାୟ ସଂହିତା ଧାରା ୩୩୧(୪)/୩୦୫(ଏ )/୩୫୧(୨)ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଚନ୍ଦନ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ରେକର୍ଡ ରହିଛି ବୋଲି ସତ୍ୟବାଦୀ ଥାନା ଭାରପ୍ରାପ୍ତ ଅଧିକାରୀ ସୋମ୍ୟ ରଞ୍ଜନ ମହାଳିକ ସୂଚନା ଦେଇଛନ୍ତି।

## ପାନ ଦୋକାନୀଙ୍କୁ ହାଣିଲେ ଦୁର୍ବୃତ୍ତ

**ନୀଳଗିରି, ୨୩।୩ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଷ୍ଟେସନସାହି-କାହାଳିଆ ରାସ୍ତାର ଏକ କେନାଲ ନିକଟରେ ଅଭାବନୀୟ ଘଟଣା ଘଟିଛି। ଜଣେ ପାନ ଦୋକାନୀଙ୍କୁ ଗୋଡାଇ ଗୋଡାଇ ହାଣିଛନ୍ତି ଦୁର୍ବୃତ୍ତ। ଆହତ ବ୍ୟକ୍ତି ଜଣକ କାହାଳିଆ ଅଞ୍ଚଳର ପ୍ରଦୀପ ପଣ୍ଡା(୪୯) ବୋଲି ଜଣାପଡିଛି। ପୂର୍ବରୁ ସେ ନୀଳଗିରି ଡାକ୍ତରଖାନା ସମ୍ମୁଖରେ ପାନ ଦୋକାନ କରିଥିଲେ। ୪/୫ଜଣ ଦୁର୍ବୃତ୍ତ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଦୋକାନୀ ଜଣକ ବିଳମ୍ବିତ ରାତିରେ ଘରକୁ ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇଥିଲେ ଏବଂ ପରେ ଭୁଜାଲି ଓ କଟୁରିରେ ପାନ ଦୋକାନୀଙ୍କ ଦେହରେ ଏକାଧିକ ଚୋଟ ପକାଇ ଫେରାର ହୋଇ ଯାଇଥିଲେ । ରକ୍ତ ଜୁଡୁବୁଡୁ ହୋଇ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଏହି ଦୋକାନୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବରପାଇ ସେଠାରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଟ୍ରାକ୍ଟର ଓଲଟି ୨୧ ଆହତ



**ନବରଙ୍ଗପୁର/ଉମରକୋଟ, ୨୩।୩ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କେରିପଦର ନିକଟରେ ବରଯାତ୍ରୀ ନେଇ ଯାଉଥିବା ଟ୍ରାକ୍ଟର ଭାରସ୍ୟାମ ହରାଇ ଓଲଟି ପଡିଲା ଫଳରେ ଟ୍ରାକ୍ଟର ଡାଲା ତଳେ ଚାପି ହୋଇ ୬ ନାବାଳକା ସହ ୨୧ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି। ଉମରକୋଟ ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଜବତ ସହ ଅଧିକ ତଦନ୍ତ କରୁଛନ୍ତି। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ପରସବେଢ଼ା ଗ୍ରାମରୁ ଟ୍ରାକ୍ଟର ଯୋଗେ ପ୍ରାୟ ୩୦ ଜଣ ବରଯାତ୍ରୀଙ୍କୁ ନେଇ ଉମରକୋଟ ବ୍ଲକ ତୋହରା ପଂଚାୟତର ପଣ୍ଡିରିପୋଖିନା ଗ୍ରାମକୁ ଆଜି ସନ୍ଧ୍ୟା ବେଳେ ଯାଉଥିବା ସମୟରେ କେରିପଦର ନିକଟରେ ଟ୍ରାକ୍ଟରର ହାଇଡ୍ରଲିକ ଲିଭର ଉପରେ କେହି ଚାପ ଦେବା ଯୋଗୁଁ ଚଳନ୍ତା ଗାଡ଼ିରେ ଡାଲା ଉପରକୁ ଉଠିଯିବା ଫଳରେ ଡାଲାରେ ବସିଥିବା ସମସ୍ତ ଯାତ୍ରୀ ଗୋଟିଏ ପଟକୁ ଢ଼ଳି ଯିବାରୁ ଟ୍ରାକ୍ଟର ଭାରସ୍ୟାମ ହରାଇ ଓଲଟି ପଡିଥିଲା। ଡାଲାରେ ବସିଥିବା ଯାତ୍ରୀମାନେ ଡାଲା ତଳେ ଚାପି ହୋଇଯାଇଥିଲେ। ଦୁର୍ଘଟଣାରେ ଜଣେ ଏକ ବର୍ଷର ଶିଶୁ, ୫ ଜଣ ନାବାଳକ ଓ ୧୫ ଜଣ ଆହତ ହୋଇଥିଲେ। ପରେ ସ୍ଥାନୀୟ ଲୋକ ଓ ଅନ୍ୟ ବରଯାତ୍ରୀମାନେ ଆହତଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରାଉଛନ୍ତି। ତିନି ଜଣଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଉମରକୋଟ ପୁଲିସ ଘଟଣା ସ୍ଥଳରେ ପହଂଚି ଟ୍ରାକ୍ଟର ଜବତ କରି ଅଧିକ ତଦନ୍ତ କରୁଛନ୍ତି।

## ପଦ୍ମଶ୍ରୀ ପୂର୍ଣ୍ଣମାସୀ ଯାନୀ ଅସୁସ୍ଥ, ମେଡିକାଲରେ ଭର୍ତ୍ତି



**ଫୁଲବାଣୀ, ୨୩।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡା ଚାରୁପଡାର ପ୍ରସିଦ୍ଧ ଲଗା ଗାୟିକା ପଦ୍ମଶ୍ରୀ ପୂର୍ଣ୍ଣମାସୀ ଯାନୀ ଅସୁସ୍ଥ। ତାଙ୍କର ଗୋଡ, ହାତ ଫୁଲିବା ସହ ରକ୍ତହିନତା ଜଣାପଡିଛି । ତାଙ୍କୁ ପ୍ରଥମେ ଖଜୁରୀପଡା ମେଡିକାଲ ଓ ପରେ ଆଜି ଦିନ ୧ଟାରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟର ମେଡ଼ିସିନ ୱାର୍ଡରେ ଭର୍ତି କରାଯାଇଛି । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଏବେ ସ୍ଥିର ଥିବା ଡାକ୍ତର କହିଛନ୍ତି । କନ୍ଧମାଳ ଜିଲ୍ଲା ସମେତ ସାରା ରାଜ୍ୟରେ ଜଣେ ପ୍ରସିଦ୍ଧ ତଥା ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ପାଇଥିବା ମହିଳାଙ୍କୁ ସାଧାରଣ ୱାର୍ଡରେ ରଖାଯାଇ ଚିକିତ୍ସା କରାଯିବାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି ।

## ମଣ୍ଡିରୁ ଉଠୁନି ଧାନ, ଜାତୀୟ ରାଜପଥ ଅବରୋଧ କଲେ ଚାଷୀ



**ଢେଙ୍କାନାଳ, ୨୩।୩ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ଧାନମଣ୍ଡିରୁ ଧାନ କିଣାକୁ ନେଇ ବିଭିନ୍ନ ଧାନ ମଣ୍ଡିରେ ଅବ୍ୟବସ୍ଥା ଦେଖା ଦେଇଥିଲା । ବିଭିନ୍ନ ସମୟରେ ଧାନ ନ ଉଠିବା ଯୋଗୁଁ ଚାଷିମାନେ ଆନ୍ଦୋଳନ କରିଛନ୍ତି ଏପରିକି ଚଳିତ ବର୍ଷ ଚାଷିମାନେ ଟୁକୁନ ପାଇଥିଲେ ମଧ୍ୟ ୩ହଜାର ୫ଶହ କୁଇଣ୍ଟାଲ ଧାନ ଉଠିନ ଥିବାର ପ୍ରତି ବାଦରେ ଆଜି ଝାରଗାଡିଆ ଛକରେ ଗଦାଶିଳା ମଣ୍ଡିର ୧୪୫ ଚାଷିମାନେ ଏକାଠି ହୋଇ ୫୫ ନମ୍ବର ଜାତୀୟ ରାଜପଥକୁ ସଂପୂର୍ଣ୍ଣ ବନ୍ଦ କରିଦେଇଥିଲେ । ଯାହାଦ୍ୱାରା ଢେଙ୍କାନାଳ ଅନୁଗୋଳ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟା ଗାଡି ଜମା ହୋଇ ରହିଥିବା ବେଳେ ଘଟଣା ସ୍ଥଳରେ ଜିଲ୍ଲା ସ୍ତରୀୟ ପୋଲିସ ଅଧିକାରୀମାନେ ପହଞ୍ଚି ଚାଷିମାନଙ୍କୁ ବୁଝାସୁଝା କରିବା ସହିତ ରାସ୍ତାରୁ ଧାନ ହଟାଇ ଦେଇଥିଲେ । ଏହାପରେ ରାସ୍ତା ରୋକ ହଟିଥିଲା

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

**ନୀଳଗିରି, ୨୩।୩ (ସଂଚାର ବ୍ୟୁରୋ):** ନୀଳଗିରି ଥାନା ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମର ଗଙ୍ଗାଧର ନାୟକଙ୍କ ପୁଅ ରତ୍ନାକର ନାୟକ (୪୦)ଙ୍କର ଆଜି ବାଙ୍ଗାଲୋରରେ ହୃଦଘାତ କାରଣରୁ ପରଲୋକ ହୋଇଯାଇଛି। ସେ ଗତ ୫ରୁ ୭ବର୍ଷ ଧରି ବାଙ୍ଗାଲୋରରେ ଏକ ଘରୋଇ ଗାରମେଣ୍ଟ କମ୍ପାନୀରେ କାର୍ଯ୍ୟ କରିଆସୁଥିଲେ। ସବୁଦିନ ଭଳି ଆଜି ପୂର୍ବାହ୍ନ ୯ଟାରେ କମ୍ପାନୀକୁ ଡିୟୁଟି କରିବାକୁ ଯାଉଥିବା ବେଳେ ବାଟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ନିକଟ ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ମେଡ଼ିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପ୍ରିୟ ପରିଜନଙ୍କୁ ହସ୍ତାନ୍ତର କରିଛି। ଆଜି ରାତ୍ରିରେ ଏୟାର ଫ୍ଲାଇଟରେ ପାର୍ଥିବ ଶରୀର ଗୁହାଳିଆ ଗ୍ରାମ ନିଜ ଘରକୁ ଅଣାଯାଉଥିବା ସୂଚନା ମିଳିଛି।

# ବାଲିଆପାଳ ବ୍ଲକରେ ମିଳିତ ଜନଶୁଣାଣି ଶିବିର



**ବାଲିଆପାଳ, ୨୩।୩ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୨୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ପ୍ରିତମ କୁମାର ସାହୁଙ୍କ ନାମରେ ଅଭିଯୋଗ ଆସିଥିଲା ଯେ ଡାକ୍ତରଖାନାରେ ରୋଗୀ ନ ଦେଖି ପ୍ରଇଭେଟ କ୍ଲିନିକ ଖୋଲି ରୋଗୀ ଦେଖୁଛନ୍ତି। ବହୁ ଦିନ ଧରି ସରକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଗୋଟିଏ ସ୍ଥାନରେ ଅଛନ୍ତି ସେହିମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ, ବିଦ୍ୟାଳୟରେ ପିଲାମାନଙ୍କୁ ଠିକ୍‌ଭାବେ ପାଠ ନ ପଢାଇ ସେମାନେ ସବୁ କୋଚିଂ ସେଣ୍ଟର, ଟିଉସନ ଖୋଲି ଶିକ୍ଷାକୁ ଏକ ବ୍ୟବସାୟରେ ପରିଗଣିତ କଲେଣି। କୃଷି ଉଦ୍ୟାନ ବିଭାଗ (ହଟିକଲଚର) ଦ୍ୱାରା ବାଲିଆପାଳ ବ୍ଲକରେ ଛତୁ ଚାଷ ନାମରେ ବ୍ୟାପକ ଦୁର୍ନୀତି ହୋଇଛି, ରାଜ୍ୟ ସରକାର ଛତୁ ଚାଷର ବ୍ୟାପକ ପ୍ରସାର ପାଇଁ ଛତୁ ମିଶନ ଗଠନ କରି ଏସ୍‌ଏଚ୍‌ଜି ଗ୍ରୁପ ଦ୍ୱାରା କାର୍ଯ୍ୟ କରିବା ପାଇଁ ନିଷ୍ପତି ନେଇଥିବା ବେଳେ ତାହା ପ୍ରକୃତରେ କାର୍ଯ୍ୟ କରୁନାହିଁ। ବଲିଆପାଳ ବ୍ଲକ ଏବଂ ତହସିଲରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଶ୍ରୀଘ୍ର ପୂରଣ କରାଯାଉ। ଦୀର୍ଘ ଦଶ ବର୍ଷରୁ ଅଧିକ ଦିନ ଧରି ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରି ସରକାରୀ ନିୟମକୁ ସମ୍ମାନ ଦିଆଯାଉ। ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରନ୍ତୁ। ଏହା ବ୍ୟତୀତ ବିଦ୍ୟୁତ ବିଭ୍ରଟ ପାଇଁ ସରକାରୀ କାର୍ଯ୍ୟ ହୋଇପାରୁ ନଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି, ସ୍ଥାନୀୟ ବିଦ୍ୟୁତ ବିଭାଗ ଉପରେ କୌଣସି ଅଧିକାରୀଙ୍କ ଅଙ୍କୁଶ ନାହିଁ ଓ ଶିଶୁ ବଟିକା ଉପରେ ଅଭିଯୋଗ ଆସିଥିଲା। ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ।

# ଆଜିଠୁ ଦଣ୍ଡଯାତ୍ରା, ନାଟକ ଅଭ୍ୟାସରେ ଦୁଲୁକୁଛି ଗାଁ ଆଖଡ଼ା



**ହିଞ୍ଜିଳିକାଟୁ, ୨୩।୩ (ସଂଚାର ବ୍ୟୁରୋ):** କାଲିଠାରୁ ଆରମ୍ଭ ହେବାକୁ ଯାଉଛି ଗଂଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡଯାତ୍ରା । ଏଥି ପାଇଁ ବିଭିନ୍ନ ଦଣ୍ଡପୁଞ୍ଜା ତଥା ଦଣ୍ଡଯାତ୍ରା ଦଳ ଓ ନାଟ୍ୟ କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଜିଲ୍ଲାରେ ୨୧ଦିନିଆ, ୧୮ଦିନିଆ ଓ ୧୩ ଦିନିଆ ଦଣ୍ଡଯାତ୍ରା ହେଉଥିବା ବେଳେ ରାଜ୍ୟ ବାହାରେ ରହୁଥିବା ଯୁବକମାନେ ବି ଏବେ ଗାଁ ମୁହାଁ ହୋଇଛନ୍ତି । ରାତି ସମୟରେ ପୌରାଣିକ ନାଟକ ଓ ସାମାଜିକ ନାଟକ ମଞ୍ଚସ୍ଥ ପାଇଁ ବିଭିନ୍ନ ଗ୍ରାମର ଆଖଡ଼ାରେ କଳକାରମାନେ ଅଭ୍ୟାସ ଜାରି ରଖିଛନ୍ତି। ଏହା ସହ କିଛି ସ୍ଥାନରେ ନାଟ୍ୟପୁସ୍ତକ ଅନୁକୂଳ ପୂଜାର୍ଚ୍ଚନା ହେଉଥିବା ଦେଖିବାକୁ ମିଳିଛି ।

ସେହିପରି ହିଞ୍ଜିଳିକାଟୁ ସହରରେ ଦୁଇ ପୁଞ୍ଜା ଦଣ୍ଡ ରହିଛି । ଦୁଇ ପୁଞ୍ଜା ଦଣ୍ଡ ରାତ୍ରି ସମୟରେ ସାମାଜିକ ନାଟକ ମଞ୍ଚସ୍ଥ ପରିବେଷଣ କରିଥାନ୍ତି । ଚଳିତ ମାସ ସଂକ୍ରାନ୍ତି ପର ଠାରୁ ନାଟକର ପ୍ରସ୍ତୁତି ଆରମ୍ଭ ହେବା ସହ ମନ୍ଦିର ପାଖରେ ରହିଥିବା ଆଖଡ଼ା ଘରେ କଳକାର ମାନେ ଅଭ୍ୟାସ ଜାରି ରଖିଛନ୍ତି । ନିଜ ନାଟକକୁ କିଭଳି ଅଧିକ ଆକର୍ଷଣୀୟ ଓ ଲୋକପ୍ରିୟ କରିବେ ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି । ଏଥି ପାଇଁ କିଛି ସ୍ଥାନରେ ପୋଷ୍ଟର ମାରିବା ସହ ବିଭିନ୍ନ ସୋସିଆଲ ମିଡିଆରେ ମଧ୍ୟ ନାଟକକୁ ନେଇ ପ୍ରଚାରପ୍ରସାର କରୁଥିବା ଦେଖିବାକୁ ମିଳିଛି। ହିଞ୍ଜିଳି ବଡ଼ ପୁଞ୍ଜା 'ଈଶ୍ୱର ଆଲ୍ଲା ତେରୋନାମ' ଓ ସାନ ପୁଞ୍ଜା 'ଗୁହାରୀ ଶୁଣ ଦୀନବନ୍ଧୁ' ସାମାଜିକ ନାଟକ ମଞ୍ଚସ୍ଥ ପରିବେଷଣ କରିବେ । ସେହିପରି ବ୍ଲକର ବିଭିନ୍ନ ଗ୍ରାମରେ ବି ୧୮ ଦିନିଆ ଓ ୧୩ ଦିନିଆ ଦଣ୍ଡ ରହିଥିବା ବେଳେ ଦଣ୍ଡପୁଞ୍ଜା ତଥା ଦଣ୍ଡଯାତ୍ରା ଦଳ ଓ ନାଟ୍ୟ କମିଟି ପକ୍ଷରୁ ପ୍ରସ୍ତୁତି ଜାରି ରହିଛି | ସେହିପରି ଗ୍ରୁପ ଡାନ୍ସ, ମ୍ୟୁଜିକ, ଲାଇଟ ଓ ଚିତ୍ରାଳୟ ଏସବୁ ମଧ୍ୟ ଜିଲ୍ଲା ବାହାରୁ ଆସୁଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



**କୋରେଇ, ୨୩।୩ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ ପରିସରରେ ବିଡ଼ିଓ ଶ୍ରୀ ଅବନୀକାନ୍ତ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ଶୁଣାଣିରେ ମୋଟ ୮୪ଗୋଟି ଅଭିଯୋଗ ଆସିଥିବା ବେଳେ ୭୧ଗୋଟି ସାମୁହିକ ଓ ୧୩ ଗୋଟି ନିଜସ୍ୱ ହୋଇଥିବା ବେଳେ ସେଥିମଧ୍ୟରୁ ୧୨ଗୋଟିର ତତ୍କାଳ ସମାଧାନ କରାଯାଇଥିଲ।

ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରି, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ପିଡି ଦେବୀପ୍ରସାଦ ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟକୁମାର ମିଶ୍ର, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା'ଙ୍କ ସମେତ ଅନେକ ବିଭାଗର ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ବୁଝିଥିଲେ।

ସରକାର ବଦଳିବା ପରେ ବିଜେଡି ସରପଞ୍ଚ ଥିବା ପଞ୍ଚାୟତ ଗୁଡିକରେ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ ରୂପେ ଏକ ପ୍ରକାର ଠପ ହୋଇଥିବା ନେଇ ତଳଗଡ଼ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁଙ୍କ ସମେତ ଅନେକ ସରପଞ୍ଚ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥିସହିତ ପଥରପଦା ପଂଚାୟତରେ ବିଭିନ୍ନ ଲଘୁଖଣିଜ ପଦାର୍ଥ ତଥା ମାଟି ଚୋରା ଚାଲାଣ ଓ ପଂଚାୟତରେ ଚୋରା ମଦ ବିକ୍ରି ହେଉଥିବା ସ୍ଥାନୀୟ ସରପଂଚ ଶ୍ରୀମତୀ ମଧୁସ୍ମିତା ବାରିକ ଅଭିଯୋଗ କରିଥିଲେ। ଜନସାଧାରଣ ମାନଙ୍କ ବିଭିନ୍ନ ଅଭିଯୋଗକୁ ଭିତି କରି ଜିଲ୍ଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ପ୍ରତିଯୋଗିତା



**ସୁନ୍ଦରଗଡ଼, ୨୩।୩ (ସଂଚାର ବ୍ୟୁରୋ):** ଅଟଳ ଛକ ଠାରେ ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ଆଗାମୀ ରାମନବମୀ ପାଇଁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ କରାଯାଇଛି। ଗତକାଲି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତାଙ୍କର କୃତିତ୍ୱ ପ୍ରଦର୍ଶନ କରି ସୁନ୍ଦର ଢ଼ଙ୍ଗ ପ୍ରତିଯୋଗିତାରେ ସମସ୍ତଙ୍କୁ ଆକର୍ଷିତ କରିଥିଲା ବେଳେ ଆଜି ମହାବୀର ସେବାଟ୍ରଷ୍ଟ ପକ୍ଷରୁ ଝୋଟି ପ୍ରତିଯୋଗିତା କରାଯାଇଛି, ଛାତ୍ରଛାତ୍ରୀ ମାନେ ରାସ୍ତା ଉପରେ ବିଭିନ୍ନ ସୁନ୍ଦର ଝୋଟି ପକାଇ ରାସ୍ତା ଉପରେ ଯାଉଥିବା ଯାତ୍ରୀଙ୍କୁ ଆକର୍ଷିତ କରିଛନ୍ତି, ସମସ୍ତ ସଫଳ ପ୍ରତିଯୋଗୀ ମାନଙ୍କୁ ରାମନବମୀ ଦିନ ପୁରସ୍କୃତ କରାଯିବ, ଆୟୋଜକ ରୋଶନ ସାହୁ, ସସ୍ମିତା ପୁରୋହିତ, ଶ୍ରୀମନ୍ତ ଦାସ, ରାକ୍ଷୀ ସାହୁ, ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହ ବଢ଼େଇଥିଲେ।

## ଅରବିନ୍ଦ ମିତ୍ରଙ୍କ ବିୟୋଗରେ ଶୋକ



**ଖୋର୍ଦ୍ଧା, ୨୩।୩ (ସଂଚାର ବ୍ୟୁରୋ):** ପୂର୍ବତନ ପୁଲିସ କମାଣ୍ଡାଣ୍ଟ, ପୁଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ, ଭାରତ ବର୍ଷରେ ସମର ଶୀକ୍ଷାର୍ଥୀ ବାହୀନର ପ୍ରଥମ ଅଫିସର ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଙ୍କ ବଡ ଭାଇ ଅରବିନ୍ଦ ନାଥ ମିତ୍ରଙ୍କ ୭୯ ବର୍ଷ ବୟସରେ କ୍ୟାପିଟାଲ ହସ୍ପିଟାଲ ରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ରାତ୍ର ୧୨ଟା ସମୟରେ ତାଙ୍କ ମରଶରୀରକୁ ଖୋରଧା ଜେଲ ରୋଡସ୍ଥିତ ତାଙ୍କ ଜନ୍ମସ୍ଥାନକୁ ଅଣାଯାଇଥିଲା। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଦେବପ୍ରସାଦ ମଜୁମଦାର, ବିମଳ ଷଢ଼ଙ୍ଗୀ, ଉମାଶଙ୍କର ପ୍ରସାଦ, ଲକ୍ଷ୍ମୀନାରାୟଣ ଭଞ୍ଜ, ସତ୍ୟବ୍ରତ ଦାସ, ପୌର ପରିଷଦର ଉପାଧ୍ୟକ୍ଷ ସୌର୍ଯ୍ୟରଂଜନ ମହାନ୍ତି ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ମିତ୍ର ଜଣେ ଦକ୍ଷ ପୋଲିସ ଅଫିସର ଥିଲେ ଏବଂ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ଏବଂ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଥିଲେ । ତାଙ୍କର ବିୟୋଗରେ ଖୋର୍ଦ୍ଧାରେ ଶୋକର ଛାୟା ଖେଳି ଯାଇଛି ।

# ଆବଶ୍ୟକତା ନଥାଇ ଚାଲିଛି ରାସ୍ତା ମରାମତି

**ଅର୍ଥ ଲୁଟ ମସୁଧା, ବଢୁଛି ଅସନ୍ତୋଷ**



**କାକଟପୁର/ଅସ୍ତରଙ୍ଗ, ୨୩।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଓସିଆଁ ନଦୀବନ୍ଧରୁ ଓସିଆଁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗରେ ର "୦" କାମ କରି ସରକାରୀ ଅର୍ଥ ଲୁଟିନେବାକୁ ଯୋଜନା ବଦ୍ଧ ଷଡ଼ଯନ୍ତ୍ର ହୋଇଛି। ପିଚୁ ରାସ୍ତା ସମ୍ପୂର୍ଣ୍ଣ ଭଲ ଥିବା ବେଳେ ଲୋକ ଦେଖାଣିଆ ପିଚୁ ଉପରେ ପିଚୁ ପକାଇ ପକେଟ ଗରମ କରିବାକୁ ହୋଇଛି ମସୁଧା।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଓସିଆଁ ନଦୀ ବନ୍ଧ ରାସ୍ତା ପାଖାପାଖି ୨ଶହ ମିଟର ପିଚୁ ଉପରେ ପିଚୁ ସହ ଓସିଆଁ ପ୍ରାଥମିକ ବିଦ୍ୟାଳୟ ନିକଟରେ କଂକ୍ରିଟ ରାସ୍ତାରେ ଫେବର ବ୍ଲକ ଇଟା ପକାଯାଇଛି। କିନ୍ତୁ ସରକାରୀ ଅର୍ଥ ଲୁଟ କରିବାକୁ ମସୁଧା ହୋଇଥିବା ବେଳେ ନିମ୍ନମାନର କାମ ସାରିଦେଉଛନ୍ତି ଠିକାଦାର। ରାସ୍ତାର ଦୁଇ ପାର୍ଶ୍ୱରୁ ଘାସ ସଫା, ଫାଟି ଯାଇଥିବା ପିଚୁ ତାଡିବା, ମେଟାଲ ପକାଇ ପୂରଣ କରିବା, ଖାଲ ସ୍ଥାନରେ ପ୍ରାଇମର କୋଟ, ଟ୍ୟାକ କୋଟ ପିଚୁ ଏବଂ ରାସ୍ତା ସାଇଡରେ ମାଟି ଫିଲିଂ ପାଇଁ ଏଷ୍ଟିମେଟରେ ବ୍ୟୟ ବରାଦ କରାଯାଇଛି। ରାସ୍ତାକୁ ସୁଦୃଢ କରିବା ଓ ଉନ୍ନତ ମାନର କାମ ନିମନ୍ତେ ଏଷ୍ଟିମେଟରେ ଏସଟିବିସି ଫ୍ଲେବର ଫିନିସର ବା ମେସିନ ମାଧ୍ୟମରେ ପିଚୁ ପାଇଁ ଅର୍ଥ ପ୍ରଦାନ କରାଯାଇଛି। ପିଚୁ ପ୍ଲାଣ୍ଟରୁ ପିଚୁ ସହ ବଜୁରୀ ଭଜା ହୋଇ ଆସିବ। ଏହା ପରେ ପ୍ଲାଣ୍ଟରୁ ଆସିଥିବା ପିଚୁକୁ ଫ୍ଲେବର ଫିନିସର ମେସିନ ମାଧ୍ୟମରେ କାମ କରାଯିବା କଥା। କିନ୍ତୁ ଏଷ୍ଟିମେଟ ଅନୁଯାୟୀ କାମ ହୋଇ ନଥିବା ବେଳେ ଭଲ ପିଚୁ ରାସ୍ତା ଉପରେ ପିଚୁ ଯେଉଁ ଭଳି କାମ ହୋଇଛି ଉଚ୍ଚସ୍ତରୀୟ ଅଧିକାରୀ ତଦନ୍ତ କଲେ ଦୁର୍ନୀତି ଜଳ ଜଳ ହୋଇ ସାମ୍ନାକୁ ଆସିବ।

ଏହା ସହ କଂକ୍ରିଟ ରାସ୍ତାରେ ଫେବର ବ୍ଲକ ଇଟା ପଡୁଥିବା କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ବେଳେ ବାଲି ଉପରେ ଭାଇବ୍ରେଟ ନ ଚଳାଇ ଇଟା ପାରି ଟଙ୍କା ହରିଲୁଟ ପାଇଁ ମସୁଧା। ଏ ସମ୍ପର୍କରେ କାକଟପୁର ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ। ଏହି ନଦୀ ବନ୍ଧରେ ହୋଇଥିବା କାର୍ଯ୍ୟକୁ ଉଚ୍ଚସ୍ତରୀୟ ଅଧିକାରୀ କିମ୍ବା ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିବାକୁ ଏକ୍ସ ମାଧ୍ୟମରେ ସମାଜସେବୀ ଅଭିଯୋଗ କରିଛନ୍ତି।

# ସହରାଞ୍ଚଳରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତ କର୍ମଶାଳା



ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ସେବା ପକ୍ଷରୁ ଆଭାସୀରେ ମିଳିତ ଭାବେ ଏକ ଉଚ୍ଚସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ସହରାଞ୍ଚଳରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବା ଏହି ଅଧିବେଶନର

## ୨୮ରେ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ ମକ୍‌ଡ୍ରିଲ୍

ମୁଖ୍ୟ ଉଦ୍ଦେଶ୍ୟ। କର୍ମଶାଳାରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ସୂଚନା ଦେବା ସହ ନିରାପତ୍ତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଓ ସାଂଗଠନିକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ସମଗ୍ର ରାଜ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ହେଉଛି ପ୍ରଥମ ବିଭାଗ ଯିଏ ଏଭଳି ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଅନ୍ତଃ-ବିଭାଗୀୟ ସମନ୍ୱୟର ଏକ ନୂତନ ଉଦାହରଣ ସୃଷ୍ଟି କରିଛି। ଏଥିସହ ଆସନ୍ତା ଶନିବାର ରାଜ୍ୟବ୍ୟାପୀ ଏକ ଅଗ୍ନି ନିରାପତ୍ତା ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ ବୋଲି ଡ. ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ ଅଗ୍ନି ନିରାପତ୍ତାକୁ କେବଳ ନିୟମ ପାଳନ ଭାବେ ନ ଦେଖି ସହର ଶାସନ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସମସ୍ତ ପୌରାଞ୍ଚଳ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ସାମିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ମହାନଗର ନିଗମ କମିଶନର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏଥିସହ ଅଗ୍ନିଶମ ଅଧିକାରୀ ଓ ଉପଅଗ୍ନିଶମ ଅଧିକାରୀମାନେ ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ସହରଗୁଡ଼ିକୁ ଅଗ୍ନି-ନିରାପଦ କରିବା ସକାଶେ ବିଭାଗ ପକ୍ଷରୁ କେତେକ ପ୍ରମୁଖ ପଦକ୍ଷେପ ନିଆଯାଇଛି। ଏଥିରେ ଅଧିକାରୀ ଓ ନାଗରିକମାନଙ୍କୁ, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ବାଧ୍ୟତାମୂଳକ ନିୟମିତ ଅଗ୍ନି ସୁରକ୍ଷା ଯାଞ୍ଚ, ତୃଣମୂଳ ସ୍ତରରେ ଅଗ୍ନି ପ୍ରତିରୋଧ ଉପରେ ସଚେତନତା ଅଭିଯାନ ଆଦି ସାମିଲ୍।

### ଲକ୍ଷାଧିକ ଟଙ୍କା ଚୋରି ମାମଲା

# ୩ ନାବାଳକଙ୍କ ସମ୍ପୃକ୍ତି

ଦିଗପହଣ୍ଡି,୨୩।୩(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଚିକିଟିପେଣ୍ଠ ଗ୍ରାମ ପଦ୍ମନଗର ଷଷ୍ଠ ଲେନ ବାସିନ୍ଦା ମଗୁଲୁ ପ୍ରଧାନଙ୍କ ଘରୁ ଚୋରି ଘଟଣାରେ ପୁଲିସକୁ ସଫଳତା ମିଳିଛି। ଗତ ଶୁକ୍ରବାର ମଗୁଲୁ ଘରେ ତାଲା ପକାଇ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ସମୟରେ ଘର ଆଲମିରାରୁ ୧ ଲକ୍ଷ ୩୮ ହଜାର ଟଙ୍କା ଚୋରି ହୋଇଥିଲା। ମଗୁଲୁ ପରିବାର ସହ ଗାଁରୁ ଫେରିବା ପରେ ଟଙ୍କା ଚୋରି ନେଇ କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଛି। ତେବେ ଗତକାଲି ମଗୁଲୁଙ୍କ ଘରର ପ୍ରଥମ ମହଲାରେ ଭଡ଼ାରେ ରହୁଥିବା ଜଣେ ମାଟ୍ରିକ୍ ଛାତ୍ର ମଗୁଲୁଙ୍କୁ ୩ ହଜାର ଟଙ୍କା ଫେରାଇଥିଲେ। ସେ ଏନେଇ ପୁଲିସକୁ ସୂଚନା ଦେବା ପରେ ତଦନ୍ତକାରୀ ଅଧିକାରୀ ପହଞ୍ଚି ଉକ୍ତ ନାବାଳକଙ୍କ ବୟାନ ରେକର୍ଡ କରିବା ପରେ ସେ ଅନ୍ୟ ଦୁଇ ନାବାଳକ ସାଙ୍ଗଙ୍କ ସହ ମିଶି ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲେ। ତଦନ୍ତକାରୀ ଅଧିକାରୀ ଘଟଣାର ତଦନ୍ତ କରି ସମ୍ପୃକ୍ତ ଅନ୍ୟ ଦୁଇ ନାବାଳକଙ୍କୁ ପଚରାଉଚରା କରିଥିଲେ। ସେମାନଙ୍କ ସୂଚନା ଆଧାରରେ କରବାଲୁଆ ଗ୍ରାମର ପପୁ ସେଠୀଙ୍କଠାରୁ ପୁଲିସ୍ ସାଢ଼େ ୯୨ ହଜାର ଟଙ୍କା ଜବତ କରି ସାକ୍ଷ୍ୟମାନଙ୍କ ଉପସ୍ଥିତିରେ ମଗୁଲୁଙ୍କୁ ପ୍ରଦାନ କରିଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ତିନି ନାବାଳକଙ୍କୁ ନୋଟିସ ଦିଆଯାଇ ସେମାନଙ୍କ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଛି।



ସର୍ବାଧିକ ୩ କୋଟି ଟଙ୍କା ହୋଲ୍ଡିଂ ଟିକସ ଦେଇଥିବାରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ମନୋଜ ନାୟକଙ୍କୁ ବିଏମସି ପକ୍ଷରୁ ସମ୍ମାନିତ କରାଯାଉଛି।

# ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ



କୋରାପୁଟ,୨୩।୩(ସଂଚାର ବ୍ୟୁରୋ): କୋରାପୁଟ ସହରର ଉପକଣ୍ଠରେ ଆଜି ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ରେଳ ଧକ୍କାରେ ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି। ମୃତ ମହିଳାଙ୍କ ନାମ ବତୀ କୁଲଦୀପ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, କୋରାପୁଟ ନୂଆ କଲୋନୀ ନିକଟସ୍ଥ କୋରାପୁଟ-ରାୟଗଡ଼ା ରେଳ ଲାଇନରେ ଏହି ଦୁର୍ଘଟଣା ଘଟିଛି। ବତୀ କୁଲଦୀପ ଜଣେ ସମ୍ପର୍କୀୟଙ୍କ ଘରୁ ରେଳ ଲାଇନ ପାର୍ ହୋଇ ନିଜ ଗ୍ରାମ ରେଙ୍ଗିଆଗୁଡ଼ାକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କୁ କୋରାପୁଟରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନ୍ ଧକ୍କା ଦେଇଥିଲା। ଫଳତଃ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଖବର ପାଇ କୋରାପୁଟ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି। ତେବେ ଏପରି ଏକ ଅଘଟଣରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଧର୍ମଶାଳାରେ ଜଙ୍ଗଲରାଜ

# ସାମ୍ବାଦିକଙ୍କୁ ଉଠାଇନେଲା ପୁଲିସ୍

ଯାଜପୁର,୨୩।୩ (ସଂଚାର ବ୍ୟୁରୋ): ଧର୍ମଶାଳାର ଜଙ୍ଗଲ ରାଜରେ ଦିନକୁ ଦିନ ପୁଲିସ ଭୂମିକା ରାଜ୍ୟ ସରକାରଙ୍କ ଛବିକୁ ମଳିନ କରୁଛି। ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତୀଶ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ ଓ ଗାଡି ଭଙ୍ଗାରୁଜା ଘଟଣା ପରେ ପାହାଡ଼ ଲୁଟେରାଙ୍କୁ ସୁରକ୍ଷା ଦେବାକୁ ପୁଲିସର ଉଦ୍ୟମ ପ୍ରତିବାଦରେ ଯାଜପୁର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ହୋଇଥିଲା। ଏହି ଅନଶନରେ ପୁଲିସ ଦେଇଥିବା ପ୍ରତିଶ୍ରୁତି ଅନୁସାରେ କାର୍ଯ୍ୟ ନକରି ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକ କାର୍ତ୍ତିକ ସ୍ୱାଇଁଙ୍କୁ ଉଠାଇନେଇଛି। କାର୍ତ୍ତିକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ପୁଲିସ ତରବରିଆ ଭାବେ ଯାଜପୁର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ଘଟଣା ଏବେ ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାନୁସାରେ, ଗତକାଲି ଶ୍ରୀ ସ୍ୱାଇଁ ତାଙ୍କ ଘର ନିକଟରେ ଥିବା ବେଳେ ସାଦା ପୋଷାକରେ ଥିବା ପୁଲିସ କର୍ମଚାରୀମାନେ ତାଙ୍କୁ କାବୁ କରି ଜେନାପୁର ଥାନାକୁ ନେଇଥିଲେ। ଏନେଇ ତାଙ୍କ ପତ୍ନୀ ଜ୍ୟୋତ୍ସ୍ନାମୟୀ ଜେନାପୁର ଥାନାରେ ପହଞ୍ଚିବା ବେଳକୁ ସେଠାରୁ କାର୍ତ୍ତିକଙ୍କୁ ପାଣିକୋଇଲି ଏସପି କାର୍ଯ୍ୟାଳୟକୁ ନିଆଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଥିଲା। କିନ୍ତୁ କର୍ତ୍ତବ୍ୟରତ ସାମ୍ବାଦିକ



ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି

କାର୍ତ୍ତିକଙ୍କୁ ସାରା ରାତି କୁଆଖିଆ ଥାନାରେ ରଖି ପୁଲିସ୍ ମାନସିକ ନିର୍ଯାତନା ଦେଇଥିଲା। ଏଥିରେ କାର୍ତ୍ତିକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟଜନକ ହୋଇପଡ଼ିବାରୁ ତାଙ୍କୁ ଯାଜପୁର ଟାଉନସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କୌଣସି ସୂତ୍ରରୁ ଖବର ପାଇ ଜ୍ୟୋତ୍ସ୍ନାମୟୀ ଯାଜପୁର ମେଡିକାଲରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ କହିଥିଲେ ଯେ ଧର୍ମଶାଳାରେ ଚାଲିଥିବା ଜଙ୍ଗଲରାଜ ବିରୋଧରେ ତାଙ୍କ ସ୍ୱାମୀ ଖବର ପରିବେଷଣ କରିବା ସହ ସାମାଜିକ ଗଣମାଧ୍ୟମରେ ମଧ୍ୟ ସ୍ୱର ଉଠାଇଥିଲେ। ଏଥିପାଇଁ ତାଙ୍କୁ ପୂର୍ବରୁ ଦୁଇ ଥର ପୁଲିସ ଥାନାକୁ ଆଣିଥିଲା। ଅବଶ୍ୟ ପରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପରେ ଛାଡ଼ିଦେଇଥିଲେ। ତେବେ ପୁଲିସ୍ ଏସବୁ କେବଳ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଚାପରେ ପଡ଼ି କରୁଛି ବୋଲି ଜ୍ୟୋତ୍ସ୍ନାମୟୀ ଅଭିଯୋଗ କରିଛନ୍ତି। ସେହିପରି କାର୍ତ୍ତିକ ନିଜେ କହିଛନ୍ତି ଯେ ଜଙ୍ଗଲକିସମ କୁସୁନପୁର ପାହାଡ଼ରୁ କଳାପଥର ଲୁଟ ବନ୍ଦ କରିବା ପାଇଁ ସ୍ଥାନୀୟ ଚାଷୀମାନଙ୍କ ନିବେଦନ କ୍ରମେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିର୍ଦ୍ଦେଶ ଓ ଏଥିନେଇ ହୋଇଥିବା ୧୪୪କୁ ପୁଲିସ ଚାପିଦେଇଛି। ଏହାପରେ ଚାଷୀମାନେ ନିରାଶ ହୋଇ ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କୁ ଘଟଣାସ୍ଥଳକୁ କ୍ଷେତ୍ର ପରିଦର୍ଶନ ପାଇଁ ଡାକିଥିଲେ। ସେଠାରେ ସତୀଶ ଚାଷୀମାନଙ୍କୁ ବୁଝାଉଥିବା ସମୟରେ ଅଚାନକ ତାଙ୍କ ଉପରେ କେତେକ ଗୁଣ୍ଡା ଆକ୍ରମଣ କରିଥିଲେ। ସେମାନେ ସେଠାରେ ଉପସ୍ଥିତ ଥିବା ମହିଳାମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ୍ ଆକ୍ରମଣକାରୀଙ୍କୁ ଗିରଫ କରିବା ପରିବର୍ତ୍ତେ ସତୀଶ ଓ ଆକ୍ରମଣର ଶିକାର ହୋଇଥିବା ଲୋକଙ୍କ ଘରେ ଚଢ଼ାଉ କରିବା ସହ କାର୍ତ୍ତିକଙ୍କୁ ଉଠାଇନେଇଥିଲା।। ଏହାଦ୍ୱାରା ପୁଲିସ୍ ପାହାଡ଼ ଲୁଟେରାମାନଙ୍କ ଢାଲ ସାଜିଥିବା ପ୍ରମାଣିତ ହୋଇଛି ବୋଲି କାର୍ତ୍ତିକ ଅଭିଯୋଗ କରିଛନ୍ତି। ତେବେ ପୁଲିସ୍‌ର ଏପରି ଅମାନବୀୟ ଆଚରଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି।

# କଳାବାଘ ଛାଲ ଜବତ, ୯ ଗିରଫ



ବାରିପଦା,୨୩।୩(ସଂଚାର ବ୍ୟୁରୋ): ଶିମିଳିପାଳକୁ ବିପଦ। ସାରା ବିଶ୍ୱରେ ଚର୍ଚ୍ଚାରେ ଥିବା ଶିମିଳିପାଳର କଳା ବାଘ ଉପରେ ଏବେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ବନ ବିଭାଗ ପକ୍ଷରୁ ଗୋଟିଏ ରୟାଲ ବେଙ୍ଗଲ ଟାଇଗରର ଛାଲ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ୯ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ସମେତ ବିଭିନ୍ନ ଅଞ୍ଚଳର ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତ ବାଘର ବୟସ ପାଖାପାଖି ତିନି ବର୍ଷ ହେବ ବୋଲି ଅନୁମାନ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ଆରସିସିଏଫ ପ୍ରକାଶ ଗୁଗୁନେଇଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗର ଏକ ଟିମ କୁଳିଅଣା ଅଞ୍ଚଳରେ ଗତକାଲି ଚଢ଼ାଉ କରି ଏକ କଳା ବାଘଛାଲ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଅଧିକ ପଚରାଉଚରା କରିବା ପରେ ଆଜି ଅନ୍ୟ ୭ ଜଣଙ୍କୁ ଗିରଫ କରାଯାଇଛି। ତେବେ ଏହି ର୍ୟାକେଟରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି, ତା' ଅଧିକ ତଦନ୍ତ ପରେ ଜଣାପଡ଼ିବ ବୋଲି ଆରସିସିଏଫ ଶ୍ରୀ ଗୁଗୁନେଇ କହିଛନ୍ତି।

# ଭିଏସ୍‌ଏସ୍ ନଗର ହାଟ ହେବ ପ୍ଲାଷ୍ଟିକମୁକ୍ତ




ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଆଉ ଏକ ଅଭିଯାନ। ରସୁଲଗଡ଼ ନିକଟସ୍ଥ ମା' କୋଚିଲେଇ ହାଟକୁ ସମ୍ପୂର୍ଣ୍ଣ ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ମାର୍କେଟ ଭାବେ ଘୋଷଣା କରାଯିବା ପରେ ଏବେ ଭିଏସଏସ ନଗର ଓ ଡମଣା ହାଟକୁ ମଧ୍ୟ ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ମାର୍କେଟ ଭାବେ ଘୋଷଣା କରିବା ସକାଶେ ଆରମ୍ଭ ହୋଇଛି ଉଦ୍ୟମ। ଏନେଇ ଆଜି ଭିଏସଏସ ନଗର ହାଟ କମିଟିର ସଭାପତି ଲକ୍ଷ୍ମଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

## ବିଏମ୍‌ସିର ଆଇଇସି କାର୍ଯ୍ୟକ୍ରମ ଆରମ୍ଭ

ଏକ ବୈଠକରେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ବିଏମସି ସହକାରୀ କମିଶନର ଲୋକନାଥ ବେଜ ଯୋଗଦେଇଥିଲେ।

ହାଟ କମିଟି ସଭାକକ୍ଷରେ ଅନୁଷ୍ଠିତ ବୈଠକରେ ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ମାର୍କେଟ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟାଗର ବିକଳ୍ପ ଭାବେ କାହାକୁ ଗ୍ରହଣ କରାଯିବ ଓ ଏହାର ଦାମ କେତେ ରହିବ, ଛୋଟ ଛୋଟ ବ୍ୟବସାୟୀମାନେ ବିଘଟନଯୋଗ୍ୟ ପ୍ଲାଷ୍ଟିକ ବ୍ୟାଗ କ୍ରୟ କରିବାକୁ କେତେଦୂର ସମର୍ଥ ହେବେ, କେଉଁଟା ବିଘଟନଯୋଗ୍ୟ ଏବଂ କେଉଁଟା ବିଘଟନଯୋଗ୍ୟ ପ୍ଲାଷ୍ଟିକ ନୁହେଁ, ତା' କିପରି ଜାଣିବେ ଆଦିକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଥିଲା।

ଏକକ ବ୍ୟବହାର ପ୍ଲାଷ୍ଟିକ ବଦଳରେ ବିଘଟନଯୋଗ୍ୟ ପ୍ଲାଷ୍ଟିକ ବ୍ୟାଗ ବଜାରରେ ବହୁଳ ପରିମାଣରେ ଉପଲବ୍ଧ ହେଉଛି। ହାଟରେ ଯେଉଁମାନେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବିକ୍ରି କରୁଛନ୍ତି, ସେମାନଙ୍କୁ ସୁଲଭ ମୂଲ୍ୟରେ ତଥା ଏକକ ବ୍ୟବହାର ପ୍ଲାଷ୍ଟିକ ସହ ପ୍ରାୟ ସମାନ ଦରରେ ପ୍ରଚୁର ପରିମାଣରେ ବିଘଟନଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ ଯୋଗାଇ ଦିଆଯିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି। ଦେଶରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟାନ୍ ହେବା ପରେ ବିଘଟନଯୋଗ୍ୟ ପ୍ଲାଷ୍ଟିକ ବ୍ୟାପକ ପରିମାଣରେ ମିଳୁଛି ବୋଲି କୁହାଯାଇଛି । ତେବେ ହାଟକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ୧୫ ଦିନ ସମୟ ଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ବିଏସ୍‌ଏବିଟିରେ ଭିସା ଆବେଦନ କେନ୍ଦ୍ର ପାଇଁ ତ୍ରିପାକ୍ଷିକ ଚୁକ୍ତି



ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): ଓଡ଼ିଶାରେ ଭିସା ସେବାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଆଜି ବିଡିଏ ମୁଖ୍ୟାଳୟରେ ଗୃହ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭିଏଫଏସ୍ ଗ୍ଲୋବାଲ୍ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସ୍‌ଏବିଟି)ଠାରେ ଏକ ଭିସା ଆବେଦନ କେନ୍ଦ୍ର (ଭିଏସି) ସ୍ଥାପନ କରାଯିବ। ପ୍ରସ୍ତାବିତ କେନ୍ଦ୍ରଟି ବରମୁଣ୍ଡାସ୍ଥିତ ବିଏସ୍‌ଏବିଟିରେ ସ୍ଥାପନ ନେଇ ଗୃହ ବିଭାଗର ଅତିରିକ୍ତ ସଚିବ ସୌମେନ୍ଦ୍ର ପାତ୍ର, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ଭିଏଫଏସ୍ ଗ୍ଲୋବାଲ୍ ଗ୍ରୁପ୍‌ର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ (ଆଡମିନିଷ୍ଟ୍ରେସନ୍, ଦକ୍ଷିଣ ଏସିଆ) ଭିନି ଜନଙ୍କ ମଧ୍ୟରେ ଉକ୍ତ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ବିଏସ୍‌ଏବିଟିରେ କେନ୍ଦ୍ରଟି ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରାୟ ୩ ହଜାର ବର୍ଗଫୁଟ୍ ଯାଗା ପ୍ରଦାନ କରିବେ। ବର୍ତ୍ତମାନ ଓଡ଼ିଶାବାସୀଙ୍କୁ ଭିସା ସେବା ପାଇଁ କୋଲକତା, ଦିଲ୍ଲୀ କିମ୍ବା ହାଇଦ୍ରାବାଦ ଭଳି ସହରକୁ ଯିବାକୁ ପଡୁଛି। ନୂଆ ସୁବିଧା ଯୋଗୁଁ ଏଭଳି ଯାତ୍ରାର ଆବଶ୍ୟକତା ଦୂର ହେବ ଓ ସ୍ଥାନୀୟ ଭାବେ ପ୍ରକ୍ରିୟାଟି ଅଧିକ ସୁଗମ ହେବ। ଏହି ଉଦ୍ୟମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଗତ ବର୍ଷ ଡିସେମ୍ବରରେ ରାଜ୍ୟରେ ଭିସା ଆବେଦନ କେନ୍ଦ୍ର ସ୍ଥାପନ ପାଇଁ ଦିଆଯାଇଥିବା ଅନୁମୋଦନ ପରେ ଆଗକୁ ବଢ଼ିଛି। ଏହି କେନ୍ଦ୍ରଟି ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଏଥିସହ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବିଡିଏ ସଚିବ ଶ୍ରୀ ପାଢ଼ୀ ଓ ଓସିଏସିର ପ୍ରଶାସନିକ ଅଧିକାରୀ ମିଳି ସାମନ୍ତରାୟଙ୍କ ଉପସ୍ଥିତିରେ ବିଡିଏ ଓ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍) ମଧ୍ୟରେ ଅନ୍ୟ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ବ୍ୟବସ୍ଥା ଅନୁଯାୟୀ ବିଡ଼ିଏ ଟର୍ମିନାଲର ଦୁଇଟି ମହଲାର ପ୍ରାୟ ୭୭ ହଜାର ବର୍ଗଫୁଟ୍ ଖାଲି ସ୍ଥାନ ଓକାକ୍‌କୁ ଲିଜ୍‌ରେ ଦିଆଯିବ। ଓକାକ୍ ଉକ୍ତ ସ୍ଥାନକୁ ଆଇଟି କମ୍ପାନିଗୁଡ଼ିକୁ ବଣ୍ଟନ କରିବ। ପରିବହନ, ସେବା ଓ ପ୍ରଯୁକ୍ତିକୁ ଏକାଠି କରି ଏକ ହବ୍‌ରେ ସଂଯୋଜନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ ବିଏସ୍‌ଏବିଟି ଏକ ମିଶ୍ରିତ ପରିବହନ ଓ ବ୍ୟବସାୟ ହବ୍ ଭାବେ ବିକଶିତ ହେବ। ଏଠାରେ ଆଇଟି ଓ ଆଇଟିଇଏସ୍ କମ୍ପାନିଗୁଡ଼ିକ ସହ ଭିସା ଆବେଦନ କେନ୍ଦ୍ର ରହିବ। ଟର୍ମିନାଲରେ ଯାତ୍ରୀଙ୍କ ଆଗମନ ବୃଦ୍ଧି ପାଇଲେ ବିକ୍ରେତା ଓ ଅନ୍ୟ ସମ୍ପୃକ୍ତ ପକ୍ଷମାନଙ୍କୁ ଲାଭ ମିଳିବ ବୋଲି ଶ୍ରୀ ରାଣା କହିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ସ୍ପେଶାଲ ଅଫିସର (ବିଏସ୍‌ଏବିଟି) ଦେବାଶିଷ ରାଉତ, ମ୍ୟାନେଜର ଇତିକାନ୍ତ ମହାପାତ୍ର, ପିଏମୟୁ ଟିମ ଲିଡର ଅଜୟ ଝା ଉପସ୍ଥିତ ଥିଲେ।

ବିଶ୍ୱ ଯକ୍ଷ୍ମା ଦିବସ
୨୪ ମାର୍ଚ୍ଚ ୨୦୨୬
ସଭିଙ୍କର ରଖେ ଧ୍ୟାନ, ଟିବି ମୁକ୍ତ ଭାରତ ଅଭିଯାନ
ଯକ୍ଷ୍ମା ରୋଗର ବିଭିନ୍ନ ଲକ୍ଷଣ
- କଫ ସହିତ କାଶ
- କଫରେ ରକ୍ତ ପଡ଼ିବା
- ଛାତିରେ ଦରଜ ହେବା
- ଜ୍ୱର ହେବା
- ରାତିରେ ଝାଳ ବୋହିବା
- ଶରୀରର ଓଜନ ହ୍ରାସ ହେବା
- ଭୋକ ନଲାଗିବା
- ଥକା ଲାଗିବା
- ନିଶ୍ୱାସ ନେବାରେ କଷ୍ଟ ହେବା
- ଗଳାରେ ଗ୍ରନ୍ଥି ବା ଅନ୍ୟ ଅଙ୍ଗରେ ଫୁଲିବା



ଆପଣଙ୍କୁ ଲକ୍ଷଣବିହୀନ ଯକ୍ଷ୍ମା ହୋଇପାରେ ଯଦି;
- ୫ ବର୍ଷ ମଧ୍ୟରେ ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ
- ଧୂମପାନ ଓ ମଦ୍ୟପାନ କରୁଥିବେ (ଏବେ କିମ୍ବା ପୂର୍ବରୁ)
- ବିଗତ ୩ ବର୍ଷରେ ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ
- ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ହୋଇଥିବ
- ମଧୁମେହରେ ପୀଡ଼ିତ ବ୍ୟକ୍ତି ହୋଇଥିବେ
- ଅପପୁଷ୍ଟିର ଶିକାର ବ୍ୟକ୍ତି ହୋଇଥିବେ

ତୁରନ୍ତ ଯକ୍ଷ୍ମା ପରୀକ୍ଷା କରାଇ ନିଅନ୍ତୁ, ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ ।
'ନିକ୍ଷୟ' ସମ୍ପର୍କ ନିଃଶୁଳ୍କ ହେଲ୍ପଲାଇନ ୧୮୦୦-୧୧-୬୬୬୬
"ଆମେ ଯକ୍ଷ୍ମାକୁ ଶେଷ କରିପାରିବା; ଭାରତର ନେତୃତ୍ୱରେ, ଜନ ସହଯୋଗ ବଳରେ"
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
DSPL/320920-10001/139/2526

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୧,୫୦୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ ଟିକେଟ୍ ମୂଲ୍ୟ



ନୂଆଦିଲ୍ଲୀ ୨୩।୩: ଭାରତରେ ୨୩ ମାର୍ଚ୍ଚ ସୋମବାରଠାରୁ ବିମାନ ଯାତ୍ରା ମହଙ୍ଗା ହେବ। କାରଣ ସରକାର ଆଉ ବିମାନ ଭଡ଼ା ସ୍ଥିର କରିବେନି। ଏଣୁ ଏୟାରଲାଇନ୍ସଙ୍କୁ ବଜାର ପରିସ୍ଥିତି ଓ ବଢୁଥିବା ବ୍ୟୟ ଅନୁସାରେ ଟିକେଟ୍ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ସ୍ୱାଧୀନତା ମିଳିଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଙ୍କ ଏହି ପଦକ୍ଷେପ ଯୋଗୁ ନିଷ୍ପତ୍ତି ଏବେ ଏୟାରଲାଇନ୍ସଙ୍କ ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି। ଏଣୁ ପରିଚାଳନା ସମ୍ପର୍କିତ ବାଧା ସମୟରେ ଭଡ଼ା ସ୍ଥିର କରିବାକୁ ଅସ୍ଥାୟୀ ମୂଲ୍ୟ ସୀମା ସମାପ୍ତ ହୋଇଯାଇଛି। ଏହି ସୀମା ହଟିବା ପରେ ଏବେ ଅନୁମାନ କରାଯାଉଛି ଏୟାରଲାଇନ୍ସ ମାନେ ଏବେ ଧିରେ ଧିରେ ଟିକେଟ ମୂଲ୍ୟ ବଢାଇବେ। ଏହି ମୂଲ୍ୟ ବୃଦ୍ଧି ଖାସ କରି ଅଧିକ ଚାହିଦା ଥିବା ମାର୍ଗରେ ହେବ।

ଉଦ୍ୟୋଗ ଜଗତ ଅନୁମାନ ଅନୁସାରେ ଯାତ୍ରୀ ଏବେ ପ୍ରତି ଟିକେ ମୂଲ୍ୟରେ ୨୦୦ରୁ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି ଦେଖିବେ, ଯାହା ଏୟାରଲାଇନ, ରୁଟ ଓ ବୁକିଂ ୱିଣ୍ଡୋ ଉପରେ ନିର୍ଭର କରିବ। ଏଥିରେ ଇଣ୍ଡିଗୋ ଏୟାରଲାଇନ୍ସ ସୂତ୍ରଙ୍କ କହିବା କଥା ହେଉଛି ଏହି ମାମଲାରେ ଇଣ୍ଡିଗୋ ସବୁଠୁ ଆଗରେ ରହିବ। ଏଣୁ ଏହାର ଟିକେଟ୍ ମୂଲ୍ୟରେ ୩୦୦ରୁ ୧,୨୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଭାରତରେ ଏୟାରଲାଇନ୍ସମାନେ ପୂର୍ବରୁ ଫୁଏଲ ସରଚାର୍ଜ ଲାଗୁ କରିଛନ୍ତି। ଏଣୁ ଦିଲ୍ଲୀ-ମୁମ୍ବାଇ ଓ ମୁମ୍ବାଇ-ବେଙ୍ଗାଲୁରୁ ଭଳି ବ୍ୟସ୍ତତମ ମାର୍ଗରେ ବିଶେଷ କରି ବ୍ୟସ୍ତ ସମୟରେ ଭଡାରେ ୧,୫୦୦ ବା ତାଠୁ ଅଧିକ ବୃଦ୍ଧି ହୋଇ ପାରେ।

ସେହିପରି ଫୁଲ ସର୍ଭିସ କ୍ୟାରିୟର ଏୟାର ଇଣ୍ଡିଆ ପକ୍ଷରୁ ଭଡ଼ାରେ ୪୦୦ରୁ ୧,୫୦୦ ଟଙ୍କା ବୃଦ୍ଧି କରିପାରେ ବୋଲି ଆକଳନ କରାଯାଉଛି। ତେବେ ଇକୋନମୀ କ୍ଲାସ୍ ଟିକେଟରେ ମାମୁଲି ବୃଦ୍ଧିର ଅନୁମାନ କରାଯାଉଥିବା ବେଳେ ଶେଷ ସମୟରେ ବୁକିଂ ଓ ବ୍ୟବସାୟୀକ ଯାତ୍ରା ସେଗମେଣ୍ଟରେ ଅଧିକ ଚାହିଦା ଓ ପ୍ରିମିୟମ ସ୍ଥିତି କାରଣରୁ ଟିକେଟ୍ ମୂଲ୍ୟ ଅଧିକ ହୋଇପାରେ। ଲୋ କଷ୍ଟ ଏୟାର ଲାଇନ୍ସଙ୍କ ମଧ୍ୟରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପ୍ରାରମ୍ଭିକ ଭଡ଼ାରେ ୩୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଆକଳନ କରାଯାଉଛି। ସେହିପରି ସ୍ପାଇସ୍ ଜେଟ୍ ଭଡା ବୃଦ୍ଧିକୁ ୨୦୦ରୁ ୮୦୦ ମଧ୍ୟରେ ସୀମିତ ରଖିପାରେ।

ଏହି ଭଡ଼ା ବୃଦ୍ଧି ବ୍ୟାପକ ବଜାରଧାରା ସହ ସମନ୍ୱିତ ହେବ ଓ କମ୍ପାନୀର ଅଭିବୃଦ୍ଧି ରଣନୀତିକୁ ମଧ୍ୟ ବଜାୟ ରଖିବ। ରୁଟ ହିସାବରେ ଦେଖିଲେ ୧ ଘଣ୍ଟାରୁ କମ ଦୂରତାର ଛୋଟ ଉଡାଣରେ ଭଡ଼ା ୨୦୦ରୁ ୫୦୦ ଟଙ୍କାର ମାମୁଲି ବୃଦ୍ଧି ହୋଇପାରେ। ଏଥିରେ ୨ ଘଣ୍ଟାରୁ ଅଧିକ ମେଟ୍ରୋ ଉଡାଣ ନିମନ୍ତେ ବିମାନ ଭଡାରେ ୫୦୦ରୁ ୧,୨୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ତେବେ ସବୁଠୁ ଅଧିକ ପ୍ରଭାବ ଶେଷ ସମୟ ବୁକିଂ ଉପରେ ପଡିବ ବୋଲି ଅନୁମାନ କରାଯାଉଛି। ଖାସ କରି ଛୁଟି ଓ ସପ୍ତାହନ୍ତରେ ଏହି ବୃଦ୍ଧି ହେବ।

ଭଡ଼ା ବୃଦ୍ଧିର ମୁଖ୍ୟ କାରଣ ଏଭିଏସନ ଟର୍ବାଇନ ଫୁଏଲ (ଏଟିଏଫ)ର ବଢୁଥିବା ଖର୍ଚ୍ଚ, ଯାହା ଏୟାରଲାଇନଙ୍କ ଖର୍ଚ୍ଚର ଏକ ବଡ଼ ଭାଗ ଏହା ସହିତ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟ ବୈଶ୍ୱିକ ତୈଳ ମୂଲ୍ୟକୁ ପ୍ରଭାବିତ କରୁଛି। ତେବେ ସରକାର ଏୟାରଲାଇନ୍ସଙ୍କୁ ଯାତ୍ରୀ ଭଡ଼ାରେ ଅଧିକ ବୃଦ୍ଧି ନ କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ହେଲେ ଏବେ ଭଡ଼ା କମବେଶି ହେବା ଚାହିଦା ଉପରେ ନିର୍ଭର କରିବ।

ଭୁଶୁଡିଲା ସେୟାର ବଜାର




# ୭୩ ହଜାର ତଳକୁ ଖସିଲା ସେନସେକ୍ସ

ମୁମ୍ବାଇ,୨୩।୩: ବଜାର କ୍ରାଶ୍। ଭୁଶୁଡି ପଡିଲା ସେୟାର ମାର୍କେଟ୍। ସୋମବାର କାରବାର ଆରମ୍ଭରୁ ସେନସେକ୍ସ ଏବଂ ନିଫ୍ଟିକୁ ଲାଗିଛି ବଡ ଝଟକା। ମଧ୍ୟପ୍ରାଚ୍ୟର ଯୁଦ୍ଧ କାରଣରୁ ଏହାର ପ୍ରଭାବ ଭାରତ ସମେତ ଏସିଆର ବିଭିନ୍ନ ସେୟାର ମାର୍କେଟ୍ ଉପରେ ପଡିଛି। ସୋମବାର ନିଫ୍ଟି-୫୦ଏବଂ ସେନସେକ୍ସ-୩୦ନାଲି ସଙ୍କେତରେ ଖୋଲିଥିଲା। ସକାଳ ୯ଟା ୧୭ସୁଦ୍ଧା ସେନସେକ୍ସ ୭୩,୦୮୦.୩୫ ପଏଣ୍ଟକୁ ଖସି ଆସିଥିଲା। ପରେ ଏହା ଆହୁରି ହ୍ରାସ ପାଇଛି। ସେହିପରି ନିଫ୍ଟି ୪୧୨.୪୦ ଅଙ୍କ ଖସି ୨୨,୭୦୨କୁ ଖସି ଆସିଥିବା ଦେଖିବାକୁ ମିଳିଥିଲା। ଯାହା ପରେ ନିଫ୍ଟି ପୁଣି ଖସିବା ଆରମ୍ଭ କରିଥିଲା। ଶୁକ୍ରବାର ଅପେକ୍ଷା ସୋମବାର ସେନସେକ୍ସ ୧୬୦୦ଅଙ୍କ କମି ଖୋଲିଛି। ନିଫ୍ଟି ମଧ୍ୟ ୪୫୦ଅଙ୍କ ଖସିଯାଇଛି। ଶୁକ୍ରବାର ବଜାର ୭୪,୫୩୨.୯୬ ଅଙ୍କରେ ବନ୍ଦ ହୋଇଥିଲା। ଯାହା ସୋମବାର ୭୩,୭୩୨ ଅଙ୍କରେ ଖୋଲିଥିଲା। କିଛି ମିନିଟରେ ଏହା ୭୨,୯୭୭କୁ ଚାଲି ଆସିଥିଲା। ଫଳରେ ଆରମ୍ଭରୁ ହିଁ ନିବେଶକଙ୍କୁ କ୍ଷତି ସହିବାକୁ ପଡିଛି। ଏତଦ୍ ବ୍ୟତୀତ ନିଫ୍ଟି ଶୁକ୍ରବାର ୨୩,୧୧୪ ଅଙ୍କରେ ବନ୍ଦ ହୋଇଥିଲା। ଯାହା ସୋମବାର ୨୨,୮୨୪କୁ ଚାଲି ଆସିଛି। ଅର୍ଥାତ ପୂର୍ବ ଦିନ ଅପେକ୍ଷା ଅଥିରେ ୪୮୦ଅଙ୍କ ହ୍ରାସ ଘଟିଛି। ଏବେ ଏହା ୨୨୬୩୪ ପଏଣ୍ଟରେ ଟ୍ରେଡ୍ କରୁଛି।

# ଏଣିକି ସିଲିଣ୍ଡରରେ ମିଳିବ କମ୍ ଗ୍ୟାସ୍



ନୂଆଦିଲ୍ଲୀ, ୨୩।୩: ଦେଶରେ ଦେଖାଦେଇପାରେ ରନ୍ଧନ ଗ୍ୟାସ୍ର ଘୋର ଅଭାବ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଷ୍ଟେଟ୍ ଅପ୍ ହୋର୍ମୁଜ ଦେଇ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଭାରତରେ ଏଲପିଜିର ଷ୍ଟକ୍ କମିବାରେ ଲାଗିଛି। ଏହି ସଙ୍କଟରୁ ରକ୍ଷା ପାଇବା ପାଇଁ ଏବେ ସରକାରୀ ତୈଳ କମ୍ପାନୀଗୁଡ଼ିକ ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ୧୪.୨ କିଲୋଗ୍ରାମ ସିଲିଣ୍ଡରରେ ଏବେ ମାତ୍ର ୧୦ କିଲୋଗ୍ରାମ ଗ୍ୟାସ୍ ଭର୍ତ୍ତି କରିବାକୁ ଯୋଜନା କରାଯାଉଛି। କମ୍ ଗ୍ୟାସ୍କୁ କିଭଳି ଅଧିକ ପରିବାର ପାଖରେ ପହଞ୍ଚାଯାଇ ପାରିବ, ସେଥିପାଇଁ ଏହି 'ଷ୍ଟ୍ରାଟେଜି' ପ୍ରସ୍ତୁତ ହୋଇଛି। ଯଦି ଏହି ଯୋଜନା ଲାଗୁ ହୁଏ, ତେବେ ଗ୍ୟାସ୍ର ଓଜନ ଅନୁସାରେ ଏହାର ଦାମ୍ ମଧ୍ୟ କମାଯିବ।

ଆମଦାନୀ ଉପରେ ନିର୍ଭରଶୀଳ: ଭାରତ ନିଜର ଆବଶ୍ୟକତାର ପ୍ରାୟ ୬୦% ଏଲପିଜି ଆମଦାନୀ କରିଥାଏ, ଯେଉଁଥିରୁ ୯୦% କେବଳ ଉପସାଗରୀୟ ଦେଶ ବା ଗଲ୍ଫ ଦେଶମାନଙ୍କରୁ ଆସିଥାଏ। ଇରାନ-ଆମେରିକା ଉତ୍ତେଜନା ଯୋଗୁଁ ସମୁଦ୍ର ପଥରେ ଜାହାଜ ଚଳାଚଳ ବନ୍ଦ ରହିଛି। ଗତ ସପ୍ତାହରେ ମାତ୍ର ଦୁଇଟି ଜାହାଜ ଭାରତ ପହଞ୍ଚିଛି, ଯାହା କେବଳ ଗୋଟିଏ ଦିନର ବ୍ୟବହାର ପାଇଁ ଯଥେଷ୍ଟ। ବର୍ତ୍ତମାନ ଭାରତର ୬ଟି ବଡ଼ ଏଲପିଜି ଟ୍ୟାଙ୍କର ପାରସ୍ୟ ଉପସାଗରରେ ଫସି ରହିଛନ୍ତି। ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସ୍ଥିତିକୁ "ଚିନ୍ତାଜନକ" ବୋଲି କହିଛନ୍ତି। ଦେଶରେ ଦୈନିକ ପ୍ରାୟ ୯୩,୫୦୦ ଟନ୍ ଗ୍ୟାସ୍ ଖର୍ଚ୍ଚ ହୋଇଥାଏ। ସରକାର ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ଥିବା ଦାବି କରୁଥିଲେ ମଧ୍ୟ ଗ୍ୟାସ୍ ସଞ୍ଚୟ କରି ବ୍ୟବହାର କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଆଗାମୀ କିଛି ସପ୍ତାହ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଭୂ-ରାଜନୈତିକ ସ୍ଥିତି ସୁଧୁରେ ଏବଂ ସପ୍ଲାଏ ରୁଟ୍ ଗୁଡ଼ିକ ସ୍ୱାଭାବିକ ହୁଏ, ତେବେ ପରିସ୍ଥିତିରେ ସୁଧାର ଆସିବ। ଅନ୍ୟପଟେ ସରକାର ପାଇପ୍ ଗ୍ୟାସ୍ ଅର୍ଥାତ୍ ପିଏନଜି ଏବଂ ବିକଳ୍ପ ଇନ୍ଧନ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଉଛନ୍ତି।

# 'ୟୁଜର୍ସଙ୍କୁ ମିଳୁ ମୋବାଇଲ୍ ଡାଟା ଟ୍ରାନ୍ସଫର ସୁବିଧା'



ନୂଆଦିଲ୍ଲୀ, ୨୩।୩: ଟେଲିକମ୍ କମ୍ପାନୀଗୁଡ଼ିକୁ ପୁଣି ଆଇନା ଦେଖାଇଛନ୍ତି ଆପ୍ ସାଂସଦ ରାଘବ ଚଢ଼ା । ଏବେ ସେ ସଂସଦରେ ଡାଟା ଟ୍ରାନ୍ସଫର ଏବଂ ଡାଟା ରୋଲଓଭର ଭଳି ପ୍ରସଙ୍ଗ ଉଠାଇଛନ୍ତି । ବଳକା ରହୁଥିବା ଡାଟା, ପରଦିନକୁ ଟ୍ରାନ୍ସଫର ହେଉ ବୋଲି ସେ କହିଛନ୍ତି । ଏହା ସହ ଉପଭୋକ୍ତାଙ୍କ ମଧ୍ୟରେ ଡାଟା ଟ୍ରାନ୍ସଫର ଲାଗି ସୁବିଧା ଉପଲବ୍ଧ ହେବା ଦରକାର ବୋଲି କହିଛନ୍ତି ଆପ୍ ସାଂସଦ । ରାଘବ ଚଢ଼ା କହିଛନ୍ତି, ୟୁଜର୍ସଙ୍କୁ ଦୈନିକ ୧.୫ କିମ୍ବା ୨ ଜିବି ଡାଟା ମିଳିଥାଏ। ହେଲେ ରାତି ୧୨ ପରେ ଅବଶିଷ୍ଟ ଡାଟା ଶେଷ ହୋଇଯାଏ। ଏହି ଡାଟାକୁ ଉପଭୋକ୍ତା ପରଦିନ ବ୍ୟବହାର କରିପାରନ୍ତି ନାହିଁ । କିନ୍ତୁ ବ୍ୟବହାର ହେଉନଥିବା ଡାଟା ପାଇଁ ମଧ୍ୟ ଉପଭୋକ୍ତା ଟଙ୍କା ଦିଅନ୍ତି । କମ୍ପାନୀଗୁଡ଼ିକ ବାକି ଥିବା ଡାଟା ନିଜେ ସଂରକ୍ଷଣ କରନିଅନ୍ତି। ରାଘବ ଏକ ଉଦାହରଣ ଦେଇ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ଗାଡ଼ି ପାଇଁ ୫ ଲିଟର ପେଟ୍ରୋଲ୍ କ୍ରୟ କରନ୍ତି, ସେ ପେଟ୍ରୋଲ୍ ଶେଷ ହେବା ଯାଏଁ ବ୍ୟବହାର କରନ୍ତି । କୌଣସି ପେଟ୍ରୋଲ୍ ପମ୍ପ ମାଲିକ ପେଟ୍ରୋଲ୍ ଫେରସ୍ତ ମାଗନ୍ତି ନାହିଁ । ଯେଉଁଭଳି ସବୁ ପେଟ୍ରୋଲ ବ୍ୟବହାର କରିବାକୁ ଅଧିକାର ରହିଛି, ସେହିଭଳି ସବୁ ଡାଟା ବ୍ୟବହାର କରିବାକୁ ଉପଭୋକ୍ତା ସକ୍ଷମ ହେବା ଜରୁରୀ । ତେଣୁ, ଡାଟା ରୋଲଓଭରକୁ ମଧ୍ୟ ଅନୁମତି ଦିଆଯିବା ଉଚିତ। ସେ କହିଛନ୍ତି ଯେ, ଗୋଟିଏ ଦିନରେ ବ୍ୟବହୃତ ହୋଇନଥିବା ଡାଟାକୁ ପରବର୍ତ୍ତୀ ଦିନର ଡାଟା ସୀମାରେ ଯୋଡାଯିବା ଉଚିତ । ଆମେରିକା, ୟୁରୋପ, ନେଦରଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ସମେତ ବିଶ୍ୱର ଅନେକ ଦେଶରେ ଡାଟା ରୋଲଓଭର ସୁବିଧା ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁଭଳି ଫୋନ ମାଧ୍ୟମରେ ଟଙ୍କା ସ୍ଥାନାନ୍ତର କରିବାର ସୁବିଧା ରହିଛି, ସେହିଭଳି ଡାଟା ସ୍ଥାନାନ୍ତର ଲାଗି ଅନୁମତି ମିଳିବା ଜରୁରୀ।

# ସ୍ମାର୍ଟଫୋନ ସିପମେଣ୍ଟ ୧୩୯ ନିୟୁତ ୟୁନିଟ ରହିପାରେ



ନୂଆଦିଲ୍ଲୀ, ୨୩।୩: ୪ର୍ଥ ସପ୍ତାହରେ ପହଞ୍ଚିଛି ଆମେରିକା-ଇରାନ ଯୁଦ୍ଧ। ଏହାର ପ୍ରଭାବ ଦେଶର ପ୍ରତି ଶିଳ୍ପ କ୍ଷେତ୍ର ଉପରେ ପଡିଛି। ସ୍ମାର୍ଟଫୋନ ବଜାରରେ ମଧ୍ୟ ଯୁଦ୍ଧର ପ୍ରଭାବ ଦେଖାଗଲାଣି। ଯୁଦ୍ଧ ଉଭୟ ସ୍ମାର୍ଟଫୋନ ଚାହିଦା ଏବଂ ଯୋଗାଣକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞ କହିଛନ୍ତି। ରିସର୍ଚ୍ଚ ଫାର୍ମ ଗୁଡ଼ିକ ଆକଳନ କରିଛନ୍ତି ଯେ, ୨୦୨୬ ସ୍ମାର୍ଟଫୋନ ବଜାର ଲାଗି ଆହ୍ୱାନପୂର୍ଣ୍ଣ ରହିବ। ସ୍ମାର୍ଟଫୋନ ସିପମେଣ୍ଟ ବା ଚାହିଦା ୧୩୯ ନିୟୁତ ୟୁନିଟ ରହିପାରେ ବୋଲି କାଉଣ୍ଟର ପଏଣ୍ଟ ରିସର୍ଚ୍ଚ କହିଛି। ସିପ୍‌ମେଣ୍ଟ ୧୪୨ ନିୟୁତ ୟୁନିଟ ରହିବା ନେଇ ପୂର୍ବରୁ ଆକଳନ କରିଥିଲା ଏହି ଏଜେନ୍ସି। ସେହିଭଳି ଓମ୍‌ଡିଆ ନାମକ ଏଜେନ୍ସି ମଧ୍ୟ ୧୪୨ ନିୟୁତ ୟୁନିଟ ନେଇ ଆକଳନ କରିଛି। ସ୍ଥିତି ବିଗିଡିଲେ ଏହା ଆହୁରି ହ୍ରାସ ହୋଇ ପାରେ ବୋଲି ବିଶେଷଜ୍ଞ କହିଛନ୍ତି। ଆଇଡିସି କହିଛି ଯେ, ସିପମେଣ୍ଟ ୧୩୨ ନିୟୁତ ଟନ୍ ରହିପାରେ। ଯାହା ୨୦୨୫ରେ ୧୫୨ ନିୟୁତ ୟୁନିଟ ଥିଲା। ଏବେ ସ୍ମାର୍ଟଫୋନ ଶିଳ୍ପ ଉଭୟ ମେମୋରୀ ଏବଂ ଷ୍ଟୋରେଜ ଯନ୍ତ୍ରାଂଶ ଅଭାବ ସମସ୍ୟା ସାମ୍ନା କରୁଛି। ଯାହା ଶିଳ୍ପ ଉପରେ ଚାପ ପକାଉଛି। କୋଭିଡ ପରଠାରୁ ଶିଳ୍ପ ଲାଗି ଆକଳନରେ ଏଭଳି ହ୍ରାସ କରାଯାଇଛି। ସେହିଭଳି ମଧ୍ୟପ୍ରାଚ୍ୟ ସଙ୍କଟ ଏହି ସ୍ଥିତିକୁ ଆହୁରି ପ୍ରଭାବିତ କରିଛି। ଯୁଦ୍ଧ ଯୋଗୁ ଲୋକ ସଉକ ଉପରେ ଖର୍ଚ୍ଚ କମ୍ କରିପାରନ୍ତି। ପ୍ରକୃତ ସ୍ଥିତି ଦ୍ୱିତୀୟ ତ୍ରୈମାସରେ ଜଣାପଡିବ ବୋଲି କହିଛନ୍ତି ବିଶେଷଜ୍ଞ।

# ୧୦ ହଜାର ଟଙ୍କା କମିଲା ସୁନା ଦର

ଭୁବନେଶ୍ୱର, ୨୩।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ପେଟ୍ରୋଲ, ଡିଜେଲ ସମେତ ସେୟାର ବଜାର ନିବେଶକମାନଙ୍କ ଚିନ୍ତା ବଢ଼ାଇଥିବାବେଳେ ସୁନା କିଣିବା ପାଇଁ ଅପେକ୍ଷା କରିଥିବା ଗ୍ରାହକଙ୍କୁ କିଛିଟା ଆଶ୍ୱସ୍ତ କରିଛି। ଆଜି ଦିନକରେ ସୁନା ଦର ୧୦ ହଜାର ଟଙ୍କାରୁ ଅଧିକ ହ୍ରାସ ଘଟିଛି। ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୧୦,୩୨୦ ଟଙ୍କା ହ୍ରାସ ପାଇ ୧,୩୫,୬୫୦ ଟଙ୍କାରେ ରହିଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୯,୪୫୦ ଟଙ୍କା କମି ୧,୨୪,୩୫୦ ଟଙ୍କାରେ ରହିଛି। ଆଜି ଦୁଇଟି ପର୍ଯ୍ୟାୟରେ ଦରରେ ଏହି ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ରୁପା ଦର କିଲୋଗ୍ରାମ୍ ପିଛା ଆଜି ୨୦ ହଜାର ଟଙ୍କା କମି ୨,୩୦,୦୦୦ ଟଙ୍କା ରହିଛି। ବଜାରରେ ଗତ ୧୮ ତାରିଖରୁ ସୁନା ଓ ରୁପା ଦର କମିବାରେ ଲାଗିଛି। ବାହାଘର, ବ୍ରତଘର ଏବଂ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପାଇଁ ସୁନା ଓ ରୁପା କିଣିବାକୁ ଅପେକ୍ଷା କରିଥିବା ଗ୍ରାହକଙ୍କୁ ଏହା କିଛିମାତ୍ରାରେ ଖୁସି ଦେଇଛି। କିନ୍ତୁ ଅଧିକ ରିଟର୍ଣ୍ଣ ପାଇବା ଆଶାରେ ଏହି ଦୁଇ ମୂଲ୍ୟବାନ ଧାତୁରେ ନିବେଶ କରିଥିବା ବ୍ୟକ୍ତିମାନେ ନିରାଶ ହୋଇଛନ୍ତି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଜି ଆଉନ୍ସ ପିଛା ୬.୩ ପ୍ରତିଶତ କମି ୪୨୦୩.୨୧ ଡଲାରରେ ରହିଛି।





# ଆଜିର ସୁନା ଦର

ଆଜି ସ୍ଥିର ରହିଛି ସୁନା ଓ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୩,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ଦର ୧,୩୩,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୬,୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୩,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୮,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୭୦ ଓ ୧,୩୩,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ମହାନ ବିପ୍ଳବୀ ଶହୀଦ ଭଗତ ସିଂଙ୍କ ଫାଶୀ ଦିବସ ପାଳିତ




ଯାଜପୁର ରୋଡ୍,୨୩।୩(ସଂଚାର ବ୍ୟୁରୋ): ମହାନ ବିପ୍ଳବୀ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ପରିପ୍ରେକ୍ଷୀରେ ଭଗତ ସିଂ ସ୍ମୃତି ସଂସଦ ତରଫରୁ ଏକ ଆଲୋଚନା ସଭା ସ୍ମୃତି ସଂସଦର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ବ୍ୟାସନଗର ପୌରାଂଚଳ ସହରର ସ୍ଥାନୀୟ ଝାଟିଆ ସାହି ସ୍ଥିତ ଅଭିମନ୍ୟୁ କଳାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ଶିକ୍ଷକ ନେତା ଡ଼ଃ ଦୁଷ୍ମନ୍ତ କୁମାର ନାୟକ ପ୍ରଦୀପ ଜାଳି ଉଦଘାଟନ କରିଥିଲେ। ଅତିଥି ମାନେ ମଧ୍ୟ ଭଗତ ସିଂଙ୍କ ଫୋଟୋରେ ପୁଷ୍ପ ଏବଂ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ସଂସଦ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା।ଉକ୍ତ ଆଲୋଚନା ସଭାରେ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତି, ପୂର୍ବତନ ନଗର ପାଳିକା ସବିତା ରାଉତ, ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ, ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି, ସ୍ମୃତି ସଂସଦର ଯୁଗ୍ମ ସମ୍ପାଦକ ପରମାନନ୍ଦ ସେଠୀ, କାଉନସିଲର କୁମୁଦିନୀ ରାଉତ,ତ୍ରିଲୋଚନ ରାଉତ ପ୍ରମୁଖ ଏହି ମହାନ ବିପ୍ଳବୀ ମାନଙ୍କ ଜିବନ ଗାଥା ଉପରେ ଆଲୋକପାତ କରିଥିଲେ। ଅଂଚଳର ସବୁବର୍ଗର ଜନସାଧାରଣମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ନିର୍ମାଣରେ ଅନିୟମିତତା



ନିଶ୍ଚିନ୍ତକୋଇଲି, ୨୩।୩ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ କଟରପଡ଼ା ଗ୍ରାମ ପଞ୍ଚାୟତ କଟରପଡ଼ା ଗ୍ରାମର କଟକ-ଚାନ୍ଦବାଲି ରାସ୍ତା ଠାରୁ ସାନ୍ତନୁ ସ୍ୱାଇଁଙ୍କ ଘର ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ଆର୍ଥିକ ବର୍ଷ ୨୦୨୪-୨୫ର ବ୍ୟୟ ଅଟକଳ ମୂଲ୍ୟ ୪ଲକ୍ଷ ୫୪ହଜାର ୨୫୧ଟଙ୍କା ର ପ୍ରକଳ୍ପ କାର୍ଯ୍ୟାଦେଶ ବିଭାଗୀୟ ଭିତ୍ତିରେ ଦିଆଯାଇ ନିର୍ମାଣ କାର୍ଯ୍ୟ ଚାଲୁଛି। ଢଳେଇ ରାସ୍ତା ନିର୍ମାଣରେ ସଠିକ୍ ଭାଗ ମାପରେ ଗୋଡ଼ି, ବାଲି, ସିମେଣ୍ଟ ଦିଆଯାଉନଥିବା ଅଭିଯୋଗ ହେଉଛି। ରାସ୍ତାର ସିମେଣ୍ଟ ଢଳେଇ କାର୍ଯ୍ୟ ଚାଲୁଥିବା ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବାର ସୁଯୋଗ ନେଇ ବିଭାଗ ଠାରୁ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ନେଇଥିବା ଜନୈକ ବ୍ୟକ୍ତି ନିର୍ମାଣ କରୁଥିବାର ନେଇ ଅଭିଯୋଗ ହେଉଛି। ପ୍ରକଳ୍ପ ନିର୍ମାଣର କାର୍ଯ୍ୟାଦେଶ ନାମକୁମାତ୍ର ବିଭାଗୀୟ ଭିତ୍ତିରେ କରାଯାଇ ରାଜନୈତିକ ନେତାଙ୍କ ଦୃଢ ସମର୍ଥକଙ୍କୁ କାର୍ଯ୍ୟ କରିବାର ଦାୟିତ୍ୱ ପ୍ରଦାନ କରାଯାଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରକଳ୍ପ ନିର୍ମାଣର କାର୍ଯ୍ୟ ଆରମ୍ଭ ୦୬.୦୩.୨୦୨୬ରିଖ ସୂଚନାଫଳକରେ ପ୍ରଦର୍ଶିତ କରାଯାଇଥିଲା ବେଳେ କାର୍ଯ୍ୟ ଶେଷର ତାରିଖ ପ୍ରଦର୍ଶିତ କରାଯାଇନାହିଁ ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

# ବିଦ୍ୟୁତ ଆଘାତରେ ଦୁଇ ମୃତ, ୧ ଆହତ

ସୁନ୍ଦରଗଡ଼,୨୩।୩ (ସଂଚାର ବ୍ୟୁରୋ): ଆଜି ଏକ ଅଘଟଣ ସନ୍ଧ୍ୟାରେ ଘଟିଯାଇଛି ଯାହା ସଦର ଥାନା ଅନ୍ତର୍ଗତ ଭେଡାବାହାଲ ଗ୍ରାମରେ, ବିଦ୍ୟୁତ ଆଘାତରେ ଚାଲିଯାଇଛି ଦୁଇଟି ଜୀବନ। ଜଣେ ଗୁରୁତର। ସୂଚନାଯୋଗ୍ୟ ଯେ ଭେଡାବାହାଲ ଗ୍ରାମର ଯୋଗେନ୍ଦ୍ର ପଟେଲଙ୍କ ଘରେ କାମ କରୁଥିବା ସମୟରେ ସ୍ୱାମୀ ଓ ସ୍ତ୍ରୀ ଅନନ୍ତ କଇଁସରିଆ ଓ ତାଙ୍କ ପତ୍ନୀ ସୁମିତ୍ରା କଇଁସରିଆ ବିଦ୍ୟୁତ ସଂସ୍ପର୍ଶ ରେ ଆସି ମୃତ୍ୟୁ ବରଣ କରିଥିଲା ବେଳେ ବସା କମାର ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଲେଜକୁ ଅଣାଯାଇଛି। ଏହି ଘଟଣା କିଭଳି ଘଟିଲା କେଉଁ ପରିସ୍ଥିତିରେ ହେଲା ସେନେଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରୁଥିବା ନେଇ ସୂଚନା ମିଳିଛି।

# ଯୁବ ସାମ୍ବାଦିକଙ୍କ ବିୟୋଗରେ ଶୋକ



ପାରାଦୀପ,୨୩।୩ (ସଂଚାର ବ୍ୟୁରୋ):ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ଅଞ୍ଚଳର ସୁନାମଧନ୍ୟ ସାମ୍ବାଦିକ ତଥା କନକ ନିଉଜର ପାରାଦ୍ୱୀପ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟଙ୍କ ଅକାଳ ବିୟୋଗରେ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପକ୍ଷରୁ ଶୋକସଭା ତଥା ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ୱର୍ଗତ ରାଉତରାୟ ଜଣେ ଯୁବ ସମ୍ବାଦିକ ଭାବେ ବେଶ ଜଣାଶୁଣା ଥିଲେ । ଗତକାଲି ରାତିରେ ସମ୍ବାଦ ସଂଗ୍ରହ କରି ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ପ୍ରଥମେ ପାରାଦ୍ୱୀପର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ସ୍ୱାସ୍ଥ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ରଶ୍ମିରଞ୍ଜନଙ୍କର ଏହି ଅକାଳ ବିୟୋଗରେ ଜଗତସିଂହପୁର ଜିଲ୍ଲାର ସାମ୍ବାଦିକ ଜଗତରେ ଏକ ଅପୁରଣୀୟ କ୍ଷତି ଘଟିଛି । ଏହି ପରିପେକ୍ଷିରେ ଜଗତସିଂହପୁର ମୁଖ୍ୟାଳୟସ୍ଥିତ ସାମ୍ବାଦିକ ଭବନଠାରେ ଜଗତସିଂହପୁର ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ଏକ ଶୋକସଭା ପାଳନ କରାଯାଇଛି । ବରିଷ୍ଠ ସାମ୍ବାଦିକ ରମାକାନ୍ତ ଦାଶଙ୍କ ତତ୍ୱାବଧାନରେ ସାମ୍ବାଦିକ ଶୁଭଙ୍କର ଜେନା ,ମନୋଜ ଦାଶ , ମାନସ କାନୁନଗୋ ,ସରୋଜକାନ୍ତ ସାହୁ ,ଦୁର୍ଯ୍ୟୋଧନ ମହାରଣା ,ପ୍ରତାପ କୁମାର ସିଂହ ,ତାପସ ଦାସ ,ଦୀପକ ମହାନ୍ତି ,ରବୀନ୍ଦ୍ରନାଥ ମଲ୍ଲିକ, ଗୟାଧର ମହାରଣା ,ସନ୍ତୋଷ ମଲ୍ଲିକ ,ପ୍ରସନ୍ନ ସେଠି ,ଅମ୍ବିକାପ୍ରସାଦ ମହାପାତ୍ର ,ସୌଭାଗ୍ୟ ସ୍ୱାଇଁ,ଶିବଦତ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶୋକପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ନଷ୍ଟ ହେବାକୁ ବସିଲାଣି ସନ୍ତରାଗଡ଼ିଆ ବଜାର ଆଦର୍ଶ ପୋଖରୀ



ନୀଳଗିରି, ୨୩।୩ (ସଂଚାର ବ୍ୟୁରୋ): ଗ୍ରାମ ପଞ୍ଚାୟତକୁ ସୁନ୍ଦର କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି, ବିଭିନ୍ନ ପ୍ରକାର ଉନ୍ନତୀକରଣ କାର୍ଯ୍ୟ ମଧ୍ୟ କରାଯାଉଛି। କିନ୍ତୁ ରକ୍ଷଣାବେକ୍ଷଣ ଏବଂ ଦୂରଦୃଷ୍ଟି ଅଭାବରୁ ସେ ସବୁ ନଷ୍ଟ ହେବାକୁ ବସିଲାଣି। ଔପଦା ବ୍ଲକ ଅଧିନସ୍ଥ କାଣ୍ଡଗରଡି ପଂଚାୟତ ସନ୍ତରାଗଡ଼ିଆ ବଜାରରେ ଥିବା ବଜାରପୋଖରୀ ଉନ୍ନତୀକରଣ ଏବଂ ରାସ୍ତା ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବର୍ତ୍ତମାନ କିନ୍ତୁ ଆବର୍ଜନା ପଡ଼ି ଏହି ପୋଖରୀର ଜଳ ନଷ୍ଟ ହେଲାଣି। ପୋଖରୀ କୂଳରେ ଯେଉଁ ଗଡ଼ୱାଲ ଓ ପାହାଚ, ତାହା ମଧ୍ୟ ଉଠି ହୋଇଗଲାଣି । ନିମ୍ନ ମାନର କାମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସନ୍ତ ରାଗଡ଼ିଆ ବଜାର ପୋଖରୀର ଉନ୍ନତୀକରଣ ପାଇଁ ୧୩-୧୪ ମସିହାରେ ଆସି ଥିବା ୧୦ଲକ୍ଷ ଟଙ୍କାର ଅନୁଦାନ ରାଶି କାର୍ଯ୍ୟର ଗନ୍ଧବାସନା ନାହିଁ। ଏହି ଅର୍ଥରେ ପୋଖରୀର ପୁନରୁଦ୍ଧାର କରାଯିବା ସହିତ ପଙ୍କ ଉଦ୍ଧାରକରାଯାଇଥିଲା। ଏଥି ସହିତ ପୋଖରୀ, ଆଡ଼ି, ରାସ୍ତା ଓ ପୋଖାରୀ ପାଇଁ ଖର୍ଚ୍ଚ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ସୁଦ୍ଧା ପୋଖରୀଟି ଦଳରେ ପରିପୂର୍ଣ୍ଣ ଥିବାବେଳେ ଚାରି ପାଖରେ କୁଢ଼ କୁଢ଼ ଆବର୍ଜନାରେ ଭର୍ତ୍ତି ହୋଇଛି। ଏହି ପୋଖରୀଟି ଖୋଦ ସନ୍ତରଗଡ଼ିଆ ବଜାର ମଧ୍ୟ ସ୍ଥଳରେ ଅବସ୍ଥିତ ରହିଛି। ଉକ୍ତ ପୋଖରୀ ଆଡ଼ିରେ ପ୍ରାୟ ୩୦ ଉର୍ଦ୍ଧ୍ୱ ଦୋକାନି ବ୍ୟବସାୟୀ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେ ପଞ୍ଚାୟତ ପକ୍ଷରୁ ନୂତନ ଦୋକାନଘର କରାଯିବା ବୋଲି କହି ଦୋକାନ ଗୁଡ଼ିକ ଭାଙ୍ଗି ଦିଆଯାଇଥିଲା। ମାତ୍ର ଦିନ ପରେ ଦିନ ଗଡୁଥିବା ବେଳେ ଦୋକାନ ଘର ନିର୍ମାଣ ନାଁ ଗନ୍ଧଧରୁ ନାହିଁ ପଂଚାୟତ ବୋଲି ଦୋକାନୀ ମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ଲକ୍ଷାଧିକ ଟଙ୍କାଖର୍ଚ୍ଚ ହୋଇ ପୋଖରୀର ଯେଉଁ ଉନ୍ନତୀକରଣ କାର୍ଯ୍ୟ ହୋଇଥିଲା ବର୍ତ୍ତମାନ ତାହା ପାଣିରେ ଧୋଇଗଲାଣି। ପୋଖରୀରେ ପଇଡ଼ ଖୋଳପା, ଅଇଁଠା ପତ୍ର, ଠାକୁର ପୂଜା ହେଉଥିବା ହାଣ୍ଡି ମାଠିଆ, କଦଳୀ ଗଛ, ପ୍ଲାଷ୍ଟିକ୍ ଗ୍ଲାସ, ପଲିଥିନ୍, ଥର୍ମୋକଲ, ଚା'ଗ୍ଲାସ, ପ୍ଲାଷ୍ଟିକ୍ ବୋତଲ, ମଦ କାଚ ଭଳି ବିଭିନ୍ନ ଅଳିଆ ଆବର୍ଜନା ଏହି ପୋଖରୀରେ ପଡ଼ିଥିବା ଦେଖାଯାଉଛି। ବର୍ଷ ବର୍ଷ ଧରି ପଙ୍କ ଉଦ୍ଧାର କରାଯାଉନଥିବାରୁ ପୋଖରୀ ରେ ଦଳରେ ପୂର୍ଣ୍ଣ ହୋଇଥିବା ବେଳେ କୂଳ ପୋତିଗଲାଣି । ପୂଜା ପର୍ବ ସମୟରେ ଘଟ ଉତ୍ତୋଳନ ପାଇଁ ଆସୁଥିବା ଲୋକମାନେ ପୋଖରୀର ଏଭଳି ଅବସ୍ଥା ଦେଖି ନାକ ଟେକୁଛନ୍ତି। ଏପରିକି ବଜାର ଦୋକାନୀ ମାନେ ବି ଆଡ଼ ଆଖିରେ ଦେଖୁ ନାହାଁନ୍ତି।

ଉକ୍ତ ରାସ୍ତାଦେଇ ବଡ଼ ବଡ଼ରାଜନେତା,ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସ୍ଥାନୀୟ ନେତା ଦୈନ ଦିନ ଯାତାୟାତ କରୁଥିଲେ ସୁଦ୍ଧା ଉକ୍ତ ପୋଖରୀ ଉନ୍ନତି ପାଇଁ କେହି ଆଡ଼ ଆଖିରେ ଅନାଉଁ ନଥିବାନେଇ ସାଧାରଣରେ ଅଭିଯୋଗ ହୋଇଛି।

# ଢେଙ୍କାନାଳରେ ଲୋକଅଧିକାର ଯାତ୍ରା



ଢେଙ୍କାନାଳ, ୨୩।୩ (ସଂଚାର ବ୍ୟୁରୋ): ଗତ ଫେବୃଆରୀ ୨୫ ତାରିଖରୁ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରୁ ବାହାରିଥିବା ଲୋକଅଧିକାର ଯାତ୍ରା ଆଜି ଢେଙ୍କାନାଳରେ ପହଞ୍ଚି ଥିଲା। ଆଜି ସକାଳେ ଅନୁଗୋଳ ବାଜିରାଉତ ଛାତ୍ରାବାସରୁ ଯାତ୍ରା ବାହାରି ଓଡାପଡା ବ୍ଲକ ବଳରାମପୁରରେ ଏକ ଜନସଭା କରି ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା | ସମ୍ମିଳନୀକୁ ସମ୍ବୋଧନ କରି ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା କହିଲେ, ଲାନକୋ କମ୍ପାନୀ ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକରେ ୨୦୧୦ ମସିହାରେ ଏକ ହଜାର ଏକର ଚାଷ ଜମି ପାୱାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ନେଇଥିଲା। ହେଲେ କମ୍ପାନୀ ପ୍ରତିଷ୍ଠା ନକରି ସେହି ଜମିକୁ ବେଆଇନ ଭାବରେ ଅନ୍ୟ କମ୍ପାନୀ ଜିନ୍ଦଲକୁ ବିକ୍ରୟ କରିଛି, ଯାହା ଭୂମି ଅଧିଗ୍ରହଣ ଆଇନ ୨୦୧୩ର ଧାରା ୧୦୧କୁ ଉଲଂଘନ କରୁଛି। ନିୟମ ଅନୁସାରେ ଏହି ଜମି ପୁଣି ଚାଷୀମାନଙ୍କ ନିକଟକୁ ଫେରିଯିବା କଥା। ଯେଉଁ ଜମି ଶାଗ ମାଛ ମୁଲରେ ଲୋକଙ୍କ ଠାରୁ ଅଧିଗ୍ରହଣ ହୋଇଥିଲା, ବର୍ତ୍ତମାନ ତାହାର ମୂଲ୍ୟ ଆଠଶହ କୋଟି ଟଙ୍କା। ସେ ପୁଣି କହିଥିଲେ ଯେ, ଝାରସୁଗୁଡ଼ା ଭଳି ଢେଙ୍କାନାଳରେ ବେଦାନ୍ତ କମ୍ପାନୀର ପ୍ରସ୍ତାବିତ ସ୍ମେଲଟର ପ୍ଲାଣ୍ଟ ଯୋଗୁଁ ଜନ ଜୀବନ ଦୁର୍ବିସହ ହୋଇପଡ଼ିବ। ସେଥିପାଇଁ ଆଜିଠାରୁ ଜନ ସାଧାରଣ ବେଦାନ୍ତ ବିରୋଧରେ ସଂଗଠିତ ହୁଅନ୍ତୁ ବୋଲି ସେ ଆହ୍ୱାନ କରିଥିଲେ।

ଓଡ଼ିଶାର ଚବିଶଟି ଜିଲ୍ଲାର ଚାରି ହଜାର କିଲୋମିଟର ଅତିକ୍ରମ କରି ଆସି ଢେଙ୍କାନାଳରେ ପହଞ୍ଚିଥିଲେ। ପରେ ଯାତ୍ରା ସଦର ବ୍ଲକ ବେଲଟିକିରିକୁ ଯାଇ ସେଠାରେ ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ସଭାରେ ବକ୍ତାମାନେ ଉଦବୋଧନ ଦେଇଥିଲେ | ପରେ ଯାତ୍ରା କଟକ ଅଭିମୁଖେ ଯାଇଥିଲା | ଆଜି କଟକ ଗାନ୍ଧୀ ଭବନ ପରିସରରେ ଏହି ଯାତ୍ରା ସମାପ୍ତ ହେବ ଓ ମାର୍ଚ୍ଚ ୨୯ ତାରିଖ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସରେ ଭୁବନେଶ୍ୱରରେ ଲୋକ ଅଧିକାର ସମାବେଶ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଢେଙ୍କାନାଳ ଠାରେ ଏହି ଯାତ୍ରାକୁ ପଙ୍କଜ ନାୟକ, ଶିଶିର ଶତପଥୀ, ଅନିଲ ସାମଲ, ଭରତ କୁମାର ଦାସ, ନିରଞ୍ଜନ ପତି ପ୍ରମୁଖ ସହଯୋଗ କରିଥିଲେ।

# ଦଣ୍ଡ ନାଚରେ ଜାତିବାଦ ଓ ଅଶ୍ଳୀଳତା ବନ୍ଦ ଦାବିରେ ଗଣଧାରଣା




ଢେଙ୍କାନାଳ,୨୩।୩ (ସଂଚାର ବ୍ୟୁରୋ): ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳର ସଭାପତି ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ଆହ୍ୱାନ କ୍ରମେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୮ଟି ବ୍ଲକର୍ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ସଂଗଠନର ଅଧିକାରୀମାନେ ଯୋଗଦାନ କରିଥିଲେ। ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଦଣ୍ଡନାଚରେ ଜାତିବାଦ ଓ ଅଶ୍ଳୀଳତା ବିରୋଧରେ ଏସଓପି ଜାରି କରିବା ଓ ସମସ୍ତ ଉପଜିଲ୍ଲାପାଳ, ବ୍ଲକ ଅଧିକାରୀ, ତହସିଲଦାର, ପୌରାଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ ଅଧିକାରୀ,ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଆନୁକୂଲ୍ୟରେ କମିଟି ଗଠନ କରି ଦଣ୍ଡନାଚରେ ଅନୁମତି ବାଧ୍ୟତାମୂଳକ କରାଯାଉ। ଦଣ୍ଡନାଚରେ ଅନୁସୂଚିତ ଜାତି ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ୍ ଓ ସମ୍ବିଧାନ ବିରୋଧୀ ପ୍ରଦର୍ଶନକୁ ବନ୍ଦ୍ କରିବା ପାଇଁ ଦାବୀପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ପ୍ରଦାନ କରାଯାଇଥିଲା ।

ଦଣ୍ଡନାଚରେ ମୁଖ୍ୟତଃ ହାଡି-ହାଡିଆଣୀ ଅଭିନୟକୁ କଦର୍ଯ୍ୟ ଓ ଅସଭ୍ୟ ଭାବରେ ମଦୁଆ, ମାତାଲ୍, ଗାଈ ମାଂସ ଖାଇବା, ଗନ୍ଧ ହେବା, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ା କରିବା, ପ୍ରଶ୍ନ-ଉତ୍ତର ମାଧ୍ୟମରେ ସ୍ୱାମୀ-ସ୍ତ୍ରୀ ପରିଚିତ ହେବା, ଗାଁ ସାଆନ୍ତ ତାକୁ ବଳପୂର୍ବକ ଗାଁ ରାସ୍ତା ଝାଡୁ କରିବା ଆଦି କଦର୍ଯ୍ୟ ଓ କଦର୍ଥ ଭାବରେ ପରିବେଷଣକୁ ବନ୍ଦ୍ କରିବା ପାଇଁ ଆଲୋଚନା କରିଥିଲେ। ସେହିପରି ଶବର-ଶବରୁଣୀ, ଚଢ଼େଇଆ-ଚଢ଼େୟାଣୀ, କେଳା-କେଳୁଣୀ, କନ୍ଧ -କନ୍ଧୁଣୀ, ଯୋଗୀ-ଯୋଗୀଆଣୀ ଆଦି ୧୩ଟି ଜାତିର ଲୋକଙ୍କ ଚରିତ୍ରକୁ କଦର୍ଯ୍ୟ କରି ପ୍ରଦର୍ଶନ କରାଯାଉଛି । ଏଗୁଡ଼ାକ ତୁରନ୍ତ ବନ୍ଦ୍ କରିବାକୁ ବିଭିନ୍ନ ସାମାଜିକ ସଂଗଠନର କର୍ମୀ ଦାବୀ କରିଥିଲେ ।

ଏହି ପରିପ୍ରେକ୍ଷିରେ ୧୪ କୋଷ ହାଡ଼ି ସମାଜର ସଭାପତି ୱାଲି ଗୋଛୟତ, ସଂପାଦକ ଆକୁଳ ଗୋଛୟତ, ନୀଳମାଧବ ଶବର ସଂଘର ବନମାଳୀ ଦାସ, ଗୌତମ ବେହେରା ପ୍ରମୁଖ ଭୂମିକା ନେଇଥିଲେ । ଦଣ୍ଡନାଚରେ ଜାତିଆଣ ଆକ୍ଷେପ ଓ ଅଶ୍ଳୀଳତା ବନ୍ଦ୍ ନ କଲେ ଭୟଙ୍କର ସଂଘର୍ଷ ହେବ ବୋଲି ଚେତାବନୀ ଦିଆଯାଇଛି। ପରିଶେଷରେ ସଂଗଠନର ସଂପାଦିକ ଚିତ୍ରସେନ ନାଏକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବେଣ୍ଟପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ




ବାଲିଅନ୍ତା,୨୩।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ବେଣ୍ଟପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ବିଡ଼ିଓ ରଶ୍ମିତା ନାଥ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟ ଝରଣା ସ୍ୱାଇଁ, ବ୍ଲକର ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୩୭ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୫ଟି, ରାସନ କାର୍ଡ ସମ୍ବନ୍ଧୀୟ ୫ଟି , ଭତ୍ତା ସମ୍ବନ୍ଧୀୟ ୧ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧୬ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

# ବୁଢ଼ାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ସମ୍ମାନ



ଫୁଲବାଣୀ,୨୩।୩ (ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦାରିଙ୍ଗିବାଡି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ବୁଢ଼ାଗୁଡ଼ାକୁ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ପୁରସ୍କାର ପ୍ରମାଣପତ୍ର ସହ ଦଶ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ବନ ବିଭାଗ ତରଫରୁ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରତାପ କଟାପାଲି , ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ, ଏସିଏଫ୍ ଫୁଲବାଣୀ ଶ୍ୱେତଲିନା ସାହୁ, ଓ ବନ ପ୍ରଶିକ୍ଷଣ ବିଦ୍ୟାଳୟ ଉଦୟଗିରି ର ନିର୍ଦ୍ଦେଶକ ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସାହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କ ପରିବେଶ ପ୍ରତି ଆନ୍ତରିକତାକୁ ଶ୍ରେୟ ଦେଇଥିଲେ। ଏଥିସହ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାରେ ବନ ବିଭାଗର ସକ୍ରିୟ ସହଯୋଗକୁ ସାଧୁବାଦ ଜଣାଇଥିଲେ।

## ହିଞ୍ଜିଳିରେ ଗ୍ୟାସ୍ ସମସ୍ୟା

# ଜଳଖିଆ ଦର ବଢ଼ିଲା, ୨୦ ଟଙ୍କାର ପ୍ଲେଟ ଏବେ ୩୦



ହିଞ୍ଜିଳିକାଟୁ, ୨୩।୩ (ସଂଚାର ବ୍ୟୁରୋ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ, ହାଣ୍ଡିଶାଳରେ ଚଡ଼କ । ମହଙ୍ଗା ହେଲାଣି ଖାଇବା। ଜୀବିକା ହରାଇଲେଣି ଲୋକେ। ସହରରେ ରହୁଥିବା ଅଧିକାଂଶ ଲୋକେ ସକାଳ ଜଳଖିଆ ପାଇଁ ଟିଫିନ୍ ଷ୍ଟଲ୍ ଉପରେ ନିର୍ଭର କରୁଥିବା ବେଳେ ଏବେ ଅଧିକାଂଶ ଟିଫିନ୍ ଷ୍ଟଲ୍‌ରେ ଝୁଲୁଛି ତାଲା। ତେବେ ଗ୍ୟାସ୍ ଅଭାବରୁ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଗ୍ରାମରେ ଛୋଟ ଛୋଟ ଦୋକାନ ବନ୍ଦ ହୋଇଯାଇଥିବା ବେଳେ ସହରର ପ୍ରାୟ ହୋଟେଲରେ ଜଳଖିଆର ସବୁ ଆଇଟମର ଦର ବଢ଼ିଛି । ୨୦ଟଙ୍କାର ଜଳଖିଆ ପ୍ଲେଟ ବର୍ତ୍ତମାନ ୩୦ଟଙ୍କା ହୋଇଯାଇଛି | କିଛି ଗ୍ରାହକ ରାଜି ହୋଇ ଦେଉଥିବାବେଳେ ଆଉ କିଛି ମନ ଊଣା କରୁଛନ୍ତି । ଦାମ ବଢ଼ିଯିବା ଯୋଗୁଁ ସିଧାସଳଖ ଗ୍ରାହକଙ୍କ ପକେଟକୁ ବାଧୁଛି । ଏପଟେ ପୂର୍ବରୁ ଯେଉଁ ଗ୍ୟାସ ସିଲିଣ୍ଡର ହଜାରେ ଟଙ୍କାରେ କିଣିବାକୁ ପଡୁଥିଲା, ଏବେ ୨ହଜାର ଟଙ୍କା ଦେବାକୁ ପଡୁଛି ବୋଲି କହିଛନ୍ତି କିଛି ଦୋକାନୀ । କେବଳ ଜଳଖିଆ ନୁହେଁ ଚା ଦର ମଧ୍ୟ ବଢ଼ିଛି । ପୂର୍ବରୁ ଚା କପ୍ ୫ ଟଙ୍କା ଥିବା ବେଳେ ଏବେ ୭ ଟଙ୍କା ନେଉଛନ୍ତି । ଅନ୍ୟପଟେ ଗ୍ୟାସ୍ ଅଭାବ ଯୋଗୁଁ କାଠର ଚାହିଦା ବଢ଼ିବାରୁ କାଠ ଦର ମଧ୍ୟ ବୃଦ୍ଧି ପାଇଲାଣି । ସେପଟେ ହୋଟେଲମାନଙ୍କରେ ଖାଇବା ଖାଦ୍ୟ ସାମଗ୍ରୀ ଦର ବି ବଢ଼ିଛି | ପ୍ରତି ମିଲ୍ ପିଛା ୫-୧୦ ଟଙ୍କା ବଢ଼ିଥିବା ବେଳେ ହନ୍ତସନ୍ତ ହେଲେଣି ଗ୍ରାହକ । କିଛି ହୋଟେଲ ବନ୍ଦ ହେବା ଯୋଗୁଁ ହୋଟେଲ କର୍ମଚାରୀ ମଧ୍ୟ ଜୀବିକା ହରାଇଲେଣି । କିଛି ଦୋକାନୀମାନେ କହିଛନ୍ତି ଯେ, ସଠିକ ଭାବରେ ଗ୍ୟାସ ମିଳୁନାହିଁ, ତେଣୁ ଦାମ ମଧ୍ୟ ଅଧିକ ରହୁଛି । ଯଦି ଗ୍ୟାସ ସମସ୍ୟା ଦୂର ହୋଇଯାଏ ତାହାଲେ ପୁଣି ଥରେ ପୁରୁଣା ଦାମରେ ବିକ୍ରି କରାଯିବ । ଯଦି ଆଗକୁ ଏଭଳି ସମସ୍ୟା ରହିବ, ତେବେ ହୋଟେଲ ବନ୍ଦ କରିବା ବ୍ୟତୀତ ଆଉ ବିକଳ୍ପ ନାହିଁ ବୋଲି କିଛି ହୋଟେଲ ମାଲିକ କହିଛନ୍ତି ।

# ବିଜେପି କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିର




ମାର୍ଶାଘାଇ,୨୩।୩ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ବେରୁହାଁ ପଞ୍ଚାୟତରେ ଭାଜପା ପକ୍ଷରୁ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଆନ୍ତର୍ଗତ ମଣ୍ଡଳ ସ୍ତରୀୟ ଭାଜପାକର୍ମକର୍ତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତରାୟ,ଜିଲ୍ଲା ସାଧାରଣ ସମ୍ପାଦିକା ପ୍ରତିମା ନାୟକ ପ୍ରମୁଖ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ସୁକାନ୍ତ ପଣ୍ଡା , ବର୍ଗ ସଂଯୋଜକ ଅଶୋକ ବେହେରା, ରମେଶ ଲେଙ୍କା, ବ୍ୟବସ୍ଥା ପ୍ରମୁଖ ନରେଶ ବେହେରା,ରଞ୍ଜନ ବେହେରା, ପ୍ରଶାନ୍ତ ସାହୁ, ବିଭରାଜ ସାମଲ,ଆସୁତୋଷ ମହାପାତ୍ର, ଦେବବ୍ରତ ଚୌଧୁରୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଆର୍‌ଟିଓ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର



କେନ୍ଦ୍ରାପଡ଼ା,୨୩।୩(ସଂଚାର ବ୍ୟୁରୋ): ପ୍ରାଥମିକ ସଡକ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ବସ ଓ ଟ୍ରକ ମାଲିକ ସଙ୍ଘ ସହଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବସ, ଟ୍ରକ ସମେତ ବିଭିନ୍ନ ଯାନର ଚାଳକମାନଙ୍କ ଚକ୍ଷୁ ବିନା ମୂଲ୍ୟରେ ପରୀକ୍ଷା କରାଯିବା ସହ ସେମାନଙ୍କୁ ଆବଶ୍ୟକୀୟ ପରାମର୍ଶ ସହିତ ଔଷଧ ପ୍ରଦାନ କରାଯାଇଥିଲା । ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ ।

## ମନ୍ଥର ଗତିରେ ଚାଲିଛି ନିମ୍ନମାନର ରାସ୍ତା କାର୍ଯ୍ୟ

# କାର୍ଯ୍ୟ ଶେଷ ହେବାକୁ ନେଇ ଆଶଙ୍କା



ନିଶ୍ଚିନ୍ତକୋଇଲି,୨୩।୩ (ସଂଚାର ବ୍ୟୁରୋ):ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ ନତକାଇ ପଞ୍ଚାୟତ ନତକାଇ ବୁଢୀ ଜାଗୁଲାଇ ଠାକୁରାଣୀ ମନ୍ଦିର ଠାରୁ ମହାଜନପୁର (ବାହାବଳପୁର) ଛକ ପର୍ଯ୍ୟନ୍ତ ରାସ୍ତାର ଶୁଭ ଶିଳାନ୍ୟାସ ପୂର୍ବତନ ମନ୍ତ୍ରୀ ତଥା ସେତେବେଳର ମାହାଙ୍ଗା ବିଧାୟକ ପ୍ରତାପ ଜେନା ତା.୦୪.୦୩.୨୦୨୪ ରିଖରେ ଶୁଭ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ହେବାକୁ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଯାହା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଶୁଣିବାକୁ ମିଳୁଛି ରାଜ୍ୟ ବାହାରର ଜନୈକ ଠିକାଦାର ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଭାର ନେଇ କାର୍ଯ୍ୟ କରୁଛନ୍ତି। ହେଲେ ସମ୍ପୃକ୍ତ ଠିକାଦାର କ୍ଷେତ୍ର ଉପରେ ଆଦୌ ନରହି ନିର୍ମାଣ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳର କିଛି ଦଲାଲଙ୍କୁ ଦାୟିତ୍ୱ ଦେଇ ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା କରି ଚୁପ୍ ହୋଇ ବସିଛନ୍ତି। ଦାୟିତ୍ୱ ନେଇଥିବା ଦଲାଲମାନେ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ନିର୍ମାଣ ସାମଗ୍ରୀ ସଠିକ୍ ଭାଗମାପରେ ଦେଉନଥିବା ଏବଂ କାର୍ଯ୍ୟକୁ ଧୀର ମନ୍ଥର ଗତିରେ କରୁଥିବା ଦେଖିବାକୁ ମିଳୁଛି। ଉକ୍ତ ରାସ୍ତାର ଗୋଟିଏ ପଟରେ ରାସ୍ତା ପାଇଁ ଆବଶ୍ୟକୀୟ ଜମିରେ ବିବାଦ ଲାଗି ରହିଥିବାରୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ତାହା ନେଇ ସନ୍ଦେହ ଉପୁଜିଛି। ଗ୍ରାମ୍ୟଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଉକ୍ତ ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ପୁରୁଷୋତ୍ତମ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କୋରେଇ,୨୩।୩(ସଂଚାର ବ୍ୟୁରୋ): କୋରେଇ ବ୍ଲକ ରଣପୁର ପଂଚାୟତର ପୁରୁଷତମ ବିଦ୍ୟା ମନ୍ଦିରର ୧୮ ତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ବିଦ୍ୟାମନ୍ଦିର ସମ୍ପାଦକ ଡ଼ଃ କେଦାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ କୋରେଇ ଥାନା ଅଧିକାରୀ ଶ୍ରୀ ରାକେଶ କୁମାର ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ଠାକୁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବଳରାମ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ସୁଧାଂଶୁ ଶେଖର ନାୟକ,ସଞ୍ଜୟ କୁମାର ପାତ୍ର, ଯୁବ ସାମ୍ବାଦିକ ପ୍ରମୋଦ କୁମାର ପାତ୍ର ଯୋଗ ଦେଇଥିଲେ। ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା।ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସଂଘମିତ୍ରା ମିଶ୍ର'ଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀତ୍ରିପାଠୀ ପିଲା ମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନରେ ହାର ନାମାନି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥି ମାନେ ପିଲାମାନଙ୍କର ପାଠ ପଢ଼ା ସହିତ ଶାରୀରିକ, ବୌଦ୍ଧିକ ବିକାଶର ଗୁରୁତ୍ୱ ଦେବାକୁ ଗୁରୁଜୀ, ଗୁରୁମାଙ୍କୁ ପରାମର୍ଶ ଦେଇଥିଲେ। ପିଲାମାନେ ଏକକ ଅଭିନୟ, ନାଚ,ଗୀତ ପରିବେଷଣ କରି ଉପସ୍ଥିତ ଅବିଭାବକ ଓ ଦର୍ଶକ ମାନଙ୍କର ମନ କିଣି ନେଇଥିଲେ। ପଦନ ଗୁରୁଜୀ ବିଶ୍ୱନାଥ ଗୁରୁଜୀ,ରୁବି ଗୁରୁମା, ଅଞ୍ଜନା ଗୁରୁମା, ଅର୍ଣ୍ଣପୂର୍ଣ୍ଣା ଗୁରୁମା, ସୁବାସିନୀ ଗୁରୁମା, ପୂର୍ଣ୍ଣିମା ଗୁରୁମାଙ୍କ ସହିତ ଆୟା ସଖି ନାନି ପ୍ରମୁଖ ସହଯୋଗ କରିଥିଲେ।

ସଂଚାର SANCHAR
ମଙ୍ଗଳବାର ୨୪ ମାର୍ଚ୍ଚ ୨୦୨୬
ସ୍ୱାସ୍ଥ୍ୟ




# ପ୍ରତିଦିନ ଖାଆନ୍ତୁ ଲିଚୁ

ଖରାଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରବଳ ସୂର୍ଯ୍ୟ କିରଣ ଏବଂ ଗରମ ପବନ ହେତୁ ଲୋକମାନେ ଶୀଘ୍ର ଅସୁସ୍ଥ ହେବାକୁ ଲାଗିଥାନ୍ତି। ଏଭଳି ପରିସ୍ଥିତିରେ କିଛି ଲୋକ ଔଷଧ ଖାଇଥାନ୍ତି, କିନ୍ତୁ ଅତ୍ୟଧିକ ଔଷଧ ଖାଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ। ଏପରି ପରିସ୍ଥିତିରେ, ଆପଣ ଗୋଟିଏ ଫଳ ଖାଇପାରିବେ। ଏହି ଫଳ ଖରାଦିନେ ଆପଣଙ୍କ ଶରୀରକୁ ସୁସ୍ଥ ରଖିବାରେ ବହୁତ ସାହାଯ୍ୟ କରିବ। ସେହି ସବୁ ମଧ୍ୟରୁ ଲିଚି ଅନ୍ୟତମ। ଲିଚି ଏକ ଛୋଟ, ମିଠା ଫଳ, ଯାହାର ବ୍ୟବହାର ଶରୀରକୁ ସୁସ୍ଥ ଏବଂ ଫିଟ୍ ରଖେ। ଲିଚିର କେବଳ ଗୋଟିଏ ନୁହେଁ ଅନେକ ଲାଭ ରହିଛି। ତେବେ ଆସନ୍ତୁ ଏହାର ଉପକାରିତା ବିଷୟରେ ଜାଣିବା।



### ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ

ମିଠା ଏବଂ ରସଯୁକ୍ତ ହେବା ବ୍ୟତୀତ ଲିଚି ଅନେକ ପୋଷକ ତତ୍ତ୍ୱରେ ମଧ୍ୟ ଭରପୂର ଅଟେ। ଯଦି ଆପଣ ଗ୍ରୀଷ୍ମ ସମୟରେ ପ୍ରତିଦିନ ଲିଚି ଖାଆନ୍ତି, ତେବେ ଆପଣ ଏଥିରୁ ଅନେକ ସ୍ୱାସ୍ଥ୍ୟ ଉପକାର ପାଇପାରିବେ। ଖରାଦିନେ ପ୍ରାୟତଃ ଲୋକମାନେ ଜଳ ଅଭାବର ସମ୍ମୁଖୀନ ହୁଅନ୍ତି। ଏପରି ପରିସ୍ଥିତିରେ, ଆପଣ ଲିଚି ଖାଇପାରିବେ। ଲିଚିରେ ଜଳର ମାତ୍ରା ଅଧିକ ଥାଏ ଯାହା ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ। ଲିଚିରେ ଅଧିକ ପରିମାଣର ଫାଇବର ଅଛି, ଯାହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ବହୁତ ସାହାଯ୍ୟ କରିଥାଏ। ଏହା କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ୍ ଭଳି ସମସ୍ୟାକୁ ଦୂର କରିଥାଏ।



### ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ

ସ୍ୱାସ୍ଥ୍ୟ ସହିତ ଲିଚି ସ୍କିନ୍ ଏବଂ କେଶ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥିରେ ଭିଟାମିନ୍ ଏ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ସ୍କିନକୁ ସୁସ୍ଥ ଏବଂ ଗ୍ଲୋଇଂ କରିଥାଏ। ଏହା କେଶକୁ ଶକ୍ତିଶାଳୀ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଯେଉଁମାନେ ମେଦବହୁଳତାର ଶିକାର ହେଉଛନ୍ତି ସେମାନେ ପ୍ରତିଦିନ ଲିଚି ଖାଇପାରିବେ। କାରଣ ଲିଚି କ୍ୟାଲୋରୀରେ କମ୍ ଏବଂ ଫାଇବରରେ ଅଧିକ, ଯାହା ଓଜନ ହ୍ରାସ କରିବାରେ ବହୁତ ସାହାଯ୍ୟ କରିଥାଏ। ଲିଚି ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ୍ ରଖିଥାଏ।



### ଆଖି ପାଇଁ ଲାଭଦାୟକ

ଆଖି ପାଇଁ ମଧ୍ୟ ଲିଚି ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ମୋତିଆବିନ୍ଦୁ ଭଳି ରୋଗର ଆଶଙ୍କା ହ୍ରାସ କରିଥାଏ। ଏଥିରେ ଭରପୂର ମାତ୍ରାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି। ଏହା ଆର୍ଥ୍ରାଇଟିସ୍ ଏବଂ ଯନ୍ତ୍ରଣା ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ମନେରଖନ୍ତୁ ଯେ ଲିଚି ଅତ୍ୟଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଯଦି ଲିଚି ଖାଇବା ପରେ କୌଣସି ପ୍ରକାରର ସମସ୍ୟା ହେଉଛି ତେବେ ନିଶ୍ଚିତ ଭାବରେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

# ରକ୍ତ ଗ୍ଲୁକୋଜ ୧୨୬ ଏମ୍‌ଜି/ଡିଏଲ ଛୁଇଁଲେ ଅଙ୍ଗଗୁଡ଼ିକର କ୍ଷତି ହୁଏ କି ?



କ'ଣ ରକ୍ତରେ ଶର୍କରା ସ୍ତର ୧୨୬ ଏମ୍‌ଜି / ଡିଏଲରେ ପହଞ୍ଚିବା ପରେ ଅଙ୍ଗର କ୍ଷତି ଆରମ୍ଭ ହୁଏ? ଏହାର ସଠିକ୍ ଉତ୍ତର ଦେଇଛନ୍ତି KIMS ହସ୍ପିଟାଲର ମଧୁମେହ ବିଭାଗର ମୁଖ୍ୟ ଡାକ୍ତର ବିଜୟ ନେଗଲୁ। ସେ କହିଛନ୍ତି ଏହା ଆଦୌ ନୁହେଁ। ଡାକ୍ତର ନେଗଲୁ କହିଛନ୍ତି, ଯଦିଓ ମଧୁମେହ ନିର୍ଣ୍ଣୟ ପାଇଁ ରକ୍ତ ଶର୍କରା ସ୍ତର ୧୨୬ ଏମ୍‌ଜି/ ଡିଏଲ ଏକ ସୀମା ଭାବରେ ବ୍ୟବହୃତ ହୁଏ, କିନ୍ତୁ ଏହା ସେହି ସୀମା ନୁହେଁ ଯାହା ପରେ ଶରୀରର କ୍ଷତି ଆରମ୍ଭ ହୁଏ। ମଣିଷର ମେଟାବୋଲିଜିମ୍ ସେପରି କାମ କରେ ନାହିଁ, ଯେଉଁଠାରେ ନିର୍ଦ୍ଦିଷ୍ଟ ରକ୍ତ ଶର୍କରା ସ୍ତର ଏକ ସ୍ୱିଚ୍ ଭାବରେ କାର୍ଯ୍ୟ କରେ ଯାହା ପରେ କ୍ଷତି ଆରମ୍ଭ ହୁଏ। କ୍ଷତି ଧୀରେ ଧୀରେ ସମୟ ସହିତ ହୋଇଥାଏ। ଡାକ୍ତରଙ୍କ ଅନୁସାରେ, ଯଦି ଗ୍ଲୁକୋଜ୍ ସ୍ତର ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ରହିଥାଏ, ତେବେ ଏହା ଛୋଟ ରକ୍ତବାହୀ ନଳୀ ଏବଂ ସ୍ନାୟୁଗୁଡ଼ିକୁ ପ୍ରଭାବିତ କରିପାରେ, ଯାହା ଫଳସ୍ୱରୂପ ଆଖି, ବୃକକ୍ ଏବଂ ହୃଦୟ ଭଳି ଅଙ୍ଗଗୁଡ଼ିକୁ ପ୍ରଭାବିତ କରିପାରେ। ଏହା ନିଶ୍ଚିତ ଭାବରେ ଗ୍ଲୁକୋଜ୍ ସ୍ତର, ଉଚ୍ଚ ଗ୍ଲୁକୋଜ୍ ସ୍ତରର ଅବଧି ଏବଂ ବ୍ୟକ୍ତିର ସ୍ୱାସ୍ଥ୍ୟ ସ୍ଥିତି ଉପରେ ନିର୍ଭର କରେ। ଖାଲି ପେଟରେ ରକ୍ତ ଶର୍କରା ସ୍ତର ୯୦ ଏମ୍‌ଜି/ ଡିଏଲ ସାଧାରଣ ପରିସର ମଧ୍ୟରେ ଅଛି ଏବଂ ଏହା ସୂଚାଇଥାଏ ଯେ ଆପଣଙ୍କର ଗ୍ଲୁକୋଜ୍ ସ୍ତର ନିୟନ୍ତ୍ରଣରେ ଅଛି। ଡକ୍ଟର ନେଗଲୁ ସ୍ପଷ୍ଟ କରିଛନ୍ତି, ଖାଲି ପେଟ ଶର୍କରାର ସ୍ତର ୧୧୦ ଏମ୍‌ଜି/ ଡିଏଲ ହେବା ଏହା ସଙ୍କେତ ଦେଇଥାଏ ଯେ ଆପଣଙ୍କ ଶରୀର ପ୍ରି-ଡାଇବେଟିସ୍ ଅବସ୍ଥାରେ ଅଛି, ଯାହା ସାଧାରଣତଃ ୧୦୦ ରୁ ୧୨୫ ଏମ୍‌ଜି/ ଡିଏଲ ମଧ୍ୟରେ ଥାଏ। ଏହାର ଅର୍ଥ ନୁହେଁ ଯେ ୧୧୦ ଏମ୍‌ଜି/ ଡିଏଲ ରହିବା ଦ୍ୱାରା ଆପଣଙ୍କ ଶରୀରରେ ତୁରନ୍ତ ଜଟିଳତା ସୃଷ୍ଟି କରିବ। ତଥାପି, ଏହା ସୂଚାଇପାରେ ଯେ ଆପଣଙ୍କ ଶରୀର ଇନସୁଲିନ୍ ପ୍ରତିରୋଧର ଲକ୍ଷଣ ଦେଖାଇବା ଆରମ୍ଭ କରିଛି। ଯଦିଓ ଆପଣଙ୍କ ଶରୀର ଏହି ସମୟରେ ଗ୍ଲୁକୋଜ୍ ସ୍ତରକୁ ନିୟନ୍ତ୍ରଣ କରିବାକୁ ସକ୍ଷମ, ତଥାପି ଏଥିପାଇଁ ଏହାକୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

# ଖରାଦିନେ ପେଟକୁ ଥଣ୍ଡା ଛତୁଆ ପାଣି



ଖରାଦିନ ଆରମ୍ଭ ହୋଇଯାଇଛି। ଏହି ଦିନେ ଶରୀରକୁ ଥଣ୍ଡା ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଗ୍ରୀଷ୍ମ ଦିନେ ପେଟ ଥଣ୍ଡା ରହିବା ନିହାତି ଜରୁରୀ। ଯଦି ପେଟ ଠିକ୍ ରୁହେ, ତେବେ ଶରୀର ସୁସ୍ଥ। ପ୍ରଚଣ୍ଡ ଖରାତାତିରୁ ରକ୍ଷା ପାଇବା ପାଇଁ ଜୁସ୍, ଆଇସକ୍ରିମ୍, କୋଲ୍ଡ ଡ୍ରିଙ୍କସ୍ ଭଳି ଥଣ୍ଡା ପାନୀୟ ପିଇବାକୁ ଅନେକ ପସନ୍ଦ କରିଥାଆନ୍ତି। ଦୁ ଦୁ ଖରାରେ ସୂର୍ଯ୍ୟଙ୍କ କିରଣ ଏତେ ଟାଣ ଥାଏ ଯେ ଘରୁ ବାହାରିବା ମୁସ୍କିଲ ହୋଇଯାଏ। ଏଭଳି ସମୟରେ ଲୋକମାନେ ଶରୀରକୁ ଥଣ୍ଡା ରଖିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି। ତେବେ କୋଲ୍ଡ ଡ୍ରିଙ୍କସ୍, ଆଇସକ୍ରିମ୍ ଭଳି ଥଣ୍ଡା ପାନୀୟ ଅପେକ୍ଷା ଶରୀର ପାଇଁ ସତୁ ବା ଛତୁଆ ଜୁସ୍ ବହୁତ ଲାଭଦାୟକ ହୋଇଥାଏ। ସତୁ ଏକ ପାରମ୍ପରିକ ଭାରତୀୟ ପାନୀୟ। ଏହା ଭଜା ଚଣାରୁ ତିଆରି ହୋଇଥାଏ। ଭଜା ଚଣାକୁ ପେସା ଯାଇ ଛତୁଆ ତିଆରି କରାଯାଏ। ଏହାର ଥଣ୍ଡା ପ୍ରଭାବ ହେତୁ ସାଧାରଣତଃ ଖରାଦିନେ ଛତୁଆ ସର୍ବତକୁ ଅଧିକ ମାତ୍ରାରେ ପିଆଯାଏ। ଆସନ୍ତୁ ଜାଣିବା, ସତୁ ସର୍ବତ ପିଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ। ଖରାଦିନେ ଛତୁଆ ବା ସତୁ ପାଣି ଶରୀର ପାଇଁ ବହୁତ ହିତକାରୀ ହୋଇଥାଏ। ଏହା ଆପଣଙ୍କ ଶରୀରରେ ଜଳୀୟ ଅଂଶ ବଜାୟ ରଖିବାରେ ସାହାଯ୍ୟ କରେ। ଶରୀର ଉପରେ ସତୁ ଶୀତଳତା ପ୍ରଭାବ ପକାଏ। ଏହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ଏବଂ ଗରମ ପ୍ରଭାବକୁ ରୋକିବାରେ ସାହାଯ୍ୟ କରିଥାଏ। ସତୁରେ ଭରପୂର ମାତ୍ରାରେ ପୁଷ୍ଟିସାର ରହିଛି। ପ୍ରୋଟିନ, ଫାଇବର, ଲୌହ, କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମ ପରି ଜରୁରୀ ପୁଷ୍ଟିକର ତତ୍ତ୍ୱ ଏଥିରୁ ମିଳିଥାଏ। ଏହା ଶରୀରରେ ପୁଷ୍ଟିସାର ଅଭାବ ହେବାକୁ ଦିଏନାହିଁ। ସତୁରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହାର ଅର୍ଥ, ଏହା ରକ୍ତରେ ଶର୍କରା ସ୍ତରକୁ ଦ୍ରୁତ ଗତିରେ ବୃଦ୍ଧି କରେ ନାହିଁ। ତେଣୁ ମଧୁମେହ ରୋଗୀ କିମ୍ବା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରୁଥିବା ଲୋକଙ୍କ ପାଇଁ ଏହା ଏକ ଭଲ ପସନ୍ଦ ହୋଇଥାଏ। ସତୁରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାକୁ ଠିକ୍ ରଖିଥାଏ ଏବଂ କୋଷ୍ଠକାଠିନ୍ୟକୁ ରୋକିବାରେ ସାହାଯ୍ୟ କରିଥାଏ। ସତୁରେ କ୍ୟାଲୋରୀ କମ୍ ଏବଂ ଫାଇବର ଓ ପ୍ରୋଟିନ୍ ଅଧିକ ଥାଏ। ତେଣୁ ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ଭଲ ବିକଳ୍ପ ହୋଇପାରେ।

# ପ୍ରତିଦିନ ଖାଆନ୍ତୁ ଡାଲି, ମିଳିବ ପ୍ରଚୁର ପ୍ରୋଟିନ୍

ସବୁ ଭାରତୀୟ ଲୋକଙ୍କ ପ୍ରିୟ ଖାଦ୍ୟ ହେଉଛି ଭାତ ଓ ଡାଲି। ସମସ୍ତଙ୍କର ପ୍ରଥମ ପସନ୍ଦ ଭାତ ଓ ଡାଲି। ଯେକୌଣସି ବ୍ୟକ୍ତିଙ୍କୁ ଯଦି ଶୀଘ୍ର ଖାଦ୍ୟ ରାନ୍ଧିବାର ଥାଏ ତେବେ ଭାତ ଓ ଡାଲି ତିଆରି କରିଦିଅନ୍ତି। ବହୁତ ଲୋକ ଅଛନ୍ତି ଯେଉଁମାନେ କାମରେ ବ୍ୟସ୍ତତା ଯୋଗୁଁ ସକାଳେ ବା ଅପରାହ୍ନରେ ନୁହେଁ ବରଂ ରାତିରେ ବି ଭାତ, ଡାଲି ସହ କଣ ଟିକେ ଲଗେଇ ଖାଇ ଦିଅନ୍ତି। ତେବେ ଆପଣ ବିଭିନ୍ନ ପ୍ରକାର ଡାଲି ଖାଇଥିବେ। ଡାଲି ପ୍ରତିଦିନ ଭାରତୀୟ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ। ମୁଗ, ଚଣା, ମସୁର ଏବଂ ହରଡ଼ ଭଳି ଡାଲି ପ୍ରତ୍ୟେକ ଘରେ ଖିଆଯାଏ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ପ୍ରତ୍ୟେକ ଡାଲିର ଏକ ଭିନ୍ନ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟ ପ୍ରଭାବ ଥାଏ ? ଆମେ ପ୍ରାୟତଃ ସ୍ୱାଦ କିମ୍ବା ଅଭ୍ୟାସ ଅନୁସାରେ ଡାଲି ବାଛୁ, କିନ୍ତୁ ସଠିକ୍ ଡାଲି ବାଛିବା ଆମର ପାଚନ, ହୃଦୟ ସ୍ୱାସ୍ଥ୍ୟ, ଓଜନ ଏବଂ ରକ୍ତ ଶର୍କରା ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଶରୀରକୁ ମଜବୁତ କରିବା, ମାଂସପେଶୀର ସଠିକ୍ କାର୍ଯ୍ୟ ସୁନିଶ୍ଚିତ କରିବା ଏବଂ ଦିନସାରା ଶକ୍ତି ସ୍ତର ବଜାୟ ରଖିବା ପାଇଁ ପ୍ରୋଟିନ୍ ଜାତୀୟ ଖାଦ୍ ଖାଇବା ଜରୁରୀ। ସାଧାରଣତଃ ଆମର ଦୈନନ୍ଦିନ ଖାଦ୍ୟରେ ବ୍ୟବହୃତ ଡାଲି ମଧ୍ୟ ପ୍ରୋଟିନର ଏକ ଉତ୍କୃଷ୍ଟ ଉତ୍ସ ଭାବରେ କାର୍ଯ୍ୟ କରେ। କିନ୍ତୁ, ପ୍ରାୟତଃ ପ୍ରଶ୍ନ ଉଠେ: କେଉଁ ନିର୍ଦ୍ଦିଷ୍ଟ ଡାଲିରେ ସର୍ବାଧିକ ପରିମାଣର ପ୍ରୋଟିନ୍ ଥାଏ ଏବଂ କେଉଁଗୁଡ଼ିକୁ ଜଣଙ୍କର ଦୈନନ୍ଦିନ ଖାଦ୍ୟରେ ସାମିଲ କରାଯିବା ଉଚିତ ? ଆସନ୍ତୁ ଜାଣିବା।



**କୋଳଥ ଡାଲି:** କୋଳଥ ଡାଲି ପ୍ରୋଟିନର ଏକ ଉତ୍କୃଷ୍ଟ ଉତ୍ସ। ପ୍ରତି ୧୦୦ ଗ୍ରାମ ଡାଲିରେ ପ୍ରାୟ ୨୨ ରୁ ୨୪ ଗ୍ରାମ ପ୍ରୋଟିନ ଥାଏ। ପ୍ରୋଟିନ ବ୍ୟତୀତ ଏହା ଫାଇବର, ଆଇରନ ଏବଂ କ୍ୟାଲସିୟମରେ ମଧ୍ୟ ଭରପୂର ଏବଂ ଓଜନ ହ୍ରାସ ଏବଂ କିଡନୀ ଷ୍ଟୋନ୍ ପାଇଁ ଏହାକୁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ।

**ବିରି ଡାଲି:** ବିରି ଡାଲି ହେଉଛି ପ୍ରୋଟିନ ପାଇଁ ସବୁଠୁ ଭଲ। ପ୍ରତି ୧୦୦ ଗ୍ରାମରେ ପ୍ରାୟ ୨୫ ଗ୍ରାମ ପ୍ରୋଟିନ ଥାଏ, ଯାହା ମାଂସପେଶୀକୁ ମଜବୁତ କରିବାରେ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିବାରେ ସାହାଯ୍ୟ କରେ।

**ମସୁର ଏବଂ ମୁଗ ଡାଲି:** ଏଗୁଡ଼ିକ ବ୍ୟତୀତ, ମସୁର ଡାଲି ଏବଂ ମୁଗ ଡାଲି ମଧ୍ୟ ପ୍ରୋଟିନରେ ଭରପୂର। ଏହି ଦୁଇଟି ଡାଲି ହାଲୁକା ଏବଂ ସହଜରେ ହଜମ ହୋଇପାରେ; ତେଣୁ ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଲାଭଦାୟକ।

**ହରଡ଼ ଡାଲି:** ହରଡ଼ ଡାଲି ପ୍ରୋଟିନର ଏକ ଉତ୍କୃଷ୍ଟ ଉତ୍ସ, ଯେଉଁଥିରେ ପ୍ରାୟ ୨୦-୨୫% ପ୍ରୋଟିନ୍ ଥାଏ। ଏଥିରେ ଫାଇବର, ଆଇରନ୍, ଫୋଲେଟ୍ ଏବଂ ମ୍ୟାଗ୍ନେସିୟମ୍ ମଧ୍ୟ ଭରପୂର। ଏହାର ନିୟମିତ ସେବନ ହାର୍ଟ ସ୍ୱାସ୍ଥ୍ୟ ପାଇଁ ଭଲ।

**କେତେ ପରିମାଣର ଡାଲି ଖାଇବା ଉଚିତ:** ପ୍ରତିଦିନ ଅତି କମରେ ଗୋଟିଏ ପାତ୍ର ଡାଲି ଖାଇବା ଉଚିତ। ଯଦି ଆପଣ ଚାହାଁନ୍ତି, ତେବେ ଆପଣ ବିଭିନ୍ନ ପ୍ରକାରର ଡାଲି ମିଶ୍ରଣ କରି ଏକ "ମିଶ୍ରିତ ଡାଲି" ପ୍ରସ୍ତୁତ କରିପାରିବେ, ଯାହା ଦ୍ୱାରା ଶରୀରକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ମିଳିବ।

## ଜୟଦେବ ମାଟିରେ ଦଳଦ୍ରୋହୀଙ୍କ ପାଇଁ ସ୍ଥାନ ନାହିଁ



ବାଲିପାଟଣା,୨୩।୩(ସଂଚାର ବ୍ୟୁରୋ)ଃ ଯାହା ସନ୍ଦେହ କରାଯାଉଥିଲା, ଶେଷରେ ତାହା ହିଁ ହେଲା। ଦଳ ସହ ବିଶ୍ୱାସଘାତକତା ଏବଂ କ୍ରସ୍ ଭୋଟିଂର କଳଙ୍କିତ ଅଧ୍ୟାୟ ପରେ ବିଧାୟକ ନବ କିଶୋର ମଲ୍ଲିକଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି ବିଜେଡି ସୁପ୍ରିମୋ। ଏହି ନିଷ୍ପତ୍ତି ପରେ ବାଲିପାଟଣା ରାଜନୈତିକ ମଇଦାନରେ ଏକ ପ୍ରକାର 'ଭୂକମ୍ପ' ସୃଷ୍ଟି ହୋଇଛି। କିନ୍ତୁ ଏହି ଭୂକମ୍ପ ବିଧାୟକଙ୍କ ପାଇଁ ବିପଦ ଆଣିଥିବା ବେଳେ ସ୍ଥାନୀୟ ବିଜେଡି କର୍ମୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ପାଲଟିଛି। ଆଜି ଜୟଦେବ ବିଜେଡି ପକ୍ଷରୁ ସରାଟ ନୀଳକଣ୍ଠେଶ୍ୱରଙ୍କ ପୀଠରରେ ଆୟୋଜିତ ଏକ ଜରୁରୀକାଳୀନ ପ୍ରେସ ମିଟ୍‌ରେ କର୍ମୀମାନେ ନିଜର କ୍ରୋଧ ଏବଂ ଉତ୍ସାହକୁ ପ୍ରକାଶ କରିଛନ୍ତି। ନବ କିଶୋରଙ୍କ ନିଲମ୍ବନ ପାଇଁ ଦଳୀୟ ସୁପ୍ରିମୋଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇ କର୍ମୀମାନେ କହିଛନ୍ତି ଯେ, 'ଜୟଦେବ ମାଟିରେ ଦଳଦ୍ରୋହୀଙ୍କ ପାଇଁ କୌଣସି ସ୍ଥାନ ନାହିଁ। ବିଧାୟକ ଦଳର ଶୃଙ୍ଖଳା ଭାଙ୍ଗି କେବଳ ଦଳକୁ ନୁହେଁ, ବରଂ ହଜାର ହଜାର କର୍ମୀଙ୍କ ଭରସାକୁ ମଧ୍ୟ ଭାଙ୍ଗିଥିଲେ।' ଆଜିର ଏହି ପ୍ରେସମିଟରେ ପୂର୍ବତନ ବିଜେଡି ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିବିକ୍ରମ ଦାସ, ବିନେଷ କୁମାର ନାୟକ, ସନ୍ଦିପ୍ତ ସେନାପତି, ସୋଲାର ମିଶ୍ର, ଜଗନ୍ନାଥ ପଣ୍ଡା, ଅମୂଲ୍ୟ ପ୍ରଧାନ, ମାନସ ପଣ୍ଡାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ତହସିଲ ଅଞ୍ଚଳ

ବୈଶିଙ୍ଗା,୨୩।୩ (ସଂଚାର ବ୍ୟୁରୋ)ଃ ଦିନକୁ ଦିନ ବାଲି ମାଫିଆ ଙ୍କର ଭୂସ୍ୱର୍ଗ ପାଲଟିଥିବା ଆମ ବେତନଟୀ ତହସିଲ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟାଳୟ ଅଧିନ ବୁଢ଼ାବଳଙ୍ଗ ନଦୀର ଉଭୟ ପଠାର ବିସ୍ତୃତ ଅଞ୍ଚଳରୁ ଦୈନିକ ଶହ ଶହ ବାଲି ବୋଝେଇ ଡମ୍ପର, ହାଇୱା ଆଦି ବଡ ବଡ ଗାଡିରେ ବାଲି ସବୁ ବାଲେଶ୍ୱର ଅଞ୍ଚଳକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ନିଲାମ ହୋଇଥିବା ବାଲି ଖାଦାନ ଗୁଡ଼ିକୁ ଆବଶ୍ୟକ କେ ଫର୍ମ ନ ଯୋଗାଇ ତହସିଲଦାର ମଧ୍ୟସ୍ଥି ଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବଟୀ ନେଉଥିବାର ଅଭିଯୋଗ ହେଉଛି। ବୁଢ଼ାବଳଙ୍ଗ ନଦୀର କାଠପାଳ.ଦାରିହା, ନାଖରା, ବେଲାଣପୁରା, ପାଟଳିପୁରା, ପ୍ରତିମାଦେଇପୁର, ଖଣ୍ଡଦେଉଳା, ଡେଁଫୌଦା, କଣ୍ଟିପୁର ପର୍ଯ୍ୟନ୍ତ ନଦୀ ପଠାରୁ ଏତେ ପରିମାଣର ବାଲି ଉଠାଯାଇଛି ଯାହାକି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରିଛି। ଦୀର୍ଘଦିନ ଧରି ବର୍ଷା ହୋଇ ନ ଥିବାରୁ ନଦୀରେ ଆଦୌ ପାଣି ନାହିଁ, ଫଳରେ ବାଲି ମାଫିଆ ଙ୍କୁ ସାରା ରାତି ବାଲି ଚାଲାଣ କରିବାକୁ ସୁବିଧା ହେଉଛି। ମାତ୍ର ଗରୀବ ଆବାସ ହିତାଧିକାରୀ ନିଜର ଛୋଟ କାମଟିଏ କରିବାପାଇଁ ଟ୍ରାକ୍ଟର ଯୋଗେ ୨/୩ ଟ୍ରିପ୍ ବାଲି ଆଣିବା ବେଳକୁ ତାଙ୍କ ଗାଡିକୁ ଜବଦ କରି ଲୋକଦେଖାଣିଆ ଭାବେ ତାଙ୍କଠାରୁ ଜୋରିମାନା ଆଦାୟ କରା ଯାଉଥିବାର ଅଭିଯୋଗ ହେଉଛି। ସେହି ଜୋରିମାନା ଆଦାୟରେ ମଧ୍ୟ ହେରଫେର ହେଉଥିବାର ଖବର ଟ୍ରାକ୍ଟର ମାଲିକ ଙ୍କ ଠାରୁ ଜଣାଯାଇଛି। ଦଶ ହଜାର ଟଙ୍କାର ଜୋରିମାନା ନେଲେ ହଜାରେ ଟଙ୍କାର ରସିଦ ଦିଆଯାଉଛି। ଏଭଳି ଖବର ହସ୍ତଗତ ହେବାପରେ ତହସିଲଦାର ଙ୍କ କାର୍ଯ୍ୟାଳୟର ଜନୈକ ଅଧିକାରୀଙ୍କୁ ଯୋଗା ଯୋଗ କରାଯିବା ପରେ ସେ ଏହାକୁ ଖଣ୍ଡନ କରିବା ସହିତ ମାଇନିଂ ବିଭାଗର ଏହି ଦାୟିତ୍ୱ ଥିବାରୁ ଆମ୍ଭେ ସେ ବିଷୟରେ ଜାଣିନାହୁଁ। 'ତିନି ଥେଣ୍ଟିଆ କାକୁଡି ବାଡି ଖାଆରେ ଶିଆଳ ବେକ ମୋଡି 'ଏହି ଭକ୍ତିରେ ମାଇନିଂ, ତହସିଲ, ଓ ପୋଲିସ ପ୍ରଶାସନ ସମସ୍ତେ ଜାଣ ନ ଜାଣିବା ଭଳି ହେଉଛନ୍ତି।




## ନୂତନ ଯୁବମୋର୍ଚ୍ଚା ସଭାପତିଙ୍କୁ ବଲସକୁମ୍ପା ମଣ୍ଡଳର ସମ୍ବର୍ଦ୍ଧନା



କନ୍ଧମାଳ,୨୩।୩ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାର ନୂତନ ଭାବେ ଚୟନ ହୋଇଥିବା ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ଦିବ୍ୟରଞ୍ଜନ ଡାକୁଆଙ୍କୁ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ବିଜେପି ମଣ୍ଡଳ ପକ୍ଷରୁ ଶନିବାର ଦିନ ଭେଟି ସମ୍ବର୍ଦ୍ଧନା ଜଣାଯାଇଛି। ମଣ୍ଡଳର ସାଧାରଣ ସମ୍ପାଦକ ଶ୍ରୀ ଦେବାଶିଷ ସାହାଣୀଙ୍କ ନେତୃତ୍ୱରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଯୁବ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ପୃଷ୍ଟି ସହ ମନୋଜ ବେହେରା ଓ ପ୍ରଦୀପ ପ୍ରଧାନ ଉପସ୍ଥିତ ଥିଲେ। ସମସ୍ତେ ମିଶି ନୂତନ ସଭାପତିଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦିବ୍ୟରଞ୍ଜନ ଡାକୁଆ ଦଳର ଯୁବ ଶକ୍ତିକୁ ସଙ୍ଗଠିତ କରିବା ସହ ଜିଲ୍ଲାରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ସେଥିପାଇଁ ସମସ୍ତ କର୍ମୀଙ୍କ ସହଯୋଗ ଓ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ।

## ମହାସମାବେଶ ପାଇଁ କନ୍ଧମାଳରେ ପ୍ରସ୍ତୁତି ବୈଠକ



କନ୍ଧମାଳ,୨୩।୩ (ସଂଚାର ବ୍ୟୁରୋ)ଃ ଆସନ୍ତା ଏପ୍ରିଲ ୬ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଆଦିବାସୀ ମହାରାଲି ଓ ମହାସମାବେଶକୁ ନେଇ କନ୍ଧମାଳ ଜିଲ୍ଲାରେ ପ୍ରସ୍ତୁତି ଜୋରଦାର ହୋଇଛି। ରାଜ୍ୟ ଆଦିବାସୀ ମହାସଂଘ, ଓଡ଼ିଶା ପକ୍ଷରୁ ଆଦିବାସୀମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଏହି ମେଗା ସମାବେଶ ଆୟୋଜିତ ହେବାକୁ ଥିବା ବେଳେ, ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟାପକ ଯୋଗଦାନ ହେବ। ଏହାକୁ ସଫଳ କରିବା ପାଇଁ ଆଦିବାସୀ ମହାସଂଘ କନ୍ଧମାଳ ଶାଖା ପକ୍ଷରୁ ଆଜି ଫୁଲବାଣୀ ସ୍ଥିତ କୁଇ ସମାଜ ସେବା ସମିତି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଶ୍ରୀ ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଆଗାମୀ ସମାବେଶରେ କନ୍ଧମାଳରୁ ବିପୁଳ ସଂଖ୍ୟକ ଲୋକଙ୍କ ଯୋଗଦାନ ସୁନିଶ୍ଚିତ କରିବାକୁ ଆଲୋଚନା ହୋଇଥିଲା।ବୈଠକରେ ସଂଘର ସମ୍ପାଦକ ଶ୍ରୀ ଜିତେନ୍ଦ୍ର କୁମାର ନାଏକ, କୋଷାଧ୍ୟକ୍ଷ ଜୟ ମଙ୍ଗଳ ପ୍ରଧାନ, ଉପସଭାପତି ପ୍ରେମାନନ୍ଦ ମାଝୀ, କୁଇ ସମାଜ ସେବା ସମିତିର ସାଧାରଣ ସମ୍ପାଦକ ଶ୍ରୀ ଅବନୀ କୁମାର କହଁର, ନାରୀ ନେତ୍ରୀ ସୌଦାମିନୀ କହଁର ଓ ସୁନିତୀ କହଁର, କୁଇ ସମାଜ ଯୁବ ପରିଷଦ ସୋସିଆଲ କୋଡିନେଟର ସହ ଆଦିବାସୀ ସରକାରୀ କର୍ମଚାରୀ କଲ୍ୟାଣ ସଂଘ କନ୍ଧମାଳ ସାଧାରଣ ସମ୍ପାଦକ ଶ୍ରୀ ଗଙ୍ଗାଧର କହଁର, ଅବସରପ୍ରାପ୍ତ ଶିକ୍ଷା ବିଭାଗ ଶ୍ରୀ କିଶୋର ଘଟାଲ, କୁଇ ସମାଜ ସେବା ସମିତି ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ଘଟାଲ, ଫିରିଙ୍ଗିଆ ଶାଖା କୁଇ ସମାଜ ସଭାପତି ମୁକୁନ୍ଦ କହଁର, କୋଟଗଡ଼ ବ୍ଲକ କୁଇକୁଳ ସଂଗଠକ ମାଧବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ସ୍ୱାକ୍ ଦଳ



କନ୍ଧମାଳ : ୨୩/୦୩/୦୨୬. କନ୍ଧମାଳ ଜିଲ୍ଲାର ସୋସିଆଲ ୱର୍କର୍ସ ଆସୋସିଏସନ କନ୍ଧମାଳ (ସ୍ୱାକ୍) ପକ୍ଷରୁ ଉଦ୍ଧାର କରି ସ୍ଥାୟୀ ଥଇଥାନ କରାଯାଇଥିବା ମାନସିକ ରୋଗୀ ଅଳକା ପ୍ରଧାନଙ୍କୁ ସମ୍ପ୍ରତି ସ୍ୱାକ୍ ଟିମ୍ ପସରା ସ୍ଥିତ ଯୁବ ଜ୍ୟୋତି ଯୁବକ ସଂଘ ଆଶ୍ରମରେ ପରିଦର୍ଶନ କରି ତାଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ ଗତ ଜାନୁଆରୀ ୨ ତାରିଖରେ ଘୁ.ଉଦୟଗିରି ବନ୍ଧ ଛକ ନିକଟରେ ଅଳକା ପ୍ରଧାନ ମାନସିକ ଭାବେ ଅସ୍ଥିର ଅବସ୍ଥାରେ ମୁଣ୍ଡରେ ବୁଜୁଳା ବୋହି ଭୂଇଁରେ ଗୁରୁଣ୍ଡି ଉଲଗ୍ନ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ସେତେବେଳେ ତାଙ୍କର ପରିସ୍ଥିତି ଅତ୍ୟନ୍ତ ଦୟନୀୟ ଥିଲା। ଲୋକମାନେ ଦେଖି ଲଜ୍ଜା ବୋଧ କରୁଥିଲେ କିନ୍ତୁ ତାଙ୍କୁ ଯତ୍ନ କରିବା କିମ୍ବା ଆଶ୍ରୟ ଦେବା ପାଇଁ କାହାରି ପକ୍ଷରେ ସମ୍ଭବ ହେଉନଥିଲା। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖି ସ୍ୱାକ୍ ଦଳ ଜିଲ୍ଲାପାଳଙ୍କ ନିକଟରେ ଦୃଷ୍ଟିଗୋଚର କରିଥିଲେ ଏବଂ ତାଙ୍କ ପ୍ରତି ସହାନୁଭୂତି ଦେଖାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଉଦ୍ଧାର କରିଥିଲେ।ଉଦ୍ଧାର ପରେ ତାଙ୍କୁ ଚକାପାଦ ନିକଟ ପସରାରେ ଅବସ୍ଥିତ ଯୁବ ଜ୍ୟୋତି ଯୁବକ ସଂଘ ଆଶ୍ରମରେ ରଖି ଚିକିତ୍ସା ଯତ୍ନ ନେବା ସହ ସେବା ଯୋଗାଇ ଦିଆଯାଉଛି। ଦୀର୍ଘ ସମୟ ଧରି ଯତ୍ନ ଓ ଚିକିତ୍ସା ପାଇବା ପରେ ବର୍ତ୍ତମାନ ତାଙ୍କ ମାନସିକ ଓ ଶାରୀରିକ ସ୍ଥିତିରେ ଧୀରେଧୀରେ ସୁଧାର ଦେଖାଯାଉଛି। ସ୍ୱାକର ସଭାପତି ଆମନ୍ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ଦଳ ଆଶ୍ରମକୁ ପହଞ୍ଚି ଅଳକାଙ୍କ ସହ କଥାବାର୍ତ୍ତା କରିଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର




ସୁବର୍ଣ୍ଣପୁର,୨୩।୩ (ସଂଚାର ବ୍ୟୁରୋ)ଃ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୋନପୁର ଶାଖା ପକ୍ଷରୁ ଅନୁଷ୍ଠିତ ଆଲୋଚନା ଚକ୍ର 'ସ୍ୱ ପରିବର୍ତ୍ତନ ରୁ ବିଶ୍ୱ ପରିବର୍ତ୍ତନ' କାର୍ଯ୍ୟ କ୍ରମ ମହା ସମାରୋହ ରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଯୋଗ ଦେଇ ମଣିଷ ର ବେଶ ପୋଷାକ ଚେହେରା ଆମ ପରିଚୟ ନୁହେଁ, ଆମ ଭିତରେ ଯିଏ ବସିଛି ଆମକୁ ନିୟନ୍ତ୍ରଣ କରୁଛି ସିଏ ହେଉଛି ଆତ୍ମା, ଆଉ ସେଟା ହେଉଛି ଆମ ପ୍ରକୃତ ପରିଚୟ ବୋଲି କହିଥିଲେ। କିନ୍ତୁ ଜୀବନ ର ସବୁଠୁ କଷ୍ଟ ହେଉଛି ଆତ୍ମା କୁ ଚିହ୍ନିବା ଜାଣିବା, ତେଣୁ ତାକୁ ଚିହ୍ନିବାକୁ ଆଉ ଚେଷ୍ଟା କରନ୍ତୁ ନାହିଁ କାରଣ ଏଇ ଅନୁଷ୍ଠାନ କୌଣସି ଧାର୍ମିକ ଅନୁଷ୍ଠାନ ନୁହେଁ, ଏ ଅନୁଷ୍ଠାନ ର ଧର୍ମ ହେଉଛି ମାନବ ଧର୍ମ, ମଣିଷ କୁ ମଣିଷ ବୋଲି ଚିହ୍ନିବା ଏହାର କାମ ବୋଲି କହିଥିଲେ। ଏହା ହେଉଛି ଆତ୍ମିକ ଅନୁଷ୍ଠାନ ଯିଏକି ଆତ୍ମା ସହିତ ପରମାତ୍ମା ସହିତ ସମ୍ପର୍କ ରଖେ ବୋଲି କହିଥିଲେ। ମଣିଷ ମରିବାଟା ସୁନିଶ୍ଚିତ ତ ଗର୍ବ ଅହଙ୍କାର ଦେଖାଇବା ଅନୁଚିତ, ମଣିଷ କୁ ସ୍ନେହ ଆଦର କଲେ ଭଲ ପାଇଲେ ନିଜ ଘର କୁ ବି ମନ୍ଦିର କରି ପାରିବା ବୋଲି କହିଥିଲେ। କାହାକୁ ଆମେ ନିନ୍ଦା କରିବା ନାହିଁ, ଘୃଣା କରିବା ନାହିଁ, ଗାଳି କରିବା ନାହିଁ ବେଶ ଏତିକି ହେଲେ ପରିବର୍ତ୍ତନ ନିଶ୍ଚିତ ବୋଲି କହିଥିଲେ।

## ୫୦କେଜି ଗଞ୍ଜେଇ ଜବତ

ସୁବର୍ଣ୍ଣପୁର,୨୩।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲା ତରଭା ଥାନା ସକାଳ ପ୍ରାୟ ୦୮.୪୫ ରେ, ତରଭା ଥାନାର ଆଇଆଇସି ଇନ୍ସପେକ୍ଟର ଅନିତା କିଡୋ, ଥାନା କର୍ମଚାରୀଙ୍କ ସହିତ ତରଭା ଥାନା ସୀମା ଅନ୍ତର୍ଗତ ମରାଡୁଗୋଚ୍ଛା, ଲକ୍ଷ୍ମୀମୁଣ୍ଡା, ଗୁଞ୍ଜିମୁଣ୍ଡା, ଦେଓଗାଁ ଇତ୍ୟାଦି ଗ୍ରାମ ଅଞ୍ଚଳରେ ପାଟ୍ରୋଲିଂକୁ କରୁଥିଲେ । ସେହି ସମୟରେ ଏକ ବିଶ୍ୱସ୍ତ ସୂଚନା ପାଇଥିଲେ ଯେ ବୌଦ୍ଧ ଜିଲ୍ଲା କଣ୍ଟାମାଲ ଥାନାର ବନ୍ଧପାଲି ଗ୍ରାମର ଜଣେ ଗଞ୍ଜେଇ ବ୍ୟବସାୟୀ ରାମ ସାହୁ ଏବଂ ୦୮ ରୁ ୧୦ ଜଣ ବ୍ୟକ୍ତି ନିଜ ଅସାଧୁ ଲାଭ ପାଇଁ ରାଜ୍ୟ ବାହାରକୁ ଚାଲାଣ କରିବା ପାଇଁ ମରାଡୁଗୋଚ୍ଛା ଗ୍ରାମର ତେଲ ନଦୀ କୂଳରେ ବିପୁଳ ପରିମାଣର ଚୋରା ଗଞ୍ଜେଇ ଗଚ୍ଛିତ କରିଛନ୍ତି। ଏପରି ସୂଚନା ପାଇବା ପରେ ସେମାନେ ମରାଡୁଗୋଚ୍ଛା ଗ୍ରାମର ତେଲ ନଦୀ ପାର୍ଶ୍ୱରେ ଚଢାଉ କରିଥିଲେ । ପୋଲିସ ଦଳକୁ ଦେଖି ସମସ୍ତ ବେପାରୀ ଘଟଣାସ୍ଥଳରୁ ପଳାଇ ଯାଇଥିଲେ ।

## ଶିକ୍ଷୟିତ୍ରୀଙ୍କ ପୁନଃପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ



ବୈଶିଙ୍ଗା,୨୩।୩(ସଂଚାର ବ୍ୟୁରୋ)ଃ ବେତନଟୀ ବ୍ଲକ ଅଧୀନ ଅଁଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟୀତ୍ରୀ ଙ୍କ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର -୨୦୨୬ ଉଦଯାପିତ ହୋଇ ଯାଇଛି। ମୟୁରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ମାର୍ଚ୍ଚ ମାସ ୧୯ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପଞ୍ଚ ଦିବସୀୟ ପ୍ରଶିକ୍ଷଣ ଶିବିର କୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ୨୦୨୧ ମସିହା ଠାରୁ ୨୦୨୬ ମସିହା ପର୍ଯ୍ୟନ୍ତ ନିଯୁକ୍ତି ପାଇ ଥିବା ଜିଲ୍ଲା ର ମୋଟ ୧୨୯ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଶିବିର ରେ ଯୋଗ ଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଓଡିଶାର ବିଭିନ୍ନ ଜିଲ୍ଲାରୁ ରାଜ୍ୟ ସ୍ତରୀୟ ବରିଷ୍ଠ ପ୍ରଶିକ୍ଷକଗଣ କ୍ରିକେଟ, ଭଲି ବଲ, ଫୁଟବଲ, ରଗବି, ହ୍ୟାଣ୍ଡ ବଲ, ବାସ୍କେଟ ବଲ, ହକି, ଖୋ କୋ, କବାଡି, ଉଷୁ, ତାଇ କାଣ୍ଡୋ, ବ୍ୟାଡ଼ମିଣ୍ଟନ, ଯୋଗାସନ, ତିରନ୍ଦାଜ, ଦୌଡ କୁଦ ଓ ବୀଚ ଭଲି ବଲ ଇତ୍ୟାଦି ୧୬ ଟି .ବିଭାଗରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ଭାଗିରଥି ମଲ୍ଲିକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଆୟୋଜିତ ଏହି ଆବାସିକ ଶିବିର ରେ ଶିବିରାର୍ଥୀ ମାନେ ଉଭୟ ତଥ୍ୟାତ୍ମକ ଓ ପ୍ରୟୋଗାତ୍ମକ ଭିତ୍ତିକ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି।

## ଜନଗଣନା ପାଇଁ ଲାଞ୍ଜିଗଡ଼ ବ୍ଲକରେ ୩ଦିନିଆ ତାଲିମ ଶିବିର



ଲାଞ୍ଜିଗଡ଼,୨୩।୩(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମାଁ ହିରାନୀଳା ଡିଗ୍ରୀ ବିଦ୍ୟାଳୟରେ ଜନଗଣନା ୨୦୨୭ ପାଇଁ ପ୍ରଥମ ତ୍ରିଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କରି ଏକ ନୂଆ ରୂପ ଯାହାକି କମ୍ପ୍ୟୁଟରୀକରଣ ତଥା ଡିଜିଟାଲ ମୋଡରେ ଜନଗଣନା କରାଯିବ। ଏଥିପାଇଁ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅଭିଜ୍ଞତା ସମ୍ପନ୍ନ ଶିକ୍ଷକ ମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ଜନଗଣନା ତାଲିମ ପ୍ରଦାନ କରାଯାଇଛି।ଗତ ୨୦୧୧ ରେ ଜନ ଗଣନା ଅନୁଷ୍ଠିତ ହୋଇଥିଲା। ୨୦୨୧ ରେ ପୁଣିଥରେ ଜନଗଣନା ହେବା କଥା। ହେଲେ ମହାମାରୀ କରୋନା ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏବେ ପୁଣି ୨୦୨୭ରେ ଆରମ୍ଭ ହେବ ଜନଗଣନା।ଏଥିପାଇଁ ଆରମ୍ଭ ହୋଇଯାଇଛି ପ୍ରକ୍ରିୟା।ପ୍ରଥମ ପର୍ଯ୍ୟାୟ ୧୬ ଅପ୍ରେଲ ୨୦୨୬ ରୁ ୧୫ ମଇ ୨୦୨୬ ଯାଏଁ ଗୃହ ଗଣନା କରାଯିବ। ୨୦୨୭ ମସିହା ଫେବୃୟାରୀ ୯ ରୁ ୨୮ ଯାଏଁ ଜନଗଣନା ଚାଲିବ ବୋଲି ସରକାର ଦିନ ଧାର୍ଯ୍ୟ କରିଛନ୍ତି। ତେବେ ଲାଞ୍ଜିଗଡ଼ ବ୍ଲକ ୨୦୨୭ ଜନଗଣନା ପାଇଁ ବୁଧବାର ଠୁ ଆରମ୍ଭ ହୋଇଯାଇଛି ତାଲିମ ଶିବିର।ଏଣୁ ଏହି ତ୍ରିଦିବସୀୟ ତାଲିମ ଶିବିରରେ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ତାଲିମ ପ୍ରଦାନ କରାଯିବ ବୋଲି ଲାଞ୍ଜିଗଡ଼ ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

## ମେରା ଯୁବା ଭାରତର ସହିଦ ଦିବସ ପାଳିତ

ବେତନଟୀ,୨୩।୩ (ସଂଚାର ବ୍ୟୁରୋ)ଃ ବଡ଼ସାହି ବ୍ଲକ୍ ଶାଳଗାଁ ମେରା ଯୁବା ଭାରତ (ମାଇଁ ଭାରତ) ଓ ଫୋର୍ଡ ନଖରା ମିଳିତ ଆନୁକୂଲ୍ୟରେ ସହୀଦ ଦିବସ ପାଳିତ ହୋଇଅଛି। ଏଥି ନିମନ୍ତେ ସଫେଇ କାର୍ଯ୍ୟକ୍ରମ ସହିତ ଜୟ ରାଜଗୁରୁ, ଭଗତ୍ ସିଂ ଓ ସୁକ ଦେବଙ୍କର ପ୍ଲାକାର୍ଡ ଧରି ପଦ ଯାତ୍ରା କରାଯାଇ ଅଛି। ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ ମୁଖ୍ୟ ଅତିଥି ସନ୍ତୋଷ କୁମାର ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧୀକ୍ଷକ, ମୁଖ୍ୟ ବକ୍ତା ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଉଚ୍ଚ ବିଦ୍ୟାଳୟ, ସମ୍ମାନୀତ ଅତିଥି ଭାବରେ ଚିତ୍ତରଞ୍ଜନ ପୁହାଣ ବିଜ୍ଞାନ ଶିକ୍ଷକ, କାଳୀଚରଣ ସିଂ ପୂର୍ବତନ ସରପଞ୍ଚ ଓ ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ଯୋଗ ଦେଇଥିଲେ। ଦେଶ ପାଇଁ କାମ କରି ଅନେକ ମହାପୁରୁଷ ମାନେ ସହୀଦ ହୋଇଯାଇଥିଲେ ସେଥି ମଧ୍ୟରୁ ଜୟ ରାଜଗୁରୁ, ଭଗତ୍ ସିଂ ଓ ସୁକ ଦେବଙ୍କର ଇଂରେଜ ବିରୁଦ୍ଧରେ ସାହସିକତାର କାର୍ଯ୍ୟାବଳୀ ପାଇଁ ସହୀଦ ହୋଇଯାଇଥିଲେ। ବୀର ମହାପୁରୁଷଙ୍କର କାର୍ଯ୍ୟାବଳୀ ଆଲୋଚନା କଲେ ଯୁବ ପିଢ଼ୀ ସମାଜ ପାଇଁ ପ୍ରେରଣା ଦାୟୀ ହୋଇ ପାରିବେ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ, ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ଯୁବକ ଯୁବତୀ ତଥା ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ସର୍ବଶେଷରେ ହିତେଶ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ● ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

## ୧୩୧ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୨୩।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ବାଉଁଶୁଣି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିତ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ରଜସ୍ୱ) ରାଜେନ୍ଦ୍ର ମାଝୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୩୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୧୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ୨୧ ଏକୋଇଶି ଗୋଟି ଅଭିଯୋଗ ପତ୍ର ଅଭିଯୋଗ ଶୁଣାଣି ସମୟରେ ଫଇସଲା କରାଯାଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

## ସିଓଟିପିଏ ଏନଫୋର୍ସମେଣ୍ଟ ଟିମ୍ : ଗୁଟଖା,ଫୁଡ ଲାଇସେନ୍ସ ଯାଞ୍ଚ

ନନ୍ଦପୁର,୨୩।୩ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାରେ ସୋମବାର ସିଓଟିପିଏ ଏନଫୋର୍ସମେଣ୍ଟ ଟିମ ପହଞ୍ଚି ନନ୍ଦପୁର ବଜାରର ଏକାଧିକ ଦୋକାନରେ ଗୁଟଖା ବିକ୍ରି, ଫୁଡ ଲାଇସେନ୍ସ, ବିକ୍ରି ପାଇଁ ଗଚ୍ଛିତ ଖାଦ୍ୟ ସାମଗ୍ରୀର ପ୍ରସ୍ତୁତି ଓ ସମାପ୍ତି ତାରିଖ ଯାଞ୍ଚ କରିଥିଲେ। ତ୍ରୁଟି ପରିଲକ୍ଷିତ ହୋଇଥିବା ଏକାଧିକ ଦୋକାନୀଙ୍କୁ ତାଗିଦ କରିବା ସହ ସେମାନଙ୍କ ଠାରୁ ଫାଇନ ଆଦାୟ କରିଥିଲେ। ଟିମ୍‌ରେ ଜିଲା ଫୁଡ ଇନ୍ସପେକ୍ଟର ପଙ୍କଜିନୀ ଦେହୁରୀ, ଡ୍ରଗ ଇନ୍ସପେକ୍ଟର ନକ୍ଷତ୍ର ଭୂଷଣ ନାୟକ, ନନ୍ଦପୁର ପୋଲିସ ଥାନା ଏସଆଇ ପ୍ରତ୍ୟୁଷ କୁମାର ପଟେଲ ପ୍ରମୁଖ ସାମିଲ ଥିଲେ। ଯାହାକୁ ଦେଖି ଦୋକାନୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଅନ୍ୟପଟେ ଏଭଳି ଯାଞ୍ଚ ପ୍ରକ୍ରିୟା ଦୋକାନୀଙ୍କୁ ଗଚ୍ଛିତ ଖାଦ୍ୟ ସାମଗ୍ରୀର ସ୍ଥିତି ପରଖିବାକୁ ସଚେତନ କରିବ ବୋଲି ଖାଉଟିମାନେ ମତପ୍ରକାଶ କରିଥିଲେ।

## ସଫଳ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ

ଲାଞ୍ଜିଗଡ଼,୨୩।୩(ସଂଚାର ବ୍ୟୁରୋ)ଃ ଗ୍ରାମାଞ୍ଚଳର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ ନେଇଁ କୁଆଁଙ୍ଗବସା ବିଶ୍ୱନାଥପୁର ଠାରେ ଅନେକ ସମୟରେ ଅନେକ ଧନ୍ଦାମୂଳକ ଶିକ୍ଷା ଭିଆରଓ ପକ୍ଷରୁ ପ୍ରଦାନ କରାଯାଉଛି। ପ୍ରତିଷ୍ଠା ଲାଭ କରିବା ଗ୍ରାମ୍ୟ ପୁନଃ ନିର୍ମାଣ ସଂସ୍ଥା ନିକଟସ୍ତ ଗ୍ରାମ ଗୁଡ଼ିକରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ମହିଳା ଓ ଯୁବତୀଙ୍କୁ ସିଲାଇ, ଫିନାଇଲ ପ୍ରସ୍ତୁତି ସହ ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିଆସୁଛି ଭିଆରଓ।ସେହିପରି ଚଳିତ ବର୍ଷ କୁଆଁଙ୍ଗବସା ବିଶ୍ୱନାଥପୁର ଠାରେ ପାର୍ବତୀ ମହାରଣାଙ୍କ ନେତୃତ୍ୱରେ ରୀତା ଦଣ୍ଡସେନା(ପ୍ରତାପ ପୁର), ଗାୟତ୍ରୀ କରୁଆଁ(ମେଲଘୁଟୁ), ନମିତା ତାଣ୍ଡି(ଦୂରଭଟା), କରିନା ଗଣ୍ଡା(ସାଙ୍କୁଳି ପଦର), ଦମୟନ୍ତୀ ମାଝୀ (କାଠସମା), ପଦ୍ମିନୀ ବେହେରା(ଡୁମେରମୁଣ୍ଡା), ମାନିନୀ ବେହେରା(ଇଜୁରୂପା), ମିନର୍ଭା ସାହୁ(ଭିରକାପଡ଼ା) ଙ୍କ ଅଧୀନରେ ଦଶ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ।ଏନେଇ ସୋମବାର ଉକ୍ତ କୁଆଁଙ୍ଗବସା ବିଶ୍ୱନାଥପୁର ଠାରେ ସଂଯୋଜିକା ପାର୍ବତୀ ମହାରଣାଙ୍କ ସଭାପତିତ୍ୱରେ ଏକ ବାର୍ଷିକ ପ୍ରମାଣ ପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଜନଶୁଣାଣି ଓ ସମାଧାନ ଶିବିର



କଳାହାଣ୍ଡି, ୨୩।୩ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଏସଜି ଏସୱାଇ ମିଟିଙ୍ଗ ହଲ ଠାରେ ବ୍ଲକ ସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନ ଶୁଣାଣି ଓ ସମାଧାନ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଜନ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକୁ ବିଭାଗୀୟ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୋଟ ୭୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଶିବିରରେ ମୋଟ ୧୫ ଜଣ ଙ୍କୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ପଣ୍ଡିଗାଁ ର ୨ ଜଣ ଭିନ୍ନକ୍ଷମ ଚକ୍ର ଶବର ଓ ସନ୍ଧ୍ୟାରାଣୀ ମାଝୀ ଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାପାଳ ଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗର ରାଜ ଦେବରକୁଣ୍ଡା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସମିତି ଅଧ୍ୟକ୍ଷା ଜ୍ୟୋତି ନାଏକ, ସମିତି ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ତହସିଲଦାର ସ୍ମରଣିକା ତୁଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମଧୁସ୍ମିତା ନାଏକ, କଳମପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜ୍ୟୋତି କ୍ରିଷ୍ଣା ମାଝୀ ତଥା ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ।

### ଥମୁନି ଦାଦନ ଯନ୍ତ୍ରଣା

# ଆନ୍ଧ୍ର ଇଟାଭାଟିରେ ବନ୍ଧା ପଡିଛି ଜୀବନ



ପଦ୍ମପୁର,୨୩।୩ (ସଂଚାର ବ୍ୟୁରୋ)ଃ ବରଗଡ଼ ଜିଲ୍ଲା ପଦ୍ମପୁରରୁ ପୁଣି ଆସିଛି ଦାଦନ ଯନ୍ତ୍ରଣାର ଖବର । ଦାଦନ ଖଟିବାକୁ ଯାଇ ଆନ୍ଧ୍ରପ୍ରଦେଶର ଇଟାଭାଟିରେ ବନ୍ଧକ ପଡ଼ିଛନ୍ତି ଯାଇଥିବା ଦୁଇ ନାବାଳକ ଶିଶୁ । ଦୁଇ ଛୁଆଙ୍କୁ ମୁକୁଳାଇ ଆଣିବାକୁ ସରକାରଙ୍କୁ କାନ୍ଦି କାନ୍ଦି ନେହୁରା ହୋଇଛନ୍ତି ବାପା, ମା' । କାନ୍ଦି କାନ୍ଦି ଲୋଟି ପଡୁଛି ମା' । ବାପା ବି ଅସହାୟ । କିଏ କାହାକୁ ବୁଝାଇବ, କିଏ କାହାକୁ ସାହସ ଦେବ । ଏଠି ଦୁହେଁ ନିରୂପାୟ। ୨ ମାସ ହେଲାଣି ଦୁଇ ପିଲା ଆନ୍ଧ୍ର ଇଟାଭାଟିକୁ କାମ କରିବାକୁ ଯାଇ ମାଲିକ ପାଖରେ ବନ୍ଧା ପଡ଼ିଛନ୍ତି । ସେଠି ମାଲିକ ପିଲାଙ୍କୁ ଖାଇବାକୁ ଦେଉନି, ନିର୍ଯାତନା ଦେଉଛି । ପୁଅ, ଝିଅଙ୍କୁ ମୁକୁଳାଇ ଆଣିବାକୁ ସରକାରଙ୍କୁ କାନ୍ଦିକାନ୍ଦି ଗୁହାରି କରିଛନ୍ତି ମା' । ପଦ୍ମପୁର ଝାରବନ୍ଧ ବ୍ଲକ ଜାମପାଲି ଗାଁର ଶୁକ୍ରୁ ସୁନା ଓ ସ୍ତ୍ରୀ ଲଳିତା ସୁନା । ଗାଁରେ କାମଧନ୍ଦା ନମିଳିବାରୁ ଛତିଶଗଡ଼ର ଜଣେ ଦଲାଲ ସହାୟତାରେ ଆନ୍ଧ୍ରପ୍ରଦେଶ ସୋମେଶ୍ୱରମ୍‌ର ଇଟାଭାଟିକୁ ପିଲା ଛୁଆଙ୍କୁ ଧରି କାମ କରିବାକୁ ଯାଇଥିଲେ । ଶୁକ୍ରୁଙ୍କ ପରିବାରକୁ ଆଗୁଆ ୩୦ ହଜାର ଟଙ୍କା ପୈଠ କରିଥିଲା ଦାଦନ ସର୍ଦ୍ଦାର। କାମ କରି ଟଙ୍କା ଶୁଝିବା ପରେ ଘରକୁ ଫେରିବାକୁ ଛୁଟି ମାଗିଥିଲେ ଶୁକ୍ରୁ । ମାଲିକ ଶୁକ୍ରୁ, ତାଙ୍କ ସ୍ତ୍ରୀ ଓ ଜଣେ ନାବାଳକ ପୁଅକୁ ଛୁଟି ଦେଇଦେଲା, ଆଜି ବି ମାଲିକ ପାଖେ ବନ୍ଧା ପଡ଼ିଛନ୍ତି ୧୭ ବର୍ଷିୟ ନାବାଳକ ପୁଅ ଦୀପକ ସୁନା ଓ ୧୨ ବର୍ଷିୟ ନାବାଳିକା ଝିଅ ଦୀପିକା ସୁନା । ଶୁକ୍ରୁଙ୍କର ଚାଷ ଜମି କି ଘର ଡିହ କିଛି ନାହିଁ । ଗାଁ ଲୋକଙ୍କ ପକ୍ଷରୁ ଦିଆଯାଇଥିବା ଜମିରେ ଝାଟିମାଟିର କୁଡ଼ିଆରେ ରହୁଛନ୍ତି । ପିଲାଙ୍କ ଚିନ୍ତାରେ ଭୋକ ଶୋଷ ଭୁଲିଗଲେଣି । ସାହି ପଡ଼ିଶା ପାଳି କରି ଖାଇବାକୁ ଦେଉଛନ୍ତି । ଓଡ଼ିଶାରୁ ଯାଇ ଆନ୍ଧ୍ରରେ ପିଲା ବନ୍ଧା ପଡ଼ିବାଠୁ ଲଜ୍ଜାଜନକ ଆଉ କ'ଣ ହୋଇପାରେ ? ପ୍ରଶାସନ ତୁରନ୍ତ ଦୀପକ ଓ ଦୀପିକାଙ୍କୁ ଇଟାଭାଟି ମାଲିକଙ୍କ ପାଖରୁ ଉଦ୍ଧାର କରିବାକୁ ଦାବି କରିଛନ୍ତି ।

